ମୃତ୍ୟୁ ଆରପାରିରୁ ସଙ୍କେତ



Digitized by srujanika@gmail.com

ମୃତ୍ୟୁ ଆରପାରିରୁ ସଙ୍କେତ

ଚନ୍ଦ୍ରଶେଖର ରଥ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ : ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ଡି.ଟି.ପି. ଓ ମୁଦ୍ରଣ : ତପନ କୁମାର ମହାପାତ୍ର
ଅପ୍ରତିମା ଅଫସେଟ୍ ପ୍ରିଣ୍ଟସ୍
ସୂତାହାଟ, କଟକ-୧

ପ୍ରଥମ ସଂସ୍କରଣ : ମାର୍ଚ୍ଚ, ୨୦୦୩

ମୂଲ୍ୟ : ଟ. ୫୦/-

Digitized by srujanika@gmail.com

ଭୂମିକା

ମୃତ୍ୟୁ କ'ଣ ଏକ ଘଟନା ନା ଏକ ପ୍ରବାହ ? ଏକ ଅନୁଭବ ବା ଅନନୁଭବ୍ୟ ଶୂନ୍ୟତା ? ଏକ ଆୟତନ ନା ଏକ ସୀମାରେଖା ? ମୃତ୍ୟୁ କ'ଣ ଜୀବନର ପରିପନ୍ଥୀ ନା ପରିପୂରକ ? ମୃତ୍ୟୁ ନଥାଇ ଜୀବନ, ଜୀବନ ନଥାଇ ମୃତ୍ୟୁ କ'ଣ ସମ୍ଭବ କି ? ମୃତ୍ୟୁ କ'ଣ ଏକ ଆକସ୍ମିକ ଆବିର୍ଭାବ, ନା ଏକ ଅନିବାର୍ଯ୍ୟ ପରିଣାମ ? ଏକ ପୂର୍ଣ୍ଣଚ୍ଛେଦ, ନା ଏକ ବିରାମ ? ମୃତ୍ୟୁ ସତେ କ'ଣ ? କାହିଁକି ?

ଏହିଭଳି ଅସଂଖ୍ୟ ପ୍ରଶ୍ନ ମଣିଷକୁ ଆନ୍ଦୋଳିତ ଓ ଉଚ୍ଚାଟିତ କରିଆସିଛି । ଏଗୁଡ଼ିକର ନିର୍ଦ୍ଦିଷ୍ଟ ସ୍ଥିର ଉତ୍ତର ସେ ପାଇନାହିଁ, କାରଣ ତା'ର ମୃତ୍ୟୁ ବିଷୟକ ଜ୍ଞାନ ପର୍ଯ୍ୟାପ୍ତ ନୁହେଁ । ତଥାପି ସେ ସ୍ୱୀକାର କରିଆସିଛି ଯେ–

ମୃତ୍ୟୁ ଏକ ଅବଧାରିତ ଅବଶ୍ୟମ୍ଭାବୀ ସତ୍ୟ ।

ଯାହାର ଜନ୍ମ ଅଛି ତାର ମୃତ୍ୟୁ ଅବଶ୍ୟ ଅଛି ।

ଜନ୍ମ ପୂର୍ବରୁ ଏବଂ ମୃତ୍ୟୁ ପରେ କ'ଣ ହୁଏ କେହି କହିପାରିବେନାହିଁ ।

ମୃତ୍ୟୁ ଏକ ଦୁର୍ଭେଦ୍ୟ ରହସ୍ୟ ।

ସେ ମଧ୍ୟ ଯୁକ୍ତି କରି ଆସିଛି ଯେ–

ମୃତ୍ୟୁ ଓ ଜୀବନ ପରସ୍ପରଠାରୁ ଅବିଚ୍ଛେଦ୍ୟ । ପ୍ରାଣୀର ପ୍ରତ୍ୟେକ ନିଶ୍ୱାସ ମୃତ୍ୟୁ ଓ ପ୍ରତ୍ୟେକ ପ୍ରଶ୍ୱାସ ଜୀବନ । ଏଣୁ ଜୀବନ ଓ ମୃତ୍ୟୁ ଗୋଟିଏ ଛନ୍ଦରେ ପ୍ରବାହିତ । ମୃତ୍ୟୁ କୌଣସି ଘଟନା ନୁହେଁ, ମୃତ୍ୟୁ ଏକ ପ୍ରବାହ ।

ମୃତ୍ୟୁ ଯଦି ଶରୀରର ପତନକୁ ହିଁ ବୁଝାଏ, ତା'ହେଲେ ଶରୀରାଶ୍ରୟୀ ସମସ୍ତ ଇନ୍ଦ୍ରିୟର ବିଲୋପ ହେଉଥିବାରୁ ମୃତ୍ୟୁର ଅନୁଭବ ସମ୍ଭବ ନୁହେଁ, ତାକୁ କିଏ ଅନୁଭବ କରିବ ଓ କିପରି? ଅନୁଭବ କରିବାର ସମସ୍ତ ମାଧ୍ୟମ ଓ ଭୂମି ଅବଲୁପ୍ତ ହେଲେ ଅନୁଭବ ସମ୍ଭବ ନୁହେଁ । ହୋଇପାରେ ମୃତ୍ୟୁ ଏକ ଅତଳ ଶୂନ୍ୟତା । ଶୂନ୍ୟତା କୌଣସି ବିଷୟ ହୋଇନଥିବାରୁ ତାହା ଅନୁଭବସାପେକ୍ଷ ନୁହେଁ ।

ହଠାତ୍ ଆଲୁଅ ଲିଭିଗଲାପରି ମୃତ୍ୟୁ ଆସେ । ଇହକାଳର ମନ ପ୍ରାଣ ଶରୀର ସ୍ତରୀୟ ସମସ୍ତ କ୍ରିୟା ପ୍ରତିକ୍ରିୟା ସେଇ ମୁହୂର୍ତ୍ତରେ ସ୍ଥଗିତ ହୋଇଯାଏ । ତା'ପୂର୍ବରୁ ମୃତ୍ୟୁ ଛାୟା ରୂପରେ ଜୀବନର ଅନୁସଙ୍ଗୀ ହୋଇ ହୁଏତ ରହିଥାଏ । କିନ୍ତୁ ଗୋଟାଏ ମୁହୂର୍ତ୍ତରେ, ମୃତ୍ୟୁ ଶତପ୍ରତିଶତ ପ୍ରକଟ ହୋଇଯାଏ । ସେଇଟା ଏ ଜୀବନର

Digitized by srujanika@gmail.com

ଶେଷମୁହୂର୍ତ୍ତ ନୁହେଁ, ତାର ଅବ୍ୟବହିତ ପରମୁହୂର୍ତ୍ତ ଏହା ଏକ ଅଲଂଘନୀୟ ବେସାଲିସ୍ ସୀମାରେଖା । ସେଥିପାଇଁ ହୁଏତ ମୃତ୍ୟୁର ଆୟତନ କହିଲେ ବିସ୍ତାର ନୁହେଁ, କେବଳ ଏକ ରେଖାର ଗଭୀରତା, ଗୋଟିଏ ବିନ୍ଦୁର ଅତଳ ଗର୍ଭକୁ ହିଁ ବୁଝାଏ । ଜୀବନ ଓ ମୃତ୍ୟୁର ଆପେକ୍ଷିକ ନିର୍ଭରଶୀଳତା ଉଭୟକୁ ଅର୍ଥ ଓ ତାତ୍ପର୍ଯ୍ୟ ପ୍ରଦାନ କରେ । ଯାହାର ଆଦି ଅବ୍ୟକ୍ତ, ଅନ୍ତ ମଧ୍ୟ ଅବ୍ୟକ୍ତ, ସେ ମଝିରେ କେବଳ ବ୍ୟକ୍ତ ହୁଏ । ଏହି ବ୍ୟକ୍ତ ମାତ୍ର ହିଁ ଜୀବନ । ଏହାର ନିର୍ଦ୍ଦିଷ୍ଟ ସୀମାରେଖା, ନିର୍ଦ୍ଦିଷ୍ଟ ଆୟତନ ଥିବାରୁ ଏହା ଅନୁଭବସାପେକ୍ଷ, ବୋଧଗମ୍ୟ । କିନ୍ତୁ ଯାହା ଅବ୍ୟକ୍ତ ତାହା ଏ ପରିସୀମାର ବହିର୍ଭୂତ ।

ଦୀପ ନିର୍ବାପିତ ହେଲେ ଶିଖା ଅଦୃଶ୍ୟ ହୋଇଯାଏ, ଯାହା ଅବଶେଷ ରହେ ତାହା କେବଳ ଏକ ଶୀତଳ ପିଣ୍ଡ । ତାହା ଏକଦା ଅଗ୍ନିର ଆଧାର କିମ୍ବା ଉପଜୀବ୍ୟ ଉପାଦାନ ଥିଲା, କିନ୍ତୁ ନିର୍ବାପିତ ହୋଇଗଲା ପରେ ସେଥିରୁ ଅଗ୍ନି ତିରୋହିତ ହୋଇଯାଏ; ଏଣୁ ଜ୍ୱଳନ ବା ଦୀପନ କ୍ରିୟା ଆଉ ହୁଏ ନାହିଁ । ସେହିପରି ଜୀବନ ନିର୍ବାପିତ ହେଲେ ଯାହା ପଡିରହେ ତାହା ଏକ ଶୀତଳ ପିଣ୍ଡ ମାତ୍ର । ତାକୁ ଜୀବନ ପ୍ରକ୍ରିୟାରେ ଉପଜୀବ୍ୟ କରି ବ୍ୟବହାର କରୁଥିବା ତତ୍ତ୍ୱଟି ତିରୋହିତ ହୋଇଯାଏ । ଶରୀରର ପତନ ହିଁ ମୃତ୍ୟୁ । କିନ୍ତୁ ଶରୀରକୁ ଜୀର୍ଣବସ୍ତ୍ର ପରି ତ୍ୟାଗ କରୁଥିବା ତତ୍ତ୍ୱଟି ମୃତ୍ୟୁ ଅଧୀନ ନୁହେଁ । ଏଣୁ ଏକ ଅବିନଶ୍ୱର ଆତ୍ମାର କଳ୍ପନା କରାଯାଇଛି । ବାସ୍ତବବାଦୀମାନେ କହନ୍ତି – ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ ! –କିନ୍ତୁ ତଦ୍ରୂପ ତତ୍ତ୍ୱବାକ୍ୟ ଅନ୍ୟ ପକ୍ଷରୁ ମଧ୍ୟ ଶୁଣାଯାଏ –ଜାତାସ୍ୟହି ଧ୍ରୁବୋ ମୃତ୍ୟୁଃ ଧ୍ରୁବଂ ଜନ୍ମ ମୃତସ୍ୟ ଚ,'' ''ନଚୈବ ନଭବିଷ୍ୟାମଃ, ସର୍ବେବୟମତଃପରମ୍'' – ଉଭୟ ପକ୍ଷର ମତରେ ଦୃଢ଼ତା ଅଛି । ଆତ୍ମା ନାହିଁ, ଆତ୍ମା ଅଛି –ଏ ବିବାଦ ଏ ପର୍ଯ୍ୟନ୍ତ ଅମୀମାଂସିତ ହୋଇରହିଛି । ଆତ୍ମା ଇନ୍ଦ୍ରିୟଗ୍ରାହ୍ୟ ନୁହେଁ, ବିଷୟୀଭୂତ ନୁହେ, ଏଣୁ ତାହା ପ୍ରମାଣିତ ନୁହେଁ –କହନ୍ତି ସମସ୍ତ ଯୁକ୍ତିବାଦୀ, ବସ୍ତୁବାଦୀ ପଣ୍ଡିତମାନେ । ବିଜ୍ଞାନ ସ୍ଥୂଳ ଦୃଷ୍ଟିରେ ଏମାନଙ୍କ ମତକୁ ସମର୍ଥନ କରେ । କିନ୍ତୁ ବିଜ୍ଞାନର ସୂକ୍ଷ୍ମାତିସୂକ୍ଷ୍ମ ସ୍ତରରେ ବସ୍ତୁଧର୍ମକୁ ଉଲ୍ଲଂଘନ କରୁଥିବା ତତ୍ତ୍ୱ ମଧ୍ୟ ପ୍ରମାଣିତ ତଥ୍ୟରୂପେ ଗ୍ରହଣକରାଯାଏ – ଯଥା କୌଣସି ବସ୍ତୁକଣିକା ଗତି କରେ କି କରେନାହିଁ ତାହା ପ୍ରମାଣିତ ହୋଇପାରେନାହିଁ । ଏଣୁ ସେମାନେ ଉଭୟ ଲକ୍ଷଣକୁ ସ୍ୱୀକାର କରି କହନ୍ତି ଯେ ତାହା ଗତି କରେନାହିଁ ଏଣୁ କଣିକା (particle), ଗତିକରେ ଏଣୁ ତରଙ୍ଗ (wave) । ଏ ପରିସ୍ଥିତିରୁ ଅନେକ ଅନେକ ଆହୁରି ସୂକ୍ଷ୍ମ ସ୍ତରରେ ବିଜ୍ଞାନ ଆଉ ପ୍ରମାଣ ବା ପ୍ରାମାଣିକତାର ସ୍ଥୂଳ ମାଧ୍ୟମରେ ସୀମିତ ରହେନାହିଁ । ଏଣୁ ଯାହା ଅଛି ତା' ହୁଏତ ଅଛି, ଯାହା ନାହିଁ ତାହା ହୁଏତ ଥାଇପାରେ, ଏଭଳି ଏକ ଦୋଦୁଲ୍ୟମାନ ମତ ଏବେ

Digitized by srujanika@gmail.com

ବିଜ୍ଞାନସମ୍ମତ ବୋଲି ଗୃହୀତ ହୋଇଯାଇଛି । ଆତ୍ମା ଥିବା ନଥିବା ବିଷୟରେ ବିଜ୍ଞାନ କୌଣସି ନିର୍ଦ୍ଦିଷ୍ଟ ପକ୍ଷଭୁକ୍ତ ନହୋଇ ଗୋଟାଏ ମୁକ୍ତ ସଂଭାବନାର ନୀରବତା ଅବଲମ୍ବନ କରିଥାଏ ।

କୌଣସି ପ୍ରମାଣର ଅପେକ୍ଷା ନରଖି କାହିଁକି ଓ କିପରି ସମଗ୍ର ପୃଥିବୀରେ ମାନବ ଇତିହାସର ପ୍ରାକ୍‌କାଳରୁ ଅଦ୍ୟାବଧି, ଆତ୍ମା ନାମକ ଏକ ରହସ୍ୟକୁ ଏତେ ପରିମାଣର ସ୍ୱୀକୃତି ମିଳିଛି କହିବା କଠିନ । ପ୍ରାୟ ପ୍ରତ୍ୟେକ ଧର୍ମ, ସଂସ୍କୃତି ଓ ଦର୍ଶନରେ ଆତ୍ମାକୁ ସ୍ପଷ୍ଟ ବା ଅସ୍ପଷ୍ଟ ମାନ୍ୟତା ମିଳିଛି । ସବୁଠାରେ ଆତ୍ମାକୁ ମୃତ୍ୟୁ ବହିର୍ଭୂତ ଏକ ତତ୍ତ୍ୱ ରୂପେ ଗ୍ରହଣ କରାଯାଇଛି । ତାହା ଶରୀରକୁ ଗ୍ରହଣ କରେ ଏବଂ ପରିହାର କରେ । ଶରୀର ତାର ପରିଧେୟ, କିନ୍ତୁ ପରିଚୟ ନୁହେଁ । ଆତ୍ମାକୁ ବିଶ୍ୱାସ କରାଯାଏ କିନ୍ତୁ ପ୍ରମାଣ କରିହୁଏ ନାହିଁ । ସ୍ଥଳବିଶେଷରେ ଅଶରୀରୀ ଆତ୍ମା ସହିତ ପରିଚୟ ହୋଇଥାଏ । ରାମାୟଣରେ ବନବାସିନୀ ସୀତା ଗୋଦାବରୀ କୂଳରେ ଦଶରଥଙ୍କର ଅଶରୀରୀ ଆବିର୍ଭାବକୁ ପିଣ୍ଡଦାନ କରିବାର ଉଲ୍ଲେଖ ଅଛି । ସେକ୍ସପିଅରଙ୍କ ନାଟକ ହ୍ୟାମ୍‌ଲେଟ୍‌ରେ ତାଙ୍କର ପିତାଙ୍କ ପ୍ରେତାତ୍ମା ନିଜର ହତ୍ୟାରହସ୍ୟ ଉଦ୍‌ଘାଟନ କରନ୍ତି । ପୃଥିବୀର ବିଭିନ୍ନ ସାହିତ୍ୟରୁ ଏଭଳି ଶତାଧିକ ଦୃଷ୍ଟାନ୍ତ ଦିଆଯାଇପାରେ । ଏହାଦ୍ୱାରା ସୂଚନା ମିଳେ ଯେ—

୧ । ମୃତ୍ୟୁ ପରେ ଆତ୍ମା ଅବଶେଷ ରହିଯାଏ ।

୨ । ପରିତ୍ୟକ୍ତ ଶରୀରର ଆକୃତି ନେଇ ସେ ପ୍ରକଟ ହୋଇଥାଏ ।

୩ । ଇହଲୋକରେ ଘଟିଥିବା ଘଟନା ଓ ସଂପର୍କ ସହିତ ସେ ଜଡ଼ିତ-ରହିପାରେ ।

୪ । ଇହଲୋକର ଅତୃପ୍ତ କାମନା ବାସନାକୁ ଚରିତାର୍ଥ କରିବାକୁ ସେ ଇଚ୍ଛା-କରିପାରେ ।

ମୋଟ ଉପରେ ଶରୀରର ପତନ ପରେ ଅବଶେଷ ଆତ୍ମାରେ ସେହି ଜୀବନ କିଛିକାଳ ପର୍ଯ୍ୟନ୍ତ ଅବ୍ୟାହତ ରହେ । କେତେ କାଳ ପର୍ଯ୍ୟନ୍ତ ଇହଲୋକ ସହିତ ପରଲୋକଗତ ଆତ୍ମା ସଂପୃକ୍ତ ରହେ ସେ ବିଷୟରେ ଏକାଧିକ ମତ ପ୍ରକାଶ ପାଏ । ଅତୃପ୍ତ କାମନାର ପୂର୍ତ୍ତି ବା ସମାପ୍ତି ନହେବା ପର୍ଯ୍ୟନ୍ତ ଆତ୍ମା ସେହି ଜୀବନରୁ ମୁକ୍ତ ହୋଇପାରେନାହିଁ । କାମନା ତୃପ୍ତ ହୋଇଗଲେ ହୁଏତ ତାହା ଘଟାନ୍ତରରେ ପ୍ରବେଶ କରେ ।

ଆଉ ଏକ ମତାନୁସାରେ ଶରୀରର ପତନ ଏକ ଅବସ୍ଥାନ୍ତର ମାତ୍ର । ଶରୀର ଯାତ୍ରାରେ ଯେପରି କୌମାର, ଯୌବନ ଓ ଜରା କ୍ରମାନ୍ୱୟ ଦେଖାଦିଅନ୍ତି ଓ ଗୋଟିଏ ଅବସ୍ଥାରୁ ଅନ୍ୟ ଏକ ଅବସ୍ଥାକୁ ଆତ୍ମା ପ୍ରସ୍ଥାନ କରେ, ସେହିପରି ଦେହାନ୍ତରପ୍ରାପ୍ତି ।

Digitized by srujanika@gmail.com

ଏଣୁ ଶରୀରର ପତନ ହେବାର ଅବ୍ୟବହିତ ପରେ ଆତ୍ମା ଆଉ ଏକ ଶରୀରରେ ଆଶ୍ରୟ ନେଇଯାଏ । ଦୁଇଟି ଶରୀରାଶ୍ରୟୀ ଜୀବନକୁ ପୃଥକ୍ କରିବାକୁ କୌଣସି କାଳକ୍ଷେପଣ ବା ମଧ୍ୟାନ୍ତର ନାହିଁ ।

ଏହି କ୍ରମରେ ବହୁ ଜନ୍ମଜନ୍ମାନ୍ତର ଦେଇ ଆତ୍ମା ଗତିକରିଚାଲିଥାଏ । ''ବହୂନି ମେ ବ୍ୟତୀତାନି ଜନ୍ମାନି ତବଚାର୍ଜୁନ ।'' କିନ୍ତୁ ଘଟାନ୍ତର ସମୟରେ ଯାହାକୁ ଆମେ ମୃତ୍ୟୁ ନାମରେ ଅଭିହିତ କରିଥାଉ, ତାର ପୂର୍ବବର୍ତ୍ତୀ ଜୀବନ ବା ଜୀବନ ମାନଙ୍କର ସମସ୍ତ ସ୍ମୃତି ସାଧାରଣତଃ ଲୋପପାଇଯାଏ । ଅସାଧାରଣ କ୍ଷେତ୍ରରେ ସ୍ମୃତି ସ୍ପଷ୍ଟ ରହିଥାଏ । ''ତାନ୍ୟହଂ ବେଦ ସର୍ବାଣି ନତ୍ୱଂବେତ୍ଥ ପରନ୍ତପ'' –ଆମ ଦୁହିଙ୍କର ବହୁ ଜନ୍ମ ବ୍ୟତୀତ ହୋଇସାରିଚି । ସେ ବିଷୟରେ ତୋର କୌଣସି ସ୍ମୃତି ବା ଜ୍ଞାନ ନାହିଁ, କିନ୍ତୁ ମୁଁ ସେ ସବୁ ଜାଣେ । ଜାତସ୍ମର ମାନଂକ ବହୁ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ଆଉ ଏକ ଶରୀରରେ ପ୍ରବେଶକଲାପରେ ସୁଦ୍ଧା, ଆତ୍ମା ପୂର୍ବଜନ୍ମର ସ୍ମୃତି ବହନ କରିଥାଏ ଏବଂ ଦେଶ କାଳ ଓ ବ୍ୟକ୍ତିବିଶେଷକୁ ସେ ସହଜରେ ଚିହ୍ନଟ କରିଥାଏ ।

ନରମାନ୍ ଓ୍ୱିସ୍ ନାମଧେୟ ଜଣେ ପ୍ରଖ୍ୟାତ ସାଇକିଆଟ୍ରିଷ୍ଟ ତାଙ୍କ ଗବେଷଣା ପ୍ରସୂତ ଗ୍ରନ୍ଥ 'ମେନି ଲାଇଭ୍ସ୍ ମେନି ମାଷ୍ଟର୍ସ'ରେ ସର୍ବସମକ୍ଷରେ କ୍ୟାଥାରିନ୍ ନାମଧେୟା ଜଣେ ମହିଳାଙ୍କୁ ଅତୀତରେ ପ୍ରବେଶ କରାଇ ତାଙ୍କର ପୂର୍ବଜନ୍ମମାନଙ୍କର ବହୁ ତଥ୍ୟ ଉପସ୍ଥାପିତ କରିପାରିଛନ୍ତି; ଏପରିକି, ପ୍ରାଚୀନ ମିଶରରେ ଏକ ଜୀବନ ବିତାଇଥିବାର ସ୍ମୃତିଚାରଣ କରି କ୍ୟାଥାରିନ୍ ସମସ୍ତଙ୍କୁ ଅବାକ୍ କରିଦେଇଛନ୍ତି । ଓ୍ୱିସ୍‌ଙ୍କ ମତରେ ଜୀବନ ଏକ ନିରବଚ୍ଛିନ୍ନ ପ୍ରବାହ । ମୃତ୍ୟୁ ଏକ ତୋରଣ । ବସ୍ତୁତଃ ମୃତ୍ୟୁର କୌଣସି ଅସ୍ତିତ୍ୱ ବା ଭୂମିକା ନାହିଁ– କେବଳ ଏକ ସ୍ମୃତିଲୋପକାରୀ ପ୍ରଭାବ ଥାଇପାରେ ।

ପଲ ବ୍ରଣ୍ଟନ୍‌ଙ୍କ ଆତ୍ମଲିପି ସମ୍ବଳିତ ଗ୍ରନ୍ଥରେ ପିରାମିଡ୍ ଗର୍ଭରେ ସେ କିପରି ନିଜ ଶରୀରକୁ ପୃଥକ୍ ଏକ ସତ୍ତା ରୂପେ ଦେଖିପାରିଛନ୍ତି ତା'ର ବର୍ଣ୍ଣନା କରିଛନ୍ତି । ପୁରାତନ ମିଶରର ଜଣେ ଧର୍ମଯାଜକ ତାଙ୍କୁ ସେଭଳି ଅନୁଭବ ଦେବାରେ ସାହାଯ୍ୟ କରିଛନ୍ତି ଏବଂ ସାବ୍ୟସ୍ତ କରିଛନ୍ତି ଯେ ଏକପ୍ରକାର ଗୂଢ଼ ବିଦ୍ୟା ଓ ପ୍ରକ୍ରିୟା ବଳରେ ସେମାନେ ମିଶରର ରାଜା ଫାରୋଙ୍କୁ ଓ ସେହିପରି ଅନ୍ୟ ଯେକୌଣସି ବ୍ୟକ୍ତିଙ୍କୁ – ଯଥା ପଲ ବ୍ରଣ୍ଟନ୍ – ଆତ୍ମାର ଦେହାତିରିକ୍ତ ସ୍ୱତନ୍ତ୍ର ସତ୍ତା ବିଷୟରେ ପ୍ରତ୍ୟକ୍ଷ ଅନୁଭୂତି ଓ ଜ୍ଞାନ ଦାନ କରିପାରୁଥିଲେ । ଶରୀର ଏକ କ୍ଷେତ୍ର ଏବଂ ତାର ଅଧିବାସୀ ତାକୁ ଜାଣିଥିବା କ୍ଷେତ୍ରଜ୍ଞ ତା'ଠାରୁ ଭିନ୍ନ । ଏଣୁ ଅଶରୀରୀ ଆତ୍ମାର ସ୍ୱତନ୍ତ୍ର ସ୍ଥିତି, ଭୂମି ଓ ଭୂମିକା ସ୍ୱୀକାର କରାଯାଇପାରେ ।

ପିତୃଲୋକର ଉଲ୍ଲେଖ କଲାବେଳେ ପ୍ରେତ ଲୋକ ମଧ୍ୟ ସୂଚିତ ହୋଇଥାଏ । ଯଦି ଶରୀର ତ୍ୟାଗ କଲାପରେ ଆତ୍ମା ଆଉ ଏକ ଜଗତରେ ଅବସ୍ଥାନ କରେ

Digitized by srujanika@gmail.com

ତା'ହେଲେ ତ' ଏ ଜଗତରୁ ସେ ବିଚ୍ଛିନ୍ନ ହୋଇଗଲା । ଇହଲୋକଠାରୁ ପରଲୋକ ସଂପୂର୍ଣ୍ଣ ଭିନ୍ନ । କିନ୍ତୁ ଏ ଦୁଇ ଜଗତ ମଧ୍ୟରେ ହୁଏତ ଏକ ଭାସମାନ ବଳୟ ଅଛି – ତାହା ମୃତ୍ୟୁଲୋକ । ଅଶରୀରୀ ଆତ୍ମା ଏ ଜଗତର ସ୍ଥାନକାଳକୁ ଅତିକ୍ରମ କରିଗଲାପରେ ଏହି ବଳୟରେ ପ୍ରବେଶ କରେ । ସେଠାରେ ଦେଶକାଳ ହୁଏତ ନାହିଁ । ନର୍ମାନ ୱିସ୍‌ଙ୍କ ଚରିତ୍ର କ୍ୟାଥାରାଇନ ପାଇଁ ଗୋଟିଏ ଜନ୍ମ ଓ ଅନ୍ୟ ଜନ୍ମ ମଧ୍ୟରେ ବ୍ୟବଧାନ କେତେ ଦୀର୍ଘ ତାହା କହିବା କଠିନ । ମଧ୍ୟଯୁଗୀୟ ଗୋଟିଏ ଜୀବଦ୍ଦଶା, ପୁରାତନ ମିଶରୀୟ ଜୀବଦ୍ଦଶାଠାରୁ ବହୁ ଶତାବ୍ଦୀ ବ୍ୟବଧାନର ପୃଥକ୍ । ଏ ଦୀର୍ଘ ମଧ୍ୟାନ୍ତରର କୌଣସି ରୂପରେଖ ବିଷୟରେ ୱିସ୍ ନିରବ – ଏଣୁ ମୃତ୍ୟୁ କେବଳ ଏକ ତୋରଣ, ତାର ଅସ୍ତିତ୍ୱ ନାହିଁ, ଆୟତନ ନାହିଁ ବୋଲି କହିବା ପୂର୍ବରୁ କ୍ୟାଥାରାଇନ୍ ମାଧ୍ୟମରେ ୱିସ୍‌ଙ୍କୁ ପ୍ରାଚୀନ ମିଶରଯୁଗ ପର୍ଯ୍ୟନ୍ତ ପ୍ରସାରିତ ସାତ ହଜାର ବର୍ଷର ନିରବଚ୍ଛିନ୍ନ ବିବରଣୀ ପ୍ରସ୍ତୁତ କରିବାକୁ ହେବ । ତାଙ୍କ ପରୀକ୍ଷାଗାରରେ ହୁଏତ ପୁନର୍ଜନ୍ମ ପ୍ରମାଣିତ ହୋଇପାରୁଛି, ତା'ବି ମାତ୍ର ଆଂଶିକ ଭାବରେ, କାରଣ କ୍ୟାଥାରାଇନ୍ ଭଳି ଅନ୍ୟ ସମସ୍ତଙ୍କର ପୁନର୍ଜନ୍ମ ହେଉଛି ବୋଲି ସେ ପ୍ରମାଣ କରିପାରିବେ ନାହିଁ । କିନ୍ତୁ ଏକାଧିକ ବ୍ୟକ୍ତିଙ୍କ ପୂର୍ବଜନ୍ମ ବୃତ୍ତାନ୍ତ ଦେଲା ପରେ, ତାକୁ ସାର୍ବଜନୀନ ରୂପେ ମାନିନେବାକୁ ସେ ପ୍ରସ୍ତୁତ ହୋଇଯାଇଛନ୍ତି ।

ଅଶରୀରୀ ଆତ୍ମା ଓ ମୃତ୍ୟୁଲୋକ ସହିତ ସଂଯୋଗ ସ୍ଥାପନ କରିବା ପାଇଁ ବହୁ ପ୍ରାଚୀନକାଳରୁ ଅଦ୍ୟାବଧି ନାନାପ୍ରକାର ଉପଚାର ବିଧିର ପ୍ରୟୋଗ କରାଯାଇଛି – ତନ୍ମଧ୍ୟରୁ ପ୍ଲାଞ୍ଚେଟ୍ ଗୋଟିଏ । ଏହାର ପ୍ରୟୋଗ ଓ ଲେଡ଼ି ବ୍ଲାଭାଟସ୍କିଙ୍କ କ୍ଲେଆରଭଏନ୍ସ ଏକା କଥା ନୁହେଁ । ପ୍ଲାଞ୍ଚେଟ୍‌ରେ ଗୋଟିଏ ତିନିଗୋଡ଼ିଆ ଟେବୁଲ ଉପରେ ଗୋଟିଏ କପ୍‌କୁ ତଳ ମୁହାଁ ରଖି ରାତ୍ରିର ନିରବତା ମଧ୍ୟରେ ନିର୍ଦ୍ଦିଷ୍ଟ ଅଶରୀରୀ ଆତ୍ମାକୁ ଆବାହନ କରାଯାଏ । ସେ ଆତ୍ମାର ଆବିର୍ଭାବ ଘଟିଲେ ଟେବୁଲଟି ଦୋଦୁଲ୍ୟମାନହୁଏ ବା କପ୍‌ଟି ଚାଲେ ବା ଧୂଆଁଳିଆ ଗୋଟିଏ ଆକୃତି ମଧ୍ୟ ଅସ୍ପଷ୍ଟ ଦେଖାଯାଇପାରେ । ଆତ୍ମା ସହିତ କଥୋପକଥନ, ସଂଳାପ ବା dialogue ସମ୍ଭବ ହୁଏ ନାହିଁ । ତାର ପରିବେଶକୁ ଏପରି ରହସ୍ୟମୟ ଓ ଭୀତିପ୍ରଦ କରାଯାଇଥାଏ ଯେ ସାଧାରଣ ବ୍ୟକ୍ତିଟିଏ ସେଇଠି ଭୟାର୍ତ୍ତ ଓ ଉତ୍କଣ୍ଠିତ ହୋଇ ଗୋଟାଏ କ'ଣ ଚମତ୍କାର ଘଟିବାକୁ ଅପେକ୍ଷା କରିଥାଏ । କ୍ଲେଆରଭଏନ୍ସ ଜରିଆରେ ଜଣେ ବ୍ୟକ୍ତି ଗୋଟିଏ ଅଶରୀରୀ ଆତ୍ମା ପାଇଁ ଆଧାର ଓ ମାଧ୍ୟମ ହୋଇଯାଏ, ଭୂତାବିଷ୍ଟ ହୋଇଯାଏ ଏବଂ ସେହି ଅବସ୍ଥାରେ ଅଶରୀରୀ ନିଜର ବକ୍ତବ୍ୟ ପ୍ରକାଶ କରେ ।

ତନ୍ତ୍ର ସାଧନାରେ ଜଣେ ଯୋଗୀ ମୃତ୍ୟୁଲୋକରେ ପ୍ରବେଶକରିପାରନ୍ତି ଏବଂ ସେଠାରେ ଦେହାନ୍ତରିତ ଆତ୍ମା ସହିତ ସଂଯୋଗ ସ୍ଥାପନ କରିପାରନ୍ତି । ଗ୍ରୀକ୍

Digitized by srujanika@gmail.com

କିମ୍ବଦନ୍ତିର ଓରଫିଅସ୍ ତାଙ୍କ ତାରଯନ୍ତ୍ର ବାଦନକରି ପଶୁପକ୍ଷୀ ବୃକ୍ଷଲତାଦି ସଚରାଚର ପ୍ରାଣୀକୁ ମନ୍ତ୍ରମୁଗ୍ଧ କରିଦେଉଥିଲେ । ତାଙ୍କର ପତ୍ନୀବିୟୋଗ ହେବାରୁ ସେ ତାଙ୍କ ପତ୍ନୀକୁ ମୃତ୍ୟୁଲୋକରୁ ଉଦ୍ଧାରକରିବାକୁ ସେହି ଜଗତ୍‌ରେ ତାଙ୍କର ମୋହକ ସଂଗୀତ ବଳରେ ପ୍ରବେଶକଲେ ଏବଂ ତାଙ୍କ ପତ୍ନୀଙ୍କର ଆତ୍ମାକୁ ଫେରାଇ ଆଣିବାକୁ ଅନୁମତି ପ୍ରାପ୍ତ ହେଲେ । କିନ୍ତୁ ଇହଲୋକ ପରଲୋକ ମଝିରେ ପ୍ରବାହିତ ବୈତରଣୀ ପାରିହୋଇ ଆସୁଥିଲାବେଳେ ବାଲିରେ ପଦଧ୍ୱନି ଶୁଣି ନପାରି ପଛକୁ ଫେରି ଚାହିଁଦେଲେ, ଫଳରେ ସର୍ତ ଭଙ୍ଗ ହେଲା ଓ ତାଙ୍କ ପତ୍ନୀଙ୍କ ଆତ୍ମା ଫେରିଗଲା ମୃତ୍ୟୁଲୋକକୁ । ସେହିପରି ରୁରୁ ପ୍ରିୟମ୍ବଦା, ସାବିତ୍ରୀ ସତ୍ୟବାନ, ବା ନଚିକେତା ଉପାଖ୍ୟାନରେ ମୃତ୍ୟୁଲୋକରେ ପ୍ରବେଶ କରିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ । ମହାନ୍ ତନ୍ତ୍ରସାଧକ ଯୋଗୀପୁରୁଷ ନିଗମାନନ୍ଦ ମୃତ୍ୟୁଲୋକରେ ପ୍ରବେଶ କରିବାର ବିଶଦ ବିବରଣୀ ଲିପିବଦ୍ଧ କରିଯାଇଛନ୍ତି ।

ତେବେ ଏ ମୃତ୍ୟୁଲୋକର ଅବସ୍ଥିତି କେଉଁଠି ? ତା'ର ଭୌଗୋଳିକ ସୀମାରେଖା ଅଛି କି ? ସେ ଜଗତର ଅନ୍ୟାନ୍ୟ ଅନୁଭବ କ'ଣ ଜାଣିବା ସାଧାରଣ ଦୃଷ୍ଟିରୁ ସମ୍ଭବ ନୁହେଁ ? ଯଦି କେହି ସେ ଭୂମିରେ ପ୍ରବେଶକରି ସମସ୍ତ ସ୍ମୃତି ଓ ଅନୁଭବ ସହିତ ଏ ଜଗତକୁ ଫେରିଆସେ, ତା'ହେଲେ ସେ ହିଁ ସେ ବିଷୟରେ ବୟାନ ଦେଇପାରେ । କିନ୍ତୁ ସେ ବୟାନକୁ ପରୀକ୍ଷା କରିବାର କୌଣସି ଉପାୟ ନାହିଁ । ତାକୁ ହୁଏତ ସଂପୂର୍ଣ୍ଣ ରୂପେ ବିଶ୍ୱାସ କରାଯାଇପାରେ ବା ସମପରିମାଣରେ ଅବିଶ୍ୱାସ ମଧ୍ୟ କରାଯାଇପାରେ । କିନ୍ତୁ ମୃତ୍ୟୁଲୋକରେ ଅବସ୍ଥାନ କରୁଥିବା କୌଣସି ଅଶରୀରୀ ଆତ୍ମା ଯଦି ଏ ଜଗତର କାହା ସହିତ କୌଣସି ମାଧ୍ୟମରେ କଥାବାର୍ତ୍ତା କରିପାରନ୍ତି, ତା'ହେଲେ ପ୍ରଶ୍ନଉତ୍ତର ଛଳରେ ଅନେକ ତଥ୍ୟ ସଂଗ୍ରହ କରାଯାଇପାରେ । ସେହିପରି ଏକ ମାଧ୍ୟମ ହେଉଛି ପ୍ଲାଞ୍ଚେଟ୍ ।

ପ୍ଲାଞ୍ଚେଟ୍ ପ୍ରୟୋଗର ଚିରାଚରିତ ପ୍ରଣାଳୀକୁ ଯଦି ରହସ୍ୟମୁକ୍ତ କରିଦିଆଯାଏ ତାହା ଏକ ବିଜ୍ଞାନାଗାରର ପରୀକ୍ଷା ଭଳି ଅଧିକ ଗ୍ରହଣଯୋଗ୍ୟ ଓ ବିଶ୍ୱାସଯୋଗ୍ୟ ହୋଇପାରିବ । ଏଥିପାଇଁ ସ୍ପଷ୍ଟଦିବାଲୋକରେ ଭୂଇଁ ଉପରେ ଏକ ଅକ୍ଷରବୃତ୍ତ ଅଂକନ କରି, ତାର କେନ୍ଦ୍ରରେ ଗୋଟିଏ ଠିପି ରଖି ଏ କ୍ରିୟା କରାଗଲା । କୌଣସି ନିର୍ଦ୍ଦିଷ୍ଟ ମୃତବ୍ୟକ୍ତିର ଆତ୍ମାକୁ ଆବାହନ ନକରି ଯେ କୌଣସି ଅଶରୀରୀ ଆତ୍ମାକୁ ବୃତ୍ତରେ ପ୍ରବେଶ କରିବାକୁ ଅପେକ୍ଷା କରାଗଲା । ଦେଖାଗଲା ବିଭିନ୍ନ ଦେଶକାଳର ଅପରିଚିତ ମଣିଷଙ୍କ ଆତ୍ମାମାନ ଆସି ନିଜନିଜର ପରିଚୟ ଦେବା ପରେ ବିବିଧ ପ୍ରଶ୍ନର ଉତ୍ତର ଦେଲେ । ପରିଣାମତଃ ଏ ପୁସ୍ତିକାଟିରେ ଲିପିବଦ୍ଧ ହେଲା ମୃତ୍ୟୁ ଆରପାରିରୁ ସଂକେତ । ପ୍ରେତଲେଖ ବା Spirit Writing ଏହାର ଏକ ପରବର୍ତ୍ତୀ ସୋପାନ ।

Digitized by srujanika@gmail.com

ତଥାପି ଏଥିରେ ଏତେ ମାତ୍ରାରେ ରହସ୍ୟ ରହିଯାଇଛି ଯେ ତା'ର ଉନ୍ମୋଚନ ଏ ମାଧ୍ୟମରେ ସମ୍ଭବ ନୁହେଁ – ବୋଧହୁଏ ଆଦୌ ସମ୍ଭବ ନୁହେଁ ।

ଉଦାହରଣ ସ୍ୱରୂପ – (୧) ଇହଲୋକରେ ନିର୍ଦ୍ଦିଷ୍ଟ ଦେଶକାଳପାତ୍ରରେ ଜଡ଼ିତ ଆତ୍ମା ଶରୀର ତ୍ୟାଗ କଲାପରେ ଏ ଜଗତର ଦେଶକାଳକୁ ଅତିକ୍ରମ କରିଯାଏ, ଅଥଚ ପୁନଶ୍ଚ ବିନା ଶରୀରରେ ଏ ଦେଶକାଳରେ ପ୍ରବେଶ କରେ କିପରି ଏବଂ ଶରୀରଧର୍ମୀ କ୍ରିୟା ଯଥା ଶୁଣିବା, ବୁଝିବା, ଉତ୍ତରଦେବା ଆଦି କରେ କିପରି ? ପ୍ରାଚୀନ ଗ୍ରୀକ୍ ଜଣକର ଅଶରୀରୀ ଆତ୍ମା କିପରି ଏଠାରେ ଏହି ସମୟରେ ଉପସ୍ଥିତ ରହି ଅପରିଚିତ ଇଂରାଜୀ ଭାଷାର ପ୍ରଶ୍ନକୁ ଇଂରାଜୀରେ ଉତ୍ତର ଦେଇପାରୁଛି ? ଏଥିରେ ମୁକ୍ତ ଆତ୍ମାର ସର୍ବବ୍ୟାପକତା, ସର୍ବକାଳୀନତା ଓ ସର୍ବଜ୍ଞାତୃତା ପ୍ରମାଣିତ ହେଉଛି ନା ଆଉ କିଛି ?

(୨) ଶରୀରରୁ ମୁକ୍ତ ହୋଇଯିବା ପରେ ଅନ୍ୟ ଶରୀରକୁ ଆଶ୍ରୟ କରିବା ଅନିବାର୍ଯ୍ୟ ନା ସେ ଆତ୍ମାଟିର ଇଚ୍ଛାଧୀନ ? ଅଶରୀରୀ ଅବସ୍ଥାରେ ସେ ଆତ୍ମା 'ତପସ୍ୟା' କରି କ୍ରମଶଃ ଉଚ୍ଚତର ସ୍ତରକୁ ପ୍ରବେଶ କରିବାର ଯେଉଁ ସୂଚନା ମିଳୁଛି ତାହା କ'ଣ ସତ୍ୟ ? ସେ ବିଷୟରେ ଆଉ ତ କାହିଁ କେଉଁଠି କିଛି ପ୍ରମାଣ ବା ଉଲ୍ଲେଖ ନାହିଁ ? ଆତ୍ମାମାନଙ୍କର ସ୍ତର ଅତି ସ୍ପଷ୍ଟ ଭାବରେ କୁହାଯାଇଛି । ସାଧାରଣ ଆତ୍ମା ୨୦-୩୦ ସ୍ତରରେ ଥିବାବେଳେ, କେହି କେହି ୧୦୮ ଓ ଆଉ କେହି କେହି ୧୦୩୫ରେ ପହଞ୍ଚିଥିବାର ତଥ୍ୟ ଏ ପରୀକ୍ଷାରୁ ମିଳୁଛି । ଅଶରୀରୀମାନେ ଅହରହ ତପସ୍ୟା କରୁଥିବାର ମଧ୍ୟ ସୂଚନା ମିଳୁଛି । ଏହା ଏକ ଅଜ୍ଞାତ ଗଭୀର ରହସ୍ୟ ।

(୩) ଅଶରୀରୀ ଆତ୍ମା ଇହଲୋକର ଦେଶକାଳରେ ପ୍ରକଟ ହେବାପାଇଁ ବିଗତ ଶରୀରର ଆକୃତିକୁ ସାଧାରଣତଃ ଧାରଣ କରିଥାଏ । ଦେଶକାଳପାତ୍ରକୁ ଏକତ୍ର ସ୍ୱୀକାର କରିବା ବୋଧହୁଏ ତା' ପାଇଁ ଅନିବାର୍ଯ୍ୟ । ଏଣୁ ମାଧବର ଆତ୍ମା ସାଧବ ରୂପରେ ପ୍ରକଟ ହୋଇପାରିବନାହିଁ । କିନ୍ତୁ ସେହିପରି ଏକ ସମ୍ଭାବନା ସୂଚିତ ହୋଇଛି ଘଟନାକ୍ରମରେ । ଅଶରୀରୀ ଆତ୍ମା ଜୀବିତ କୌଣସି ଅପର ବ୍ୟକ୍ତିର ଆକୃତି ନେଇ ପ୍ରକଟ ହୋଇପାରିବ କି ? ଏହା ଆଉ ଏକ ରହସ୍ୟ ।

ଏହି ସମସ୍ତ କାରଣରୁ ଏ ପୁସ୍ତିକାଟି ମୂଳ ମୃତ୍ୟୁରହସ୍ୟ ତ ଉଦ୍‌ଘାଟିତ କରିପାରିନାହିଁ, ବରଂ ଆଉ ନୂଆ କେତେକ ରହସ୍ୟ ଆଣି ଠିଆକରାଇଛି । ଏହା ମୂଳରୁ ପରିଷ୍କାର ହୋଇଯିବା ଉଚିତ ଯେ, ଲିପିବଦ୍ଧ ବିବରଣୀରେ କୌଣସି କଳ୍ପନା ବା ଅତିରଂଜନ ନାହିଁ । କେବଳ ଘଟନା ବା ତଥ୍ୟ ଆଲୋଚନା କଲାବେଳେ କିଛି ମାତ୍ରାରେ ବିଚାରବୁଦ୍ଧି ପ୍ରୟୋଗ ହୋଇଛି, ଅନିବାର୍ଯ୍ୟତା ହେତୁ । ଏ ସମସ୍ତ ପ୍ରାୟ ୩୦ ବର୍ଷ ତଳର ପ୍ରତ୍ୟକ୍ଷ ଅନୁଭବ । ଦୁଇବର୍ଷ ପରୀକ୍ଷା ଭିତରେ ଅଧିକାଂଶ କଥା

Digitized by srujanika@gmail.com

ଲିପିବଦ୍ଧ ହୋଇପାରିନାହିଁ । ଗୋଟିଏ ପୁରୁଣା ଡାଏରିରେ ଯାହା ଲିଖିତ ଆକାରରେ ରହିଯାଇଥିଲା, ତାହା ଜଣେ ତତ୍‌ବିଦ୍ ବନ୍ଧୁଙ୍କ ଆଖିରେ ପଡ଼ିବାରୁ ସେ ତାହା ପ୍ରକାଶ କରିବାକୁ କଟାକ୍ଷକଲେ । ତାଙ୍କ ବୋଲ ମାନି, ପ୍ରାୟ କୋଡିଏ ବର୍ଷ ପରେ, 'ସମ୍ବାଦ' ପତ୍ରିକାର ସାପ୍ତାହିକ ସ୍ତମ୍ଭ ଆକାରରେ ମୁଁ କ୍ରମାନ୍ୱୟ କିଛି ବିବରଣୀ ପ୍ରକାଶକଲି । ପତ୍ରିକାର ବହୁଳ ପ୍ରସାର ହେତୁ ବହୁ ପାଠକ ତାକୁ ଆଗ୍ରହ ସହିତ ପଢ଼ିଥିଲେ । ତାହା ହଠାତ୍ କାହିଁକି ବନ୍ଦ ହେଲା ବୋଲି ମଧ୍ୟ ପ୍ରଶ୍ନ ପଚାରିଥିଲେ । ମୁଁ ତା'ର ଉତ୍ତର ଦେଇପାରିନଥିଲି । କିନ୍ତୁ ସେମାନଙ୍କ ଅନୁରୋଧ ରକ୍ଷାକରି ଏ ପୁସ୍ତିକାଟି ଛପେଇବାକୁ ମୋର ଏକମାତ୍ର ପ୍ରକାଶକ 'ଗ୍ରନ୍ଥମନ୍ଦିର'କୁ ଅର୍ପଣ କଲି । ଏହା ବହୁ ପାଠକଙ୍କ ମନରେ କୌତୂହଳ ଜାତକରିବ । ଆହୁରି ଜାଣିବାପାଇଁ ସେମାନେ ହୁଏତ ଉତ୍କଣ୍ଠିତ ହେବେ । କିନ୍ତୁ ସେ ଦିଗରେ ମୁଁ କିଛି କରିପାରିବିନାହିଁ– ପୁଣି ସେ ପରୀକ୍ଷାରେ ପାଦଦେବାକୁ ''ଗୁରୁଙ୍କର ଆଜ୍ଞା ନାହିଁ ।'', ମୋତେ ବାରଣ କରାଯାଇଛି । କିନ୍ତୁ ମାର୍ଗ ପ୍ରସ୍ତୁତ, ପ୍ରୟୋଗ କୌଶଳ ମଧ୍ୟ ସ୍ପଷ୍ଟ । କେହି ଯଦି ନିଷ୍ଠା ଓ ସାହସର ସହିତ ଏ ଅଜ୍ଞାତ ଭୂମିରେ ପ୍ରବେଶକରନ୍ତି ଆହୁରି ଅନେକ ତଥ୍ୟ ହୁଏତ ମିଳିପାରିବ । ମୁଁ ସେଭଳି ଉଦ୍ୟମକୁ ସ୍ୱାଗତ କରୁଛି, ତାର ପରିଣାମକୁ ଅପେକ୍ଷା କରୁଛି ।

Digitized by srujanika@gmail.com

।। ୧ ।।

ପିଲାବେଳେ ଶୁଣିଥିଲି ଯେ ଆମ ଆଈ ସ୍ୱପ୍ନରେ ତାଙ୍କ ବକେଇଙ୍କ ସାଥିରେ କଥାବାର୍ତ୍ତା କରୁଥିଲେ, ତାଙ୍କୁ ବୁଝି ସବୁ ସମସ୍ୟାର ସମାଧାନ କରିନେଉଥିଲେ। ଜମିବାଡ଼ିର କାଗଜପତ୍ର କୋଉ ପେଟେରା ତଳେ ଥିଲା ତାଙ୍କୁ ସେ କହିଦେଉଥିଲେ। କାହାକୁ ବିଶ୍ୱାସ କରିବାକୁ ହେବ, କାହାଠୁ ଦୂରରେ ରହିବାକୁ ହେବ, ସବୁକଥା ସେଇ ସ୍ୱପ୍ନରେ ଦେଖାଦେଇ ସେ ବତେଇଦେଉଥିଲେ। ନ ହେଲେ ଛବିଶ ବର୍ଷରେ ବିଧବା ହୋଇ ଦୁଇଟି ପିଲାଙ୍କୁ ଧରି ସେ ଏତେ ବଡ଼ ସମ୍ପତ୍ତି କେମିତି ସମ୍ଭାଳିଥାନ୍ତେ— ଘରେ ଆଉ ତ କେହି ନ ଥିଲେ ତାଙ୍କୁ ସାହା ହେବାକୁ। ଏମିତି ବି ହେଲା ଯେ ମାମୁଙ୍କ ପିଠିରେ ଗୋଟାଏ ସହସ୍ରେ ମୁହାଁ ପଠା ଘା' ହେଲା। ପିଠି ସାରା ଚାଳ ଫିଟିଗଲା। କୌଣସି ଔଷଧରେ ଭଲ ହେଉନଥାଏ। ଆଈ ଏମିତି ଖୁବ୍ ଚିନ୍ତାରେ ଶୋଇଥିବା-ବେଳେ ବକେଇ ଦେଖାଦେଲେ, କହିଲେ କିଛି ଚିନ୍ତା କରନାହିଁ। ପନ୍ଦରବର୍ଷର ପୁରୁଣା ଖଇରଗୁଣ୍ଡ କନାରେ ଛାଣି ଲଗେଇଦେଲେ ଘା' ଶୁଖିଯିବ। ରଜାଘର ଗୋଦାମରେ କୋଉ ବାକ୍ସରେ ପୁରୁଣା ଖଇର ସେମିତି ଥୁଆହେଇଚି ତା'ବି କହିଦେଲେ। ଖଇର ମିଳିଲା ଏବଂ ମାମୁ ଭଲହେଇଗଲେ।

ବଡ଼ ହୋଇ ଭାବିଲି ଆଈ ବୋଧେ ଆମମାନଙ୍କୁ ମିଛ ଗପ ମନରୁ ଫାନ୍ଦି ଶୁଣାଉଥିଲେ। ମଲା ମଣିଷ କେମିତି ସ୍ୱପ୍ନରେ ଦେଖାଦେଇ ଏଭଳି କଥା କହିବ ? ସବୁ ମିଛ।

ଆଉରି ବଡ଼ହେଇ ସେକ୍ସପିଅରଙ୍କ ହାମ୍ଲେଟ୍ ନାଟକ ପଢ଼ିଲି। କେମିତି ରାତ୍ରିର ତୃତୀୟ ପ୍ରହରରେ ପ୍ରକଟ ହେଉଥିବା ନିଜ ବାପର ପ୍ରେତାତ୍ମା ସହିତ ଡେନ୍ମାର୍କ ରାଜପୁତ୍ର ହାମ୍ଲେଟ୍ଙ୍କ କଥାବାର୍ତ୍ତା ହେଲା ଏବଂ ସେ ନିଜ ମା'ଙ୍କ ବିଶ୍ୱାସ-ଘାତକତା ଓ ବାପାଙ୍କ ହତ୍ୟା ବିଷୟ ଅବଗତ ହେଲେ, ସେ ବିଷୟରେ ପଢ଼ିଲି। ତାକୁ ସିନେମାରେ ମଧ ଦେଖିଲି। ଖୁବ୍ ରୋମାଞ୍ଚିତ ହେଲି। ତଥାପି ତାହା ସତ ବୋଲି ବିଶ୍ୱାସ ହୋଇପାରୁନଥିଲା।

ମନପ୍ରାଣ ଶରୀର ବ୍ୟତିରେକେ ଆଉ ଏକ ଚେତନ ସତ୍ତା ବିଷୟରେ ଦ୍ରଷ୍ଟା ପୁରୁଷମାନେ କହିଛନ୍ତି। ଶରୀର ଏକ ପରିଧାନ। ତା' ଭିତରେ ବାସକରୁଥିବା ଆତ୍ମା

Digitized by srujanika@gmail.com

ଅବିନାଶୀ । କୌମାର ଯୌବନ ଜରା ଭଳି ଦେହାନ୍ତର ପ୍ରାପ୍ତି ମଧ୍ୟ ଏକ ସ୍ୱାଭାବିକ ପ୍ରକ୍ରିୟା । ଆତ୍ମା ଅଜନ୍ମା, ଅବିକ୍ରିୟ ଏବଂ ଅମର । ସେ ହିଁ ଘଟରୁ ଘଟାନ୍ତରରେ ପ୍ରବେଶକରେ । ସେ ଅଛି ବୋଲି ମନପ୍ରାଣ ଶରୀରର ସମାହାର ଚେତନଶୀଳ ଏବଂ ଜୀବଧର୍ମରେ କ୍ରିୟାଶୀଳ ହେଉଛି, ଇତ୍ୟାଦି । ଶାସ୍ତ୍ରକୁ ମୁଁ ଅସ୍ୱୀକାର କରି ନାହିଁ– ତଥାପି ଆତ୍ମାକୁ ସ୍ୱୀକାର କରିନାହିଁ । କରିପାରିନାହିଁ କାରଣ କୌଣସି ପ୍ରତ୍ୟକ୍ଷ ପ୍ରମାଣ ପାଇପାରିନାହିଁ ।

ପଲ୍ ବ୍ରଣ୍ଟନ୍ ପଢ଼ିଲି– ସେ ସାହସୀ ପୁରୁଷ କେମିତି ଇଜିପ୍ଟର ଗାଜା ମରୁଭୂମିରେ ଅବସ୍ଥିତ ଗୋଟିଏ ପିରାମିଡ଼୍ ଗର୍ଭରେ ରାତ୍ରିଯାପନ କଲେ ଏବଂ ପ୍ରତ୍ୟକ୍ଷ ଅନୁଭବକୁ ଲିପିବଦ୍ଧ କଲେ– ପଢ଼ିଲା ପରେ ମୋର ଭାବାନ୍ତର ଆସିଥିଲା । ପିରାମିଡ଼ର ତ୍ରିଭୁଜାକାର ବିଶାଳ କାନ୍ଥର ମଧ୍ୟଭାଗରେ ଗୁପ୍ତଦ୍ୱାର । ସେଇଠି ଭିତରକୁ ଯିବାପାଇଁ ସୁଡ଼ଙ୍ଗ । ସେ ଗୋଟିଏ ଟର୍ଚ୍ଚ ଲାଇଟ୍, ଗୋଟିଏ ଛୋଟ ନୋଟ୍ ବହି ଏବଂ କଲମ ନେଇ ସେଇ ନିଷିଦ୍ଧ ଅଞ୍ଚଳରେ ପ୍ରବେଶ କରିବା ପୂର୍ବରୁ ତାଙ୍କ ସଙ୍ଗରେ ଯାଇଥିବା ପଥପ୍ରଦର୍ଶକକୁ ପଥର ଦ୍ୱାର ବନ୍ଦ କରି ଚାଲିଯିବାକୁ କହିଥିଲେ । ଭିତରେ ସୂଚୀଭେଦ୍ୟ ଅନ୍ଧାର ଏବଂ ଅପରିମେୟ ନୀରବତା । ସେ ବତି ଜାଳି ଗୋଟିଏ ଛୋଟ ପଥର ପିଣ୍ଡି ଆବିଷ୍କାର କଲେ ଏବଂ ସେଇଠି ବସିଲା ପରେ ଆଲୁଅ ଲିଭେଇଦେଲେ । ସେ କେବଳ ନିଜର ଶ୍ୱାସ ଶବ୍ଦ, ହୃତ୍‌ପିଣ୍ଡର ଲବ୍‌ଡବ୍ ବ୍ୟତୀତ ଆଉ କିଛି ଶୁଣିବା ସମ୍ଭବ ନଥିଲା ।

ନିର୍ଜନ ମରୁଭୂମିରେ ପିରାମିଡ଼୍ । ଅନ୍ତତଃ ପଚାଶ ଫୁଟ ମୋଟେଇର ନିଦା-କାନ୍ଥରେ ନିବୁଜ ସେ ଗୁମ୍ଫା । ସେ ସେଇ ପିଣ୍ଡି ଉପରେ ଲମ୍ୱାହୋଇଗଲେ । ଆଖି ଖୋଲିଲେ କିମ୍ୱା ବୁଜିଲେ କୌଣସି ପାର୍ଥକ୍ୟ ସେ ଦେଖି ନ ଥିଲେ । ସେ କିନ୍ତୁ ଖୁବ୍ ସତର୍କ ରହିଥିଲେ, ଖୁବ୍ ସଜାଗ ଥିଲେ । ତାଙ୍କୁ ଅନୁଭବ ହେଲା ଯେ ଆଉଜଣେ କେହି ସେଇଠି ଉପସ୍ଥିତ ଅଛି । ସେ ତଥାପି ଟର୍ଚ୍ଚ ଲାଇଟ୍ ଜଳାଇ ଦେଖିବାର ଲୋଭ ସମ୍ୱରଣ କରି ଅପେକ୍ଷା କଲେ । ତା'ପରେ ତାଙ୍କର ଏକପ୍ରକାର ଅସ୍ୱସ୍ତି ଅନୁଭବ ହେଲା । ସତେ ଯେମିତି ସେ ଅତି ସଂକୀର୍ଣ୍ଣ ସୁଡ଼ଙ୍ଗରେ ଚିପି ହୋଇ ଭିଡ଼ି-ହୋଇଯାଉଛନ୍ତି । ନିଶ୍ୱାସ ରୁଦ୍ଧି ହେଇଯାଉଚି । ତା'ପରେ ସେ ହଠାତ୍ ସୁସ୍ଥବୋଧ କଲେ । ମୁକ୍ତ ଏବଂ ହାଲ୍‌କା ବୋଧ କଲେ । ସେତିକିବେଳେ ସେ ତାକୁ 'ଦେଖିଲେ' । ଏକ ଦୀର୍ଘ ଅବୟବର ପୁରୁଷ । ପୁରାତନ ମିଶର ଅଧିବାସୀଙ୍କ ପରି ପରିଧେୟ । ସେ ଅଳ୍ପ ହସି ତାଙ୍କୁ ଚାହିଁଥିବାର ମଧ୍ୟ ସେ ଲକ୍ଷ୍ୟ କଲେ । ସେ ପୁରୁଷ ବ୍ରଣ୍ଟନ୍‌ଙ୍କ ଦୃଷ୍ଟି ସେ ପଥର ପିଣ୍ଡି ଆଡ଼କୁ ଆକୃଷ୍ଟ କଲେ । ଅତ୍ୟନ୍ତ ବିସ୍ମିତ ହୋଇ ବ୍ରଣ୍ଟନ୍ ଦେଖିଲେ ଯେ ସେ ସେଇ ପିଣ୍ଡି ଉପରେ ଡାହାଣ କଡ଼ ମାଡ଼ି ଶୋଇଛନ୍ତି । ସନ୍ଦେହ

Digitized by srujanika@gmail.com

ହେବାରୁ ସେ ସାମ୍ନାଆଡୁ ଯାଇ ମୁହଁକୁ ଲକ୍ଷ୍ୟ କଲେ । କୌଣସି ସନ୍ଦେହ ନାହିଁ । ସେ ସେତେବେଳେ ତାଙ୍କ ଶରୀର ଠାରୁ ସ୍ୱତନ୍ତ୍ର ଏକ ସ୍ଥିତିରେ ଥିବାର ପରିଷ୍କାର ଅନୁଭବ କଲେ । ଅନ୍ୟଜଣର ଇସାରାରେ ସେ ତା' ସାଥିରେ କିଛି ପାହାଚ ଓହ୍ଲେଇଗଲେ । ବାଁରେ ମୋଡ଼ିଯିବାରୁ ଗୋଟିଏ ପ୍ରକୋଷ୍ଠ ପଡ଼ିଲା । ସେଇଠି ଗୋଟିଏ ପ୍ରଶସ୍ତ ଟେବୁଲ୍ ପଡ଼ିଥିବାର ସେ ଦେଖିଲେ । ତାଙ୍କ ସାଙ୍ଗରେ ଥିବା ସେ ଅନ୍ୟଜଣକ ପୋଷାକରୁ ତାଙ୍କର ମନେପଡ଼ିଗଲା ଯେ ସେ ନିଶ୍ଚୟ ଜଣେ ରାଜପୁରୋହିତ ହୋଇଥିବେ । ତାଙ୍କ ମନକଥା ଜାଣିପାରି ସେ ସାମାନ୍ୟ ହସି ତାହା ସ୍ୱୀକାର କଲେ । ତା'ପରେ କେମିତି କେଜାଣି ତାଙ୍କୁ ଏକ ବୁଝିଲା ଭଳି ଭାଷାରେ 'ଶୁଭିଲା' ଯେ ସେଇ ପ୍ରକୋଷ୍ଠରେ ଇଜିପ୍ଟର ସମ୍ରାଟ୍ ଫାରୋମାନଙ୍କୁ କୁଳ-ପରମ୍ପରା ଅନୁସାରେ ଏଇ ପୁରୋହିତମାନେ ଆତ୍ମାର ସାକ୍ଷାତ୍କାର କରାଉଥିଲେ । ଶରୀରରୁ ପୃଥକ୍ କରି ସେ ଚେତନସତ୍ତାର ଅନୁଭବ ଦେଉଥିଲେ । ଯେମିତି ସେଇ ମୁହୂର୍ତ୍ତରେ ପଲ୍ ବ୍ରଣ୍ଟନ୍‌ଙ୍କର ସେ ଅନୁଭବ ହେଉଥିଲା । ଆଉ କିଛି କଥୋପକଥନ ପରେ ଦୁହେଁ ପଥର ପିଣ୍ଡି ପାଖକୁ ଫେରିଆସିଥିଲେ ଏବଂ ପୁନର୍ବାର ଏକ ସଂକୀର୍ଣ୍ଣ ସୁଡ଼ଙ୍ଗରେ ରୁନ୍ଧିହେଲାପରି ସେ ତାଙ୍କ ଶରୀରରେ ପ୍ରବେଶ କରିଥିଲେ ।

ସେ ଉଠି ବସିଲେ । ଶରୀର ଘର୍ମାକ୍ତ । ସାମାନ୍ୟ ଦୁର୍ବଳ, କିନ୍ତୁ ସବୁ ଅତି ସ୍ୱଚ୍ଛ ଏବଂ ପ୍ରାଞ୍ଜଳ ମନେହେଲା । ସେ ବତି ଜାଳିଲେ । ଦେଖିଲେ ଯେ ସତକୁ ସତ କିଛି ଆଗକୁ ପାହାଚ ଓହ୍ଲେଇଯାଇଛି । ସେ ସେଇବାଟେ ଯାଇ ଟେବୁଲ ଥିବା ପ୍ରକୋଷ୍ଠକୁ ମଧ ଦେଖିଲେ ଏବଂ ଏ ସମସ୍ତ ନୋଟ୍ କରିନେଲେ ।

ହୁଏତ ପଲ୍ ବ୍ରଣ୍ଟନ୍ ଯାହା ଦେଖିଲେ ତାହା ଏକ ଭ୍ରମ କିମ୍ବା ସେ ଏକ ଧୂର୍ତ୍ତ ମିଥ୍ୟାବାଦୀ । କିମ୍ବା ହୋଇପାରେ ଯେତେ ଅବିଶ୍ୱାସ୍ୟ ହେଲେ ସୁଦ୍ଧା ସେ ଯାହା ଲିପିବଦ୍ଧ କରିଛନ୍ତି ତାହା ସତ୍ୟ । ତାଙ୍କର ଅନ୍ୟାନ୍ୟ କୃତି ଓ ଆଚରଣରୁ ଜଣାପଡ଼େ ସେ ଏକ ଅସାମାନ୍ୟ ସାହସୀ ଏବଂ ସତ୍ୟାନ୍ୱେଷୀ ପୁରୁଷ । ସେ ସତ୍ୟର ରହସ୍ୟ ଉଦ୍‌ଘାଟନ କରିବାକୁ ମିଶର ଭଳି ଭାରତ ଏବଂ ତିବ୍‌ବତରେ ଅନେକ ବର୍ଷ ବିତେଇଛନ୍ତି । ବହୁ ତଥ୍ୟ ସଂଗ୍ରହ କରିଛନ୍ତି । ଏ କ୍ଷେତ୍ରରେ ସେ ମିଥ୍ୟାବାଦୀ ହେବାର କୌଣସି ଯାଥାର୍ଥ୍ୟ ନାହିଁ । ପିରାମିଡ଼ର ଗଠନ ଶୈଳୀ ଏବଂ ପ୍ରାଚୀନ ମିଶରୀୟ ପ୍ରଥା ପରମ୍ପରା ମଧ ତାଙ୍କର ସେ ଅସାଧାରଣ ଅନୁଭବର ସମର୍ଥନ କରୁଛି ।

ତା'ହେଲେ କ'ଣ ଶରୀର ଭସ୍ମୀଭୂତ ହୋଇଗଲେ ସୁଦ୍ଧା ଏକ ଅଶରୀରୀ ସତ୍ତା ଉଦ୍‌ବୃତ୍ତ ରହିଯାଏ ? ସତକୁ ସତ କ'ଣ ତା'ହେଲେ ଏକ ପ୍ରେତଲୋକ ଅଛି ଏବଂ ପ୍ରେତାତ୍ମାମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରାଯାଇପାରେ ?

ପଢ଼ିଥିଲି ଶ୍ରୀଅରବିନ୍ଦ ଗୋଟିଏ ଅଶରୀରୀ ଆତ୍ମାକୁ ଆବାହନ କରି ସେ ଯାହା

Digitized by srujanika@gmail.com

କହିଲା ତାକୁ ଲିପିବଦ୍ଧ କରିଥିଲେ । ଶୁଣିଥିଲି ପଣ୍ଡିତ ନୀଳକଣ୍ଠ ପ୍ଲାଞ୍ଚେଟ୍ ମାଧ୍ୟମରେ ଅନେକ ଦିନ ଧରି ପରୀକ୍ଷା କରିବା ଫଳରେ କିଛିଦିନ ପାଇଁ ମାନସିକ ଭାରସାମ୍ୟ ହରାଇବସିଥିଲେ । ବନାରସରେ ପ୍ରଫେସର୍ ବି.ଏଲ୍. ଆତ୍ରେୟ ଅଶରୀରୀ ଆତ୍ମା ଉପରେ ବହୁବର୍ଷ ଗବେଷଣା କରିଥିଲେ । ଥରେ ଏ ଅଦ୍ଭୁତ ରୋମାଞ୍ଚକର ଭୂମିରେ ପ୍ରବେଶକରି ତାକୁ ପରୀକ୍ଷା କଲେ କ୍ଷତି କ'ଣ ? କିନ୍ତୁ ସାହସ ହେଉନଥାଏ । କାରଣ ମୃତ୍ୟୁ ଏବଂ ତତ୍‌ସଂଲଗ୍ନ ଯାବତୀୟ ବିଷୟ ପ୍ରତି ଯୁଗଯୁଗର ପୁଞ୍ଜୀଭୂତ ଆତଙ୍କ ମଣିଷ ଚେତନାକୁ ଆଛନ୍ନ କରି ରଖିଛି । ପୁରୁଷାନୁକ୍ରମେ ଜିନ୍ ମାଧ୍ୟମରେ ହୁଏତ ତାହା କେଉଁକାଳୁ ମୋ' ଭିତରେ ପ୍ରବେଶ କରିଛି– ସେଥିରୁ ନିସ୍ତାର ନାହିଁ । ତେବେ କାହିଁକି ଆଦିମତମ ମଣିଷଠାରୁ ଆରମ୍ଭକରି ଅଦ୍ୟାବଧି ସମସ୍ତେ କୌଣସି ନା କୌଣସି ଭାବରେ ଆତ୍ମା ଭଳି ଏକ ସତ୍ତାକୁ ବିଶ୍ୱାସ କରି ଆସିଛନ୍ତି, କାହିଁକି ମଲା ପରେ ସୁଦ୍ଧା ପ୍ରେତାତ୍ମାକୁ ସ୍ୱୀକାର କରି ଆସିଛନ୍ତି ? ଏହା କ'ଣ ଏକ ସାମୂହିକ, ସାମଗ୍ରିକ ଅନ୍ଧବିଶ୍ୱାସ ? କିଛି ପ୍ରମାଣ ନ ଥାଇ ଜ୍ଞାନୀ, ଗୁଣୀ, ଦ୍ରଷ୍ଟା ପୁରୁଷମାନେ ଏହାକୁ ବିଶ୍ୱାସ କରି ଆସିଛନ୍ତି ? ବଞ୍ଚିବାପାଇଁ ପ୍ରଗାଢ଼ ମୋହ ହେତୁରୁ ଏବଂ ମୃତ୍ୟୁ ଭଳି ଅନିବାର୍ଯ୍ୟତାକୁ ଅସ୍ୱୀକାର କରିବାପାଇଁ, ମଣିଷ କ'ଣ ଗୋଟାଏ ଆତ୍ମାନାମକ ଅସତ୍ୟକୁ କଳ୍ପନା କରି ସେଥିରୁ କିଛି ଆଶ୍ୱସ୍ତି, କିଛି ସାହସ ଏବଂ ପ୍ରେରଣା ପାଇ ଆସିଛି ମୃତ୍ୟୁର ମୁକାବିଲା କରିବାକୁ ?

ଆତ୍ମା ହୁଏତ ନାହିଁ । କିନ୍ତୁ ମଣିଷ ଚାହିଁଛି ସେପରି କିଛି ରହୁ ବୋଲି । ମୃତ୍ୟୁ ପରେ କିଛି ହୁଏତ ଅବଶେଷ ରହୁନାହିଁ, କିନ୍ତୁ ମଣିଷ ଚାହିଁଛି ରହୁ ବୋଲି । ସେଥିପାଇଁ ହୁଏତ ସେ ତାକୁ ସୃଷ୍ଟି କରିଛି ଏବଂ ଏପର୍ଯ୍ୟନ୍ତ ସେଥିରେ ବିଶ୍ୱାସ ରଖି ଚାଲିଛି । ଅମରତ୍ୱ ପାଇଁ ତା'ର ଦୁର୍ବାର ଅଭିଳାଷରୁ ହିଁ ଏ ଆତ୍ମା-ବିଷୟକୁ କଳ୍ପନା ସେ କରିଛି । ସେ ଜୀବନକୁ ପ୍ରଗାଢ଼ ଭାବରେ ଭଲପାଏ ବୋଲି ମୃତ୍ୟୁକୁ ଲଂଘିଯିବାକୁ ଯତ୍ନ କରିଛି ।

ମୁଁ ଏଭଳି ଯୁକ୍ତି ହୁଏତ କରିଚାଲିଥାନ୍ତି ଅନନ୍ତକାଳ । କିନ୍ତୁ ଅକସ୍ମାତ୍ ଗୋଟିଏ ଘଟଣା ଘଟିଲା । ମୋ ବୋଉର ଦଶାହ ଦିନର କଥା । ରାତି ପ୍ରାୟ ସାଢ଼େ ନ'ଟା ବେଳକୁ ଗହଳି ଭାଙ୍ଗିଯାଇଥାଏ । ମୁଁ ଦାଣ୍ଡପିଣ୍ଡାକୁ ଆସି କିଛି ସମୟ ଏକୁଟିଆ ବସିବାକୁ ଚାହିଁଲି । ଆସି ଦେଖିଲାବେଳକୁ ଦଶବାରଟି ପିଲା ଚୁପ୍‌ଚାପ୍ କ'ଣ ଦେଖୁଛନ୍ତି । ଉଁ ଚୁଁ ଶବ୍ଦଟିଏ ସୁଦ୍ଧା ନାହିଁ । ମଝିରେ ଲଣ୍ଠନ ଆଲୁଅରେ ତିନିଟି ପିଲା କ'ଣ ଖେଳୁଥିଲା ପରି ଜଣାଗଲା । ମୁଁ କୌତୂହଳରେ ଚୁପ୍‌ଚାପ୍ ପଛରେ ଠିଆହୋଇ ଅନେଇଲି । ଖଡ଼ିରେ ଗୋଟିଏ ମୁଣ୍ଡୁଳା କଟାଯାଇଥିଲା । ତା' ମଝିରେ ଲେଖା-ହୋଇଥିଲା GOD . . . ଏ ଶବ୍ଦର ମଝି ଅକ୍ଷର 'O' ସେ ମୁଣ୍ଡୁଳାର କେନ୍ଦ୍ର । ଏ ଶବ୍ଦ

Digitized by srujanika@gmail.com

ଉପରକୁ ଲେଖାହୋଇଥିଲା Yes ଏବଂ ତଳକୁ No । ମୁଣ୍ଡୁଳାର ବାହାରପାଖେ ଘଣ୍ଟା କଣ୍ଟାର ବିପରୀତ ଗତି ମାର୍ଗେ ଇଂରାଜୀ ବର୍ଣ୍ଣମାଳାର A B C D ଆଦି ୨୬ଟି ଅକ୍ଷର ଲେଖାହୋଇଥିଲା । ବୃତ୍ତର ଭିତର ପାଖେ 1 2 3 ଇତ୍ୟାଦି ୨ ଯାଏଁ ଲେଖାଯାଇଥିଲା । ୨ ପରେ ଶୂନ୍ '0' । ତା'ପରେ ଲକ୍ଷ୍ୟ କଲି ଯେ ତିନିଟି ପିଲା ଗୋଟିଏ ଠିପି ଉପରେ ବିଶି ଆଙ୍ଗୁଠି ଟିପ ମଡ଼େଇ ରଖିଥିଲେ । ସେ ଠିପିଟି ଗୋଟିଏ



ଅକ୍ଷରରୁ ଆଉ ଗୋଟିଏ ଅକ୍ଷରକୁ ଘୁଞ୍ଚିଯାଉଥିଲା । ଆଉଜଣେ ସେଇଠି ଖଣ୍ଡେ କାଗଜରେ ସେ ଅକ୍ଷରଗୁଡ଼ିକୁ ଟିପିନେଉଥିଲା ।

ସେ ପିଲାଟି ଅକ୍ଷର ଯୋଡ଼ି ପଢ଼ିଲା– ASK HIM TO SIT DOWN – ମାନେ 'ତାକୁ ବସିବାକୁ କହ' ।

ଲେଖୁଥିବା ପିଲା ପଚାରିଲା 'କାହାକୁ' ?

ଠିପି ପୁଣି ବୁଲିଲା, ଶବ୍ଦ ସୃଷ୍ଟି ହେଲା "G H A S A N A" ପିଲେ ଓଲଟା ସେଇଟା ପଢ଼ିଲେ । ଜଣେ କହିଲା 'ଘାସନ' । ମୁଁ ଚମକିପଡ଼ିଲି । ଠିପି ଯାଇ Yes ପାଖରେ ସ୍ଥିରହୋଇଗଲା । ମୋ ବୋଉ ମୋତେ ପିଲାବେଳେ, ପଚାଶବର୍ଷ ତଳେ ଗେଲରେ ଡାକୁଥିଲା 'ଘାସନ' । ଏ ପିଲାମାନେ ତାହା ଜାଣିବାର କୌଣସି ଅବକାଶନଥିଲା । ମୁଁ ପିଲାଙ୍କୁ ଆଡ଼େଇ ସେ ପ୍ଲାଞ୍ଚେଟ୍ ଯନ୍ତ୍ର ପାଖରେ ବସିଲି ଏବଂ ଅନେକ ପ୍ରଶ୍ନ କଲି । ମନେହେଲା ମୋ ବୋଉ ହିଁ ଅକ୍ଷରଯନ୍ତ୍ର ମାଧ୍ୟମରେ ଉତ୍ତର ଦେଉଛି ।

ପିଲାମାନେ ରାତି ହେବାରୁ ଫେରିଯାଇଥିଲେ । ମୁଁ ଫେରିଆସିଥିଲି ଗଭୀର ଭାବରେ ପ୍ରଭାବିତ ହୋଇ । ତା'ପରେ ଆରମ୍ଭ ହୋଇଥିଲା ମୋ ଜୀବନର ଅନୁସନ୍ଧାନ ଓ ପରୀକ୍ଷା– ଆବିଷ୍କାର ଓ ବିସ୍ମୟ, ଅନୁଭବ ଓ ପ୍ରତ୍ୟୟର ଏକ ବିଚିତ୍ର ପରିଚ୍ଛେଦ ।

Digitized by srujanika@gmail.com

।। ୨ ।।

୧୯୭୨ ମସିହା ଜାନୁୟାରୀ ମାସ କଥା । ପ୍ଲାଞ୍ଚେଟ୍ ମାଧମରେ ଅଶରୀରୀ ଆତ୍ମାମାନଙ୍କ ସହିତ ସମ୍ପର୍କ କରାଯାଇପାରେ ବୋଲି ସାଧାରଣ ଭାବରେ ପରୀକ୍ଷା ପାଇଁ ଏହାକୁ ଗ୍ରହଣ କଲି । ଈଷତ୍ ଅନ୍ଧାର ଏବଂ ନୀରବ ପରିବେଶରେ ତିନିଗୋଡ଼ିଆ ଟେବୁଲ୍ ଉପରେ କପ୍ ଚାଲିବା ଆଦି ପୁରୁଣା ଧାରା ବଦଳି ସାରିଥିଲା । ଗାଁରେ ପିଲାମାନେ ଯେଉଁ ଯନ୍ତ୍ର ଆଙ୍କି ତା' ଉପରେ ଠିପି ଚଳାଉଥିଲେ ତାହା ଏହିପରି :

ସିମେଣ୍ଟ ଚଟାଣ ଉପରେ ଓଦା ଖଡ଼ିରେ ଗାର ଟାଣିଦେବାରୁ କିଛି ସମୟ ପରେ ତାହା ଚମତ୍କାର ଦେଖାଗଲା । ତା'ପରେ ପରୀକ୍ଷା ଆରମ୍ଭ ହେବା କଥା । ପିଲାଏ ବି ପ୍ରସ୍ତୁତ । କିନ୍ତୁ ପରୀକ୍ଷାକୁ ଯଥାସମ୍ଭବ ପ୍ରଭାବମୁକ୍ତ ରଖିବାକୁ ମୋତେ କେତେଗୁଡ଼ିଏ ପଦକ୍ଷେପ ନେବାକୁ ପଡ଼ିଲା ।

୧. ଯେକୌଣସି ଗମ୍ଭୀର ପର୍ଯ୍ୟାୟର କାମ କଲାବେଳେ କିଛିମାତ୍ରାରେ ନୀରବତାର ନିଶ୍ଚୟ ପ୍ରୟୋଜନ ରହିଛି । କିନ୍ତୁ ରାତିରେ ଆବଶ୍ୟକତା କ'ଣ ? ବରଂ ରାତିର ଅନ୍ଧାର ସହିତ ଯାବତୀୟ ଭୟ ଏବଂ ଅନ୍ଧବିଶ୍ୱାସ ଜଡ଼ିତ ହୋଇ ରହିଛି । ଏଣୁ ସ୍ପଷ୍ଟ ଦିବାଲୋକରେ ପ୍ଲାଞ୍ଚେଟ୍ କଲେ କ୍ଷତି କ'ଣ ? ହଁ, କିଛି ନିରୋଳା ହେଲେ ଭଲ । ସେଥିପାଇଁ ବରଂ ବ୍ୟବସ୍ଥା କରାଯାଇପାରେ ।

୨. ପ୍ରଶ୍ନ କଲାବେଳେ ପ୍ରଶ୍ନକର୍ତ୍ତା ଅଧିକାଂଶ କ୍ଷେତ୍ରରେ ଉତ୍ତର ଜାଣିଥାନ୍ତି । ଏଣୁ ସେ ନିଜେ ଠିପିରେ ହାତ ରଖିଲେ ହୁଏତ ସ୍ୱତଃ ସଠିକ୍ ଉତ୍ତର ପାଇଁ ନିର୍ଦ୍ଦିଷ୍ଟ ଅକ୍ଷର ଆଡ଼କୁ ଠିପିକୁ ଚଳାଇବାରେ ତାଙ୍କର ପ୍ରବୃତ୍ତି ହୋଇପାରେ । ଏଣୁ ଯେ ପଚାରିବ ସେ ପ୍ଲାଞ୍ଚେଟ୍‌ରେ ଭାଗ ନେବ ନାହିଁ ଅର୍ଥାତ୍ ମିଡିୟମ୍ ହେବ ନାହିଁ ।

୩. ତିନିଜଣ ଏକାଠି ଠିପି ଉପରେ ଟିପ ରଖୁଥିବାରୁ କାହାରି ଜଣକର ଇଚ୍ଛାରେ ନିର୍ଦ୍ଦିଷ୍ଟ ଅକ୍ଷର ଆଡ଼କୁ ଠିପିକୁ ଚଳେଇନେବା ସମ୍ଭବ ନୁହେଁ । ତଥାପି ଆଉ ଦୁଇଜଣ ଯଦି ନିଷ୍କ୍ରିୟ ରହନ୍ତି ଜଣକ ଚାପରେ ଠିପି ଚାଲୁଥିବାବେଳେ ହୁଏତ ମନକୁ ଚାଲୁଛି ଭାବି ସେମାନେ କେବଳ ଟିପ ଥୋଇପାରନ୍ତି । ସେଥିରେ ଜଣେ ଯେମିତି ଚାଲାକି କରିପାରିବ ନାହିଁ, ସେଥିପାଇଁ ବେଶ୍ ସଜାଗ ବଡ଼ ପିଲା ବା ମଣିଷକୁ ଏଥିରେ ନିଯୁକ୍ତ କରାଯାଇପାରେ ।

Digitized by srujanika@gmail.com

୪. ପ୍ରଶ୍ନକର୍ତ୍ତା ଚତୁର୍ଥ ବ୍ୟକ୍ତି ହେଲେ ସୁଦ୍ଧା ଉତ୍ତର ନ ଜାଣିଥିବା ପ୍ରଶ୍ନ କରିବା ଉଚିତ । ଯଦି ସେ ଉତ୍ତର ଜାଣିଥାଏ, ହୁଏତ ପରିବେଶର ପ୍ରଭାବରେ ମନସଞ୍ଚାର ପ୍ରକ୍ରିୟାରେ (Telepathy) ପ୍ଲାଞ୍ଚେଟ୍‌ରେ ଭାଗ ନେଉଥିବା ତିନିଜଣଙ୍କ ଭିତରୁ କାହା ପାଖରେ କିଛି ସ୍ପନ୍ଦନ ପହଞ୍ଚିଯାଇପାରେ । ଅବଶ୍ୟ ବିନା ତାଲିମ ବା ପ୍ରସ୍ତୁତିରେ ସେପରି ହେବା ଆଦୌ ସମ୍ଭବ ନୁହେଁ ।

ଅତଏବ ଏ ସମସ୍ତ ବ୍ୟବସ୍ଥାକୁ ନେଇ ପ୍ରଥମ ପରୀକ୍ଷା ପାଇଁ ସବୁ ପ୍ରସ୍ତୁତ କରାଗଲା । କାନ୍ଥକୁ ଲାଗି ବୁକ୍‌ସେଲ୍‌ଫ । ତାକୁ ପଛକରି ଚୌକିରେ ମୁଁ ବସିଲି । ସାମାନ୍ୟ ଦୂରରେ ପ୍ରାୟ ୬ ଫୁଟ ଅନ୍ତରରେ ସେ ଯନ୍ତର ଚିତ୍ର କରାଗଲା ଏବଂ ଷଷ୍ଠ, ଅଷ୍ଟମ ଓ ଦଶମରେ ପଢୁଥିବା ତିନୋଟି ପିଲା ଠିପି ନେଇ ବସିଗଲେ । ତାଙ୍କ ପାଖରେ ଜଣେ କାଗଜ ପେନ୍‌ସିଲ୍ ନେଇ ଅପେକ୍ଷା କଲା । ଠିପିଟି ପ୍ରଥମେ GOD ଶବ୍ଦର 'O' ଉପରେ ରଖି ତିନିଜଣ ତା' ଉପରେ ଟିପ ଥୋଇଲେ । କିଛି ସମୟ ପରେ ସେମାନେ ସାମାନ୍ୟ ଚଳନ ଅନୁଭବ କରିବାରୁ ମୋତେ ଇସାରା କଲେ । ମୁଁ ପଚାରିଲି କିଏ ଆସିଲେ କି ?

ଠିପି YES ଉପରକୁ ଯାଇ ଫେରିଆସିଲା ।

କିଛି ପଚାରିବା ପରିବର୍ତ୍ତେ ମୁଁ ପଛ ଆଡ଼କୁ ହାତ ବଢ଼ାଇ ବୁକ୍ ସେଲ୍‌ଫରୁ ଗୋଟିଏ ବହି ଟାଣିଆଣିଲି । ବହିଟିକୁ ଦେଖିଲି ସୁଦ୍ଧା ନାହିଁ । ତଳମୁହାଁ ଯେକୌଣସି ଗୋଟିଏ ପୃଷ୍ଠାପାଖରେ ଖୋଲିଦେଇ ମୋ ଜଙ୍ଘ ଉପରେ ଥୋଇଲି ।

କହିଲି, "ଯଦି କେହି ଆସିଥାଏ ଏ ବହି ଯେଉଁଠି ଫିଟିଛି ସେଇଠି ଡାହାଣ ପାଖ ପୃଷ୍ଠାରେ ଯାହା ଅଛି ତାହା ନିର୍ଭୁଲ୍ ଭାବରେ ଲେଖିଦେଇପାରିବ ?"

ହଠାତ୍ କୌଣସି ଉତ୍ତର ପାଇଲି ନାହିଁ । ତା'ପରେ ଠିପିଟି yes ଦେଖାଇ ସିଧା ବର୍ଣ୍ଣମାଳା ଆଡ଼କୁ ଆଗେଇଗଲା ଏବଂ ବେଶ୍ କିଛି ସମୟ ଅକ୍ଷର ପରେ ଅକ୍ଷର ଦେଖାଇ ଚାଲିଲା । ଲେଖିବା କାଗଜରେ ଅଧପୃଷ୍ଠାଏ ଖଣ୍ଡେ ଟିପା ସରିବା ପରେ, ମୁଁ ତାକୁ ବନ୍ଦ କରିବାକୁ କହିଲି । ସେତେବେଳକୁ ସମସ୍ତଙ୍କ ମନରେ କୌତୂହଳ । ମୁଁ ବହିଟିକୁ ଉଠାଇ ଦେଖିଲି । ପେଙ୍ଗୁଇନ୍ ବୁକ୍‌ଦ୍ୱାରା ପ୍ରକାଶିତ Gerald Durrellଙ୍କ ପ୍ରଣୀତ 'My Family and Other Animals' ପୁସ୍ତକର ୩୨-୩୩ ପୃଷ୍ଠା ଫିଟିଛି । ସେଥିରେ ୩୩ ପୃଷ୍ଠାର ଉପରୁ ଆରମ୍ଭ ହୋଇଛି "Champion and within a week he was our guide, philosopher and friend. He became so much a member of the family that very soon."

ଏବଂ କାଗଜରେ ଲେଖାହୋଇଥିବା ଅକ୍ଷରକୁ ଯା' ସହିତ ମିଶାଇ ମୁଁ ହତବାକ୍ ହୋଇ ଚାହିଁ ରହିଲି । ଯାହା ଦେଖିଲି ତାକୁ ସହଜରେ ବିଶ୍ୱାସ କରିପାରିଲି ନାହିଁ ।

Digitized by srujanika@gmail.com

ଅବିକଳ ବହିରେ ଯାହା ଥିଲା, ତାହାହିଁ ସେଥିରେ ନକଲ ହୋଇଯାଇଥିଲା । ମୋ ଭିତରେ ଯେଉଁ ବିରୋଧଭାବ ଥିଲା ତାହା ଆସ୍ତେ ପରାଭୂତ ହୋଇଯିବାର ମୁଁ ଅନୁଭବ କରୁଥିଲି । ଏଥିରେ ନିଶ୍ଚୟ କୌଣସି ଅଜ୍ଞାତ ରହସ୍ୟ ରହିଛି ଏବଂ ଆଉ ଏକ ସତ୍ତା ସହିତ ସମ୍ପର୍କ ହେଉଛି ବୋଲି ମଧ୍ୟ ଅନୁଭବ କରୁଥିଲି । ସେଦିନ ଏତିକିରେ ପରୀକ୍ଷା ସାଙ୍ଗ କଲି ସିନା, କିନ୍ତୁ ମନ ଭିତରେ ଅଦମ୍ୟ କୌତୂହଳ ହେଉଥାଏ ଆଉ ବେଶି ଜାଣିବାକୁ । ସନ୍ଧ୍ୟାବେଳକୁ ସମ୍ଭାଳି ହେଲା ନାହିଁ । ପ୍ରାୟ ଘଣ୍ଟାଏ ପ୍ରଶ୍ନୋତ୍ତର କାଗଜରେ ଟିପିନେଲୁ ଏବଂ ତା'ପର ଦିନଠାରୁ ଯେତେବେଳେ ସମୟ ମିଳିଲା ଏଇଥିରେ ହିଁ ଆମେ ସମସ୍ତେ ମାତି ରହିଲୁ । ପ୍ରାୟ ନିଶା ଲାଗିଲା ଭଳି ସମସ୍ତେ ତା' ଭିତରେ ମଜ୍ଜି ରହିଲୁ ।

ଅସୁମାରି ପ୍ରଶ୍ନ ଏବଂ ଉତ୍ତର ଚାଲିଥାଏ । ଏତେବର୍ଷ ପରେ ମନେପଡୁଛି ଯେ ଭବିଷ୍ୟତ ଉପରେ ସେଥିରୁ ଯାହା ଉତ୍ତର ମିଳିଥିଲା ସେଗୁଡ଼ିକ ପ୍ରାୟତଃ ଭୁଲ୍ ପ୍ରମାଣିତ ହୋଇଗଲା । ମନେହେଉଛି ଯେ ଲୋକାନ୍ତରର ମନ ବୁଦ୍ଧି ପାଇଁ ସୁଦ୍ଧା ଅପ୍ରକଟ ଭବିଷ୍ୟତ୍ ଅଜ୍ଞାତ ହିଁ ରହିଛି କିମ୍ବା ସେ ସତ୍ତାମାନେ ଜାଣିଶୁଣି ଆମକୁ ଭବିଷ୍ୟତ ବିଷୟ ଠିକ୍ ଠିକ୍ ଜଣାଇନାହାନ୍ତି, ଜାଣିଶୁଣି ତାକୁ ଆମଠାରୁ ଦୂରରେ ରଖିଛନ୍ତି । ଏମିତି ଅନେକ ଯୁକ୍ତି ମନକୁ ଆସୁଛି, କିନ୍ତୁ ପ୍ରଶ୍ନ ଛଳରେ ମିଳିଥିବା ଆଉ ଅନେକ ତାତ୍ତ୍ୱିକ ବିଚାରସାପେକ୍ଷ ଉତ୍ତର ନିମ୍ନରେ ପ୍ରଦତ୍ତ ହେଲା । ମନେହେଉଛି ସତେ ବା ଅଦୃଶ୍ୟ ଏକ ଅଶରୀରୀ ଚେତନା, ଗୋଟାଏ ସ୍ୱତନ୍ତ୍ର Intelligence ସହିତ ଆମର ଯୋଗାଯୋଗ ହେଉଥିଲା ।

ଧରାଯାଉ ଏଠ କେତୋଟି ପ୍ରଶ୍ନୋତ୍ତର–

ପ୍ର : ଶରୀର ତ୍ୟାଗ ପରେ ଆପଣଙ୍କ ଅନୁଭବ କ'ଣ ?

ଉ : 1. DARKNESS
2. I AM
3. NO GENUS, NO SPECIES
4. THIRST
5. NO SLEEP
6. DESIRE FOR THE SECOND PERSON
7. LIGHT IS BEYOND IMAGINATION
8. PAIN OF THE PAST

ଉତ୍ତରଦାତା ମୂଳରୁ ନିଜର ପରିଚୟ ଦେଇଥିଲେ ଏହିପରି – YAN HUE-JAPANESE-HISTORIAN-1899 TO 1973, 30TH NOV. REFERENCE - PROF. HUANCHI-368, MOSSOCCO, TOKYO-79.

Digitized by srujanika@gmail.com

ସେଇ ଠିକଣାରେ ଚିଠି ଲେଖି ପଠରାଯାଇପାରିଥାନ୍ତା । କିନ୍ତୁଏଥିରେ ସେମିତି ଦୃଢ଼ ଆସ୍ଥା ସ୍ଥାପନ କରି ହେଲା ନାହିଁ । କିନ୍ତୁ ସେ ବର୍ଣ୍ଣନା କରିଥିବା ଅନୁଭବକୁ ଆମ ପରଂପରାର ପ୍ରେତକର୍ମରେ ଉଲ୍ଲେଖ କରାଯାଉଥିବା 'ମହାତୃଷା'ଦି ସହିତ ମିଶାଇ ଦେଖିବାରୁ ଜଣାଗଲା ସତେ ବା ସେ ସେଇ ପ୍ରେତଭୂମିର ସଦ୍ୟ ଅନୁଭବକୁ ଯଥାସମ୍ଭବ ଆମ ଭାଷାରେ କହିବାକୁ ଚେଷ୍ଟା କରୁଛନ୍ତି ।

ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଅନ୍ୟ ଏକ ପର୍ଯ୍ୟାୟର ପ୍ରଶ୍ନୋତ୍ତର–

ପ୍ର : ଆପଣ କିଏ ଆସିଛନ୍ତି ?

ଉ : NIGAMANANDA

ପ୍ର : ଆପଣଙ୍କୁ ପ୍ରଶ୍ନ କଲାଭଳି ଜ୍ଞାନ ଆମର ନାହିଁ । ଆପଣ ଦୟାକରି ନିଜେ କିଛି ଉପଦେଶ ଦିଅନ୍ତୁ ।

ଉ : ONE TRUTH

ପ୍ର : ଏକଂ ଅଦ୍ୱିତୀୟଂ ବା – ଏଇଆ ନା ?

ଉ : YES

ପ୍ର : ଆପଣଙ୍କ ସ୍ଥିତିରେ ଆପଣ କ'ଣ ଅନନ୍ତକାଳ ରହିଛନ୍ତି ? ପୃଥିବୀର Terrestrialisation ପୂର୍ବରୁ ଏବଂ ତା'ର ବିଲୟ ପରେ ମଧ୍ୟ ଆପଣ ଅଛନ୍ତି ?

ଉ : YES, WHY NOT ?

ପ୍ର : ଆପଣ ଦେଶକାଳରୁ ଉତ୍ତୀର୍ଣ୍ଣ କି ?

ଉ : YES.

ପ୍ର : ଆକାଶରେ ଘୂର୍ଣ୍ଣିତ ହେଉଥିବା ଗ୍ରହ ନକ୍ଷତ୍ର କ'ଣ ଦେଶକାଳରେ ସୀମିତ ?

ଉ : YES, BUT STATIC FOR US.

ପ୍ର : କାଳ ନିସ୍ତରଙ୍ଗ ?

ଉ : YES, TIME IS NOT A FLOW.

ପ୍ର : ଏ ବିଶ୍ୱ କ'ଣ ସୀମିତ ?

ଉ : YES, ELASTIC.

ପ୍ର : ବିଶ୍ୱର ଅନ୍ୟତ୍ର ଜୀବ ଅଛନ୍ତି କି ? ଯଦି ଅଛନ୍ତି କେଉଁଠି ଅଛନ୍ତି ?

ଉ : YES, LIGHT CANNOT BE A UNIT.

ପ୍ର : ସେମାନେ ସବୁ କିଭଳି ଜୀବ ?

ଉ : MEN.

Digitized by srujanika@gmail.com

ପ୍ର : ସେମାନେ କ'ଣ ଆମ ଅପେକ୍ଷା ଆକାରରେ ବଡ଼ ?

ଉ : MENTALLY.

ପ୍ର : ସେମାନେ ଆତ୍ମଜ୍ଞାନ ଏବଂ ବିଜ୍ଞାନ କେଉଁଥିରେ ପାରଙ୍ଗମ ?

ଉ : BOTH

ପ୍ର : ଆମଠାରୁ ତାଙ୍କର ବିଶେଷ ପାର୍ଥକ୍ୟ କ'ଣ ?

ଉ : NO HUNGER TO EAT....

ପ୍ର : ସୁଦର୍ଶନ କ'ଣ ?

ଉ : DYNAMIC IMAGE OF KALA.

ପ୍ର : ସୁଭଦ୍ରାଙ୍କ ହାତ ନାହିଁ କାହିଁକି ?

ଉ : ANEKAHASTA (ଅନେକହସ୍ତା)

ପ୍ର : ଜଗନ୍ନାଥଙ୍କୁ କିଭଳି ବୁଝିବାକୁ ହେବ ?

ଉ : DEATH OF DEATH.

ପ୍ର : ଏକୋଦେବଃ ସର୍ବଭୂତେଷୁ ଗୂଢ଼ଃ କାହିଁକି ଚତୁର୍ଦ୍ଧା ରୂପ ନେଇଛନ୍ତି ?

ଉ : BUT STILL APRAKASHITA (ଅପ୍ରକାଶିତ) IN SYMBOL....

କିଛିଦିନ ପରେ ବହୁ ପ୍ରଶ୍ନୋତ୍ତର ଏଭଳି ଲେଖିବା ଗତାନୁଗତିକ ମନେହେଲା । ଯଦି କୌଣସି ଚେତନସତ୍ତା ଏଥିରେ ଆମ ସହିତ ଯୋଗାଯୋଗ କରୁଥାଏ, ତେବେ ଆଉ ଅଧିକ ସରଳ ଢଙ୍ଗରେ କାହିଁକି ସେ କାର୍ଯ୍ୟଟି ନ ହେବ ? ଏଣୁ ପଚରାଗଲା–

ପ୍ର : ଏମିତି ତିନିଜଣ କାହିଁକି ଟିପ ଥୋଇବେ, ଠିପିଟି ମନକୁ କାହିଁକି ନ ଚାଲିବ ?

ଉ : ANIMATION.

ପ୍ର : ଆପଣ ଆମ ଭାଷା ଶୁଣି ବୁଝିବାକୁ କାନ ଏବଂ ମନ ଥିବା ଯେପରି ପ୍ରୟୋଜନ, ସେହିପରି ଦେଖିବାକୁ ଆଖି ! ଅଶରୀରୀ ଆତ୍ମାର ଏଭଳି ଅବୟବ ନିଶ୍ଚୟ ନାହିଁ, ତେବେ ଆମ ପ୍ରଶ୍ନର ଉତ୍ତର ଆପଣ କେମିତି ଦେଇପାରୁଛନ୍ତି ?

ଉ : YOU CANNOT UNDERSTAND.

ପ୍ର : ହଉ ହେଲା । ତେବେ ଯୋଗାଯୋଗ ସହଜ ଏବଂ ସରଳ କରିବାକୁ ଜଣେ କାଗଜ ଉପରେ କଲମଟିଏ ଧରି ତାକୁ Animate କଲେ ଆପଣ ସିଧାସଳଖ ଲେଖିଦେଇପାରିବେ ?

ଉ : YES.

Digitized by srujanika@gmail.com

ପ୍ର : ତା' ହେଲେ କିଏ କଲମ ଧରିବ ? ଉପଯୁକ୍ତ ମାଧମ ନହେଲେ ତ ହେବ ନାହିଁ ।

ଉ : YES. B- (ପ୍ରୟୋଜନ ନଥିବାରୁ ନାମ ଦିଆଯାଉନାହିଁ ।) WILL WRITE-

ଯା'ପରେ ଆରମ୍ଭ ହେଲା ପ୍ରେତଲେଖ ବା Spirit Writing ।

ଏକ ଅଜ୍ଞାତ ଓ ଅଲୌକିକ ରାଜ୍ୟରେ ପ୍ରବେଶକଲେ ବିସ୍ମୟ ଅପେକ୍ଷା କୌତୂହଳର ମାତ୍ରା ଅଧିକ । ଆଉ ଏକ ଜଗତ୍‌ର ସତ୍ତା ସହିତ ଅର୍ଥପୂର୍ଣ୍ଣ ପ୍ରଶ୍ନୋତ୍ତର ଛଳରେ ସମ୍ପର୍କ ସ୍ଥାପନ କରାଯାଇପାରେ । ଏହା ପ୍ରମାଣିତ ହେଲା ପରେ ମଧ ତାହା ଦୁର୍ବୋଧ ଏବଂ ରହସ୍ୟମୟ ବୋଧହେଉଥିଲା । ପ୍ରଥମକଥା ହେଲା ଯେ, ସେମାନେ ସେ ରେଖାଯନ୍ତ୍ର ଭିତରକୁ ଆସୁଛନ୍ତି କିପରି ଓ କାହିଁକି ? ତାଙ୍କୁ କାହାକୁ ବିଶେଷ ଭାବରେ ଆବାହନ କରାଯାଉନଥିଲେ ସୁଦ୍ଧା ସେମାନେ କେମିତି ଆକୃଷ୍ଟ ହୋଇ ଆସୁଛନ୍ତି !

ଦ୍ୱିତୀୟରେ ସେମାନେ ବିଭିନ୍ନ ଦେଶକାଳରୁ ଆସୁଥିବାରୁ ଦେଶକାଳଗତ ବ୍ୟବଧାନକୁ କିପରି ଅତିକ୍ରମ କରୁଛନ୍ତି ? ଏବଂ ଦୁର୍ଲଂଘ୍ୟ ଦୂରତା ସତ୍ତ୍ୱେ ସେମାନେ ଏଠାକୁ ଆସିବାର Signal କେମିତି ପାଉଛନ୍ତି ?

ତା'ପରେ ଇଂରାଜୀ ବର୍ଣ୍ଣମାଳା ସମ୍ବଳିତ ଏ ଯନ୍ତ୍ରରେ ପ୍ରଶ୍ନୋତ୍ତର ସେହି ଇଂରାଜୀ ଭାଷାରେ ହେବା ସ୍ୱାଭାବିକ ଓ ଅନିବାର୍ଯ୍ୟ ହୋଇଥିବାରୁ ସେମାନଙ୍କ ପାଇଁ ଏ ଭାଷା ବୋଧଗମ୍ୟ ହୁଏ କିପରି ? ଭାଷା ଦେଶକାଳରେ ସୀମିତ ଥିବାରୁ କେତେକଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ଅଜ୍ଞାତ ନିଶ୍ଚୟ । ତା'ହେଲେ, ସେ କିପରି ପ୍ରତ୍ୟେକ ପ୍ରଶ୍ନର ଯଥାଯଥ ଉତ୍ତର ଦେଇପାରୁଛନ୍ତି ?

ଏ ସମସ୍ତ ପ୍ରଶ୍ନ ମୁଁ ବିଭିନ୍ନ ସମୟରେ ପଚାରିଛି ଏବଂ ଯେଉଁ ଉତ୍ତର ସବୁ ପାଇଛି ତାହା କୌତୂହଳୋଦ୍ଦୀପକ ଓ ବିସ୍ମୟକର । ଆମେ ପ୍ରାୟ ଦ୍ୱିପ୍ରହର ସମୟରେ ପ୍ଲାଞ୍ଚେଟ୍ ଡାକୁଥିଲୁ । ସବୁ ପ୍ରସ୍ତୁତ ହେଲା ପରେ ଅପେକ୍ଷା କରୁଥିଲୁ । ଠିପି ଉପରେ ଟିପରଖି ତିନିଜଣ ନୀରବ ନିଶ୍ଚଳ ଭାବରେ ଅପେକ୍ଷା କରୁଥିଲେ । ଜଣେ କାଗଜ କଲମ ଧରି ପ୍ରତିଟି ଅକ୍ଷର ଟିପିନେବାକୁ ପ୍ରସ୍ତୁତ ରହୁଥିଲା ଏବଂ କହିବା ବାହୁଲ୍ୟ ଯେ, ଗଭୀର ଉତ୍କଣ୍ଠା ଓ ଉତ୍ସୁକତା ନେଇ ମୁଁ ନିଜେ ଅପେକ୍ଷା କରୁଥିଲି ।

ଆମେ ନିର୍ଦ୍ଦିଷ୍ଟ କାହାକୁ ଆବାହନ କରୁନଥିଲୁ । ଏକପ୍ରକାର ଦ୍ୱାର ଉନ୍ମୁକ୍ତ ରଖି ଯେ କେହି ଆସିଲେ ସ୍ୱାଗତ କରୁଥିଲୁ ଓ ତାଙ୍କୁ ନିଜ ପରିଚୟ ଦେବାକୁ ଅନୁରୋଧ କରୁଥିଲୁ । ପ୍ରଥମେ ପ୍ରଥମେ ଯେଉଁମାନେ ଆସିଥିଲେ ତାଙ୍କୁ ମୁଁ ପଚାରିଥିଲି ।

ପ୍ର : ଆପଣ ଏଠିକି କାହିଁକି ଓ କିପରି ଆସିଲେ ?

ଉ : ଏଠି ଗୋଟାଏ ଆଲୋକ ରେଖା ମୋତେ ଆକୃଷ୍ଟ କଲା । ତା'ର ବର୍ଣ୍ଣ

Digitized by srujanika@gmail.com

ଈଷତ୍ ନୀଳ କିନ୍ତୁ ଭାରି ଉଜ୍ଜ୍ୱଳ । (ଅନ୍ୟମାନେ ଏଇ ଆଲୋକକୁ ଶୁଭ୍ର କିମ୍ବା ସ୍ୱର୍ଣ୍ଣାଭ ରୂପେ ଦେଖିଛନ୍ତି । ସେ ଆଲୋକର ଉତ୍ସ କ'ଣ ହୋଇପାରେ ତାହା ଏ ପର୍ଯ୍ୟନ୍ତ ମୁଁ ସ୍ପଷ୍ଟରୂପେ ଜାଣିପାରିନାହିଁ । କିନ୍ତୁ ଯାହା ହେବା ସମ୍ଭବ ବୋଲି ମୁଁ ଅନୁମାନ କରୁଛି ତାହା ପ୍ରକାଶ କରିବାକୁ ସାହସ ହେଉନାହିଁ, କାରଣ କିଏ କ'ଣ ଅର୍ଥ ସେଥିରୁ କରିପାରନ୍ତି ବୋଲି ଭୟ ହେଉଛି ।)

ପ୍ର : ଆପଣ ତ ଅନ୍ୟ ଦୂର ଦେଶର ଅଧିବାସୀ । ଅନ୍ୟ ସମୟରେ ଆପଣ ଏ ପୃଥିବୀରେ ଥିଲେ । ଏବେ ଏଠିକି ଆପଣ ଆସି କେମିତି ଯୋଗାଯୋଗ କରିପାରୁଛନ୍ତି ?

ଉ : ଆମପାଇଁ ଦେଶକାଳ ନାହିଁ– No Space or Time– ଆମେ ସର୍ବତ୍ର ସର୍ବଦା ଅବସ୍ଥାନ କରିପାରୁ ।

ପ୍ର : ଆପଣଙ୍କର କ'ଣ ସ୍ୱତନ୍ତ୍ର ଜଗତ୍ ନାହିଁ ? ଆପଣ କ'ଣ ପିତୃଲୋକରେ ନାହାନ୍ତି ?

ଉ : Simultaneous, different dimensions.

(ମନେହେଲା ସେ କହିବାକୁ ଚାହିଁଛନ୍ତି ଯେ ଭିନ୍ନ ଭିନ୍ନ ଲୋକସକଳ ସାଧାରଣ ଅର୍ଥରେ ଭୌଗୋଳିକ ସରହଦରେ ନାହାନ୍ତି । ସବୁ ଏଇଠି ବିଦ୍ୟମାନ, କିନ୍ତୁ ସେମାନଙ୍କର ସୂକ୍ଷ୍ମତା ଅଲଗା । ଗୋଟିଏ ମାତ୍ର ଆକାଶରେ ପବନ ଓ ଆଲୋକ ଏକତ୍ର ଅଥଚ ପୃଥକ୍ ଥିଲାପରି ହୁଏତ, ଇହଲୋକ ଓ ପରଲୋକ Simultaneous ରହିଛନ୍ତି ।)

ପ୍ର : ଆପଣଙ୍କର କ'ଣ ରୂପ ଅଛି ? ସାଧାରଣ ବିଶ୍ୱାସରେ ଶରୀରରୁ ମୁକ୍ତ ହେଲା ପରେ ଆପଣମାନେ ସେହି ଶରୀରର ସାଧାରଣ ଆକୃତି ନେଇ ବିଚରଣ କରନ୍ତି ? ସେ ରୂପର ଆକୃତି ଅନୁସାରେ ଆଚରଣ ଓ କ୍ଷୁଧା ତୃଷା ଆଦି ନିର୍ଣ୍ଣୀତ ହୁଏ କି ?

ଉ : No. Form Temporary. No substance.

(ଶରୀର ତ୍ୟାଗ କରିବାର କିଛିକାଳ ପର୍ଯ୍ୟନ୍ତ ବୋଧହୁଏ ପ୍ରାଣିକ ରୂପରେ ସେମାନେ ରହନ୍ତି । ତା'ପରେ ରୂପ ଚାଲିଯାଏ । ଏ ରୂପର ସ୍ଥୂଳତା ନାହିଁ । ଏହାର ଉପାଦାନ ମଧ୍ୟ ଅପାର୍ଥିବ । କ୍ଷୁଧା ତୃଷା ବିଷୟରେ କିଛି କହିଲେ ନାହିଁ । କିନ୍ତୁ ଅନେକ ଦିନ ପରେ ଜଣେ ଜାପାନୀ ତାଙ୍କ ମୃତ୍ୟୁର ଅଳ୍ପ କିଛି ଦିନ ପରେ, ତୃଷା, ଭୟ, ନିର୍ଜନତା ଓ ଅନ୍ଧାର କଥା କହିଲେ । ଆଉଜଣେ କହିଲେ ଯେ ସେମାନେ ସୁନେଲି ରଙ୍ଗର ଏକପ୍ରକାର ଗୁଣ୍ଡ ଆହାର କରନ୍ତି । ତାହା କ'ଣ ବୋଲି ପଚାରିବାରୁ ତାକୁ ବୁଝେଇ ହେବ ନାହିଁ ବୋଲି ଟାଳିଦେଲେ ।)

Digitized by srujanika@gmail.com

ପ୍ର : ଇହକାଳର ସଂସ୍କାର ରହେ କି ? ଶତ୍ରୁ ମିତ୍ର ଭାବ, ସନ୍ତୋଷ ଅସନ୍ତୋଷ, କ୍ରୋଧ, ଘୃଣା ବା ଆସକ୍ତି ଆଦି ପ୍ରେତସତ୍ତାରେ ରହେ କି ?

ଉ : We have no emotions. (ଏଠାରେ ପିତୃପୁରୁଷଙ୍କୁ ପିଣ୍ଡଦାନ ଦ୍ୱାରା ସନ୍ତୁଷ୍ଟ କରିବା କିମ୍ବା ପ୍ରାରବ୍ଧ କର୍ମର ଫଳ ଜନ୍ମାନ୍ତରରେ ଭୋଗକରିବାର ବିଶ୍ୱାସ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କିନ୍ତୁ ମୁଁ ସେତେବେଳେ ଆଉ ଅଧିକ କିଛି ପଚାରିପାରିନଥିଲି ।

ପ୍ର : ପୁଣି ଶରୀର ଗ୍ରହଣକରିବା କ'ଣ ଅନିବାର୍ଯ୍ୟ ? ଧ୍ରୁବଂ ଜନ୍ମମୃତସ୍ୟ ଚ ?

ଉ : Partially. (ସମସ୍ତେ ଜନ୍ମ ନନେଇପାରନ୍ତି । ସମଗ୍ର ସତ୍ତା ଜନ୍ମ ନ ନେଇ ଆଂଶିକ ଭାବରେ ଶରୀରରେ ପ୍ରବେଶ କରିପାରେ) ଏ ସଂକ୍ରାନ୍ତରେ ଏକ ବିଚିତ୍ର ତଥ୍ୟ ଜଣକଠାରୁ ମିଳିଥିଲା । ସେ ଯେତେବେଳେ ରେଖାଯନ୍ତ୍ରରେ ପ୍ରବେଶ କଲେ ଆମେ ତାଙ୍କୁ ତାଙ୍କର ପରିଚୟ ଜିଜ୍ଞାସା କଲୁ ।

ପ୍ର : ଆପଣ କିଏ ଆସିଛନ୍ତି ଦୟାକରି କହିବେ କି ?

ଉ : Udvijja.

ଏହାର କୌଣସି ଅର୍ଥ ବୁଝିନପାରି ତାଙ୍କୁ ପୁଣି ପଚାରି ଜାଣିଲି ଯେ ସେ ଉଦ୍ଭିଦ ରୂପରେ ଥରେମାତ୍ର ପ୍ରକଟ ହୋଇଥିଲେ । ତାହା କେତେ ସହସ୍ର ବର୍ଷ ପୂର୍ବେ ଘଟିଥିଲା କଳ୍ପନା କରିବା କଷ୍ଟକର ! ତା'ପରେ ସେ ଆଉ ଶରୀର ପରିଗ୍ରହ କରିନାହାନ୍ତି ।

ଏହାଦ୍ୱାରା କିଛି ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶିତ ହେଲା । (୧) ଅଶରୀରୀ ସତ୍ତା ମାନବ ଶରୀର ଧାରଣକରିବା ଅପରିହାର୍ଯ୍ୟ ନୁହେଁ । (୨) କେବଳ ମଣିଷଠାରେ ନୁହେଁ, ଉଦ୍ଭିଦ ଭିତରେ (ଏଣୁ ନିଶ୍ଚୟ ଇତର ପ୍ରାଣୀମାନଙ୍କ ଭିତରେ) ମଧ୍ୟ ଆତ୍ମତତ୍ତ୍ୱ ନିହିତ ଅଛି– ଏକୋ ଦେବଃ ସର୍ବ ଭୂତେଷୁ ଗୂଢ଼ଃ । ସର୍ବବ୍ୟାପୀ ସର୍ବଭୂତାନ୍ତରାତ୍ମା । – ଏହି ଉପନିଷଦ୍ ବାଣୀ ସତେବା ଏହାଦ୍ୱାରା ପ୍ରମାଣିତ ହୋଇଯାଉଛି ।

ଆମର ସାଧାରଣ ଧାରଣା ଅନୁସାରେ କେବଳ ଯେ ଦୁଷ୍ଟ ଆତ୍ମା ବା ଶିଷ୍ଟ ଆତ୍ମା ଅଛନ୍ତି ତା' ନୁହେଁ, ସେମାନଙ୍କ ମଧ୍ୟରେ ବିଭିନ୍ନ ସ୍ତର ଥିବାର ମଧ୍ୟ ସୂଚନା ମିଳିଲା । ମୁଁ ମୋର ମୃତ ପିଲାଙ୍କ ବିଷୟ ପଚାରିଥିଲି ।

ପ୍ର : ନନା (ପିତା) ପୁନର୍ବାର ଶରୀର ଧାରଣ କଲେଣି କି ?

ଉ : ନା, ସେ ତାଙ୍କ ସ୍ତରରେ ତପସ୍ୟା କରୁଛନ୍ତି ।

ସେହି ପ୍ରଶ୍ନର ଉତ୍ତର ଆଉଜଣେ ଏପରି ଦେଇଥିଲେ –

ଉ : A large white circle with a dark centre.

ଏକ ବୃହତ୍ ଶ୍ୱେତ ବୃତ୍ତ, ଯାହାର କେନ୍ଦ୍ର କୃଷ୍ଣ ତମିସ୍ରା । (ମୋର ହଠାତ୍

Digitized by srujanika@gmail.com

ମନେହେଲା, ସେ ସତେବା ଜଗନ୍ନାଥଙ୍କ ଗୋଟିଏ ଡୋଳାର ଚିତ୍ର ଦେଉଛନ୍ତି । ମୋର ଅନୁମାନ ଠିକ୍ କି ଭୁଲ୍ ପଚାରିବାରୁ ସେ କିଛି ସ୍ପଷ୍ଟ ଉତ୍ତର ଦେଇନଥିଲେ ।)

ଅଶରୀରୀ ସତ୍ତାମାନେ ଯାହା କହିଛନ୍ତି, ତା'ର ସତ୍ୟତା ବା ଅସତ୍ୟତା ପ୍ରମାଣ କରିବା ମୋର ସାଧ୍ୟାତୀତ । ମୋର କେବଳ ଏତିକି ସୂଚନା ଦେବା କଥା ଯେ, ଆମମାନଙ୍କ ଭିତରୁ ଯେ କୌଣସି ଧୀମାନ୍, ବିଦ୍ୱାନ୍ ଭଳି ସେମାନେ ବହୁ ଜଟିଳ ପ୍ରଶ୍ନର ସରଳ ଉତ୍ତର ଦେବାପାଇଁ ସମର୍ଥ । ସେମାନଙ୍କର ଅସ୍ତିତ୍ୱ ଯେପରି ନିଃସନ୍ଦେହ, ସେମାନଙ୍କର ବୁଦ୍ଧିମତ୍ତା ବା intelligence ମଧ୍ୟ ସ୍ୱୀକାରଯୋଗ୍ୟ ।

ପ୍ର : ସେ କେଉଁ ସ୍ତରରେ ଅଛନ୍ତି ? ଏବଂ ତପସ୍ୟା କରିବାର ଅର୍ଥ କ'ଣ ?

ଉ : ତାଙ୍କ ସ୍ତର ସଂଖ୍ୟା ୫୨ । ତପସ୍ୟାଦ୍ୱାରା ସେ ଆହୁରି ଉଚ୍ଚ ସ୍ତରକୁ ଯାଇପାରିବେ ।

ପ୍ର : ସମସ୍ତେ କ'ଣ ତପସ୍ୟା କରନ୍ତି ?

ଉ : ନା, ଯେଉଁମାନେ ଶରୀର ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ସେମାନେ ତପସ୍ୟା କରନ୍ତି ।

ପ୍ର : ମହାପୁରୁଷମାନେ ମଧ୍ୟ କ'ଣ ତପସ୍ୟା କରନ୍ତି ?

ଉ : ହଁ, କେହି କେହି ୧୫୦୦ ସ୍ତରରେ ପହଞ୍ଚିଛନ୍ତି । ଆହୁରି ଊର୍ଦ୍ଧ୍ୱକୁ ଯିବାକୁ ସାଧନା କରୁଛନ୍ତି ।

ପ୍ର : ଶେଷରେ ସେମାନେ କ'ଣ ପରମାତ୍ମାଙ୍କୁ ପାଇବେ ?

ଉ : ଏହାର ଶେଷ ନାହିଁ ।

ଈଶ୍ୱରଙ୍କ ବିଷୟରେ ଏକ ନିଷ୍ପତ୍ତିମୂଳକ ବାକ୍ୟ, Spirit Writing ବେଳେ 'ନିଗମାନନ୍ଦ'ଠାରୁ ମିଳିଥିଲା, ତା' ହେଉଛି ଏହିପରି –

ପ୍ର : ଆପଣ ଯେହେତୁ ଦୟାପରବଶ ହୋଇ ଆସିଛନ୍ତି, କିଛି ଉପଦେଶ ଦିଅନ୍ତୁ । ଆପଣଙ୍କୁ ପ୍ରଶ୍ନ ପଚାରିବାର ଧୃଷ୍ଟତା କରିବି ନାହିଁ ।

ଉ : ଅତ୍ୟନ୍ତ ସ୍ପଷ୍ଟ ଭାବରେ ଲେଖିଦେଲେ (ମାଧ୍ୟମ ଜରିଆରେ) ''ସେ ଅଛନ୍ତି'' (Se Achhanti)

ପ୍ରାଥମିକ ଅବସ୍ଥାରେ ପ୍ଲାଞ୍ଚେଟ୍‌ରେ ଆଉ କେତେଜଣଙ୍କୁ ପଚାରିଥିଲି । କିଛି ଅସାଧାରଣ ଉତ୍ତର ମିଳିଥିଲା ।

ପ୍ର : ଈଶ୍ୱରଙ୍କ ବିଷୟରେ ଆପଣଙ୍କ ଧାରଣା କ'ଣ ?

ଉ : Enormous tongue dripping blood – ଏକ ବିଶାଳ ଜିହ୍ୱା ଯେଉଁଥିରୁ ରକ୍ତ ଝୋପିପଡୁଛି – (ମନେହୁଏ ସେ କାଳରୂପୀ ବିଶ୍ୱାତ୍ମାଙ୍କ ଚିତ୍ର ଦେଉଛନ୍ତି (ଲେଲିହ୍ୟସେ ଗ୍ରସମାନଃ ସମନ୍ତାତ୍/ଲୋକାନ୍ ସମଗ୍ରାନ୍ ବଦନୈର୍ଜ୍ୱଲଦ୍ଭିଃ..)

Digitized by srujanika@gmail.com

।। ୩ ।।

ପ୍ଲାଞ୍ଚେଟ ମାଧ୍ୟମରେ ଅସଂଖ୍ୟ ପ୍ରଶ୍ନର ଉତ୍ତର ଦେଉଥିବା ଅଶରୀରୀ ସତ୍ତାମାନଙ୍କୁ ଅଗତ୍ୟା ସ୍ୱୀକାର କରିବାକୁ ପଡୁଥିଲେ ସୁଦ୍ଧା ମନରୁ ସବୁ ସଂଶୟ ତୁଟିପାରୁନଥାଏ । ଲାଗୁଥାଏ ସତେବା ଉତ୍ତରଗୁଡ଼ିକ କୌଣସି କାରଣରୁ ହୁଏତ ସୂଚିତ ହୋଇଯାଉଥାଇପାରେ । ତାହା ଯେ ଅଶରୀରୀ ଆତ୍ମାର ଉତ୍ତର ସେଥିପାଇଁ ପ୍ରମାଣ କାହିଁ ? ଏତେ ବର୍ଷ ପରେ ଯଦି କେହି ପଚାରେ ଯେ ଇଂରାଜୀ ବଡ଼ ହରଫ ଅକ୍ଷରରେ ଜଣେ କ'ଣ ଜାଣିଶୁଣି ପ୍ରଶ୍ନମାନଙ୍କର ଉତ୍ତର ଲେଖିଦେଇ ଲୋକଙ୍କୁ ଠକିପାରିବ ନାହିଁ ? ନିଶ୍ଚୟ ପାରିବ ଏବଂ ସେଥିରେ ବହୁପ୍ରକାରେ ଲାଭବାନ୍ ମଧ୍ୟ ହୋଇପାରିବ । ତା'ହେଲେ ଏତେ ଶ୍ରମ କରି ଯେଉଁ ମୌଳିକ ତଥ୍ୟଟିକୁ ପ୍ରମାଣ କରିବାକୁ ଲେଖକ ପ୍ରଚେଷ୍ଟା କରୁଛି ତାହା ବୃଥା ହୋଇଗଲା । ଏଣୁ ସେ ଆହୁରି ଅଭ୍ରାନ୍ତ ପ୍ରମାଣ ସଂଗ୍ରହ କରିବାକୁ ଚାହିଁଛି । ଯଦି କୌଣସି ମାଧ୍ୟମରେ ଅଶରୀରୀ ଆତ୍ମାଟି ସିଧାସଳଖ କାଗଜ କଲମରେ କିଛି ଲେଖିଦେଇପାରେ, ତେବେ ବୋଧହୁଏ ତାକୁ ଦେଖି କେହି ବିଶ୍ୱାସ କରିପାରନ୍ତି । ଏଇ ଉଦ୍ଦେଶ୍ୟରେ ସେ ପ୍ରଶ୍ନୋତ୍ତରର ଦୀର୍ଘ ପର୍ଯ୍ୟାୟ ପରେ ପ୍ରେତଲେଖ ବା spirit writingର ପରୀକ୍ଷା କରିଛି ।

ପ୍ଲାଞ୍ଚେଟରେ ସାଧାରଣତଃ ଯେମିତି କୌଣସି ନିର୍ଦ୍ଦିଷ୍ଟ ମୃତବ୍ୟକ୍ତିର ଆତ୍ମାକୁ ଆବାହନ କରାଯାଏ ଆମେ ସେମିତି କରୁନଥିଲୁ । ଆମେ ପ୍ଲାଞ୍ଚେଟ କେନ୍ଦ୍ରରେ ଓଲଟମୁହାଁ ଠିପି ଉପରେ ଟିପ ଥୋଇ ଖୋଲାମନରେ ଅପେକ୍ଷା କରୁଥିଲୁ । କିଛି ସମୟ ପରେ ମନେହେଉଥିଲା ଯେ ସେ ଠିପିଟି ସାମାନ୍ୟ ଘୂରୁଛି । ସେତିକିବେଳେ ପଚାରୁଥିଲୁ– ଆପଣ କିଏ ଆସିଲେ କି ? ଯଦି ଉପରକୁ ଠିପି ଘୁଞ୍ଚିଯାଉଥିଲା ଆମେ ଅନୁରୋଧ କରୁଥିଲୁ ଦୟାକରି ଆପଣଙ୍କ ପରିଚୟ ଦିଅନ୍ତୁ । Yes ଏବଂ No ରହିବାଦ୍ୱାରା ଅନେକ ପ୍ରଶ୍ନର ଉତ୍ତର ବି ଅତି ସହଜରେ ଏଇ ଦୁଇଟି ଶବ୍ଦ ମାଧ୍ୟମରେ ହିଁ ମିଳିଯାଉଥିଲା । ଅନେକ ଦିନ ଧରି ଏହିପରି ପ୍ରଶ୍ନ ଉତ୍ତର ହୋଇସାରିଥାଏ । ସେତେବେଳେ ନିଗମାନନ୍ଦ ଆସୁଥାନ୍ତି । ସେ ହିଁ କହିଥାନ୍ତି ଯେ ଆମ ଭିତରୁ ଜଣଙ୍କ ମାଧ୍ୟମରେ ସିଧାସଳଖ ଲେଖାଯାଇପାରିବ ।

ସେଦିନ ଦ୍ୱିପ୍ରହରବେଳେ ଆମେ ବସିଥାଉ । ଭୂ-କୁ କହିବାରୁ ସେ ଗୋଟିଏ ପୁରୁଣା ଡାଏରୀର ପୃଷ୍ଠାରେ କଲମ ଥୋଇଲା । ଉଶ୍ୱାସରେ ଛୁଇଁଲା ଭଳି ହିଁ କଲମଟିକୁ

Digitized by srujanika@gmail.com

ଧରିଥାଏ । ମୁଁ ଚାହିଁଥାଏ ହଠାତ୍ କଲମଟି ଘୁଞ୍ଚିବା ଆରମ୍ଭ କଲା ଏବଂ ଏକ ସ୍ୱତନ୍ତ୍ର ଶୈଳୀର ହସ୍ତାକ୍ଷରରେ ଏଇ କେତେ ଧାଡ଼ି ଏଇଭଳି ଭାବରେ ଲେଖି ହୋଇଗଲା ।

Born in darkness
Dark is my life
and shall stay
in darkness Chinese

ମୁଁ ଏ ଆଲୋକ ବିରୋଧୀ ଅଥଚ ମୌଳିକ ଏବଂ କିଛି ପରିମାଣରେ ନିରାଶା ବ୍ୟଞ୍ଜକ ଖେଦୋକ୍ତି ଭଳି ଶୁଭୁଥିବା ବାକ୍ୟଖଣ୍ଡ ପଢ଼ି ଆଶ୍ଚର୍ଯ୍ୟ ହୋଇଗଲି, ପଚାରିଲି– Confucius ?


March 1966
monday 14
Dark is my life
And shall stay
in darkness
Chinese
no no
Huan Chi
Is not it Truth?
Then you mean dawn or dusk?

– No No Huanchi

ସେ ସେପରି କାହିଁକି କହୁଛନ୍ତି ଜାଣିବାପାଇଁ ଉଖୁରେଇଲି

– Light exists for all Jyotih surya suryo jyotih for all.

ସେ ଉତ୍ତର ଦେଲେ– Yes.

Digitized by srujanika@gmail.com

– Is not it Truth

ପ୍ରଥମେ କାହାକୁ ସତ୍ୟ କହୁଛନ୍ତି ବୋଲି ବୁଝିପାରିଲି ନାହିଁ । କାଳେ ଅନ୍ଧକାରକୁ ହିଁ ସତ୍ୟ ବୋଲି କହୁଛନ୍ତି ଭାବି କହିଲି– You mean Darkness ? Wells, that which contains both light and darkness is the Truth.

– Yes

– Then, you

– mean dawn or dusk ?

ଆଶ୍ଚର୍ଯ୍ୟ ବୁଦ୍ଧି ! ଅନ୍ଧାର ଏବଂ ଆଲୋକକୁ ଏକତ୍ର ଧାରଣ କରୁଥିବା ପ୍ରତ୍ୟୁଷ ନା ପ୍ରଦୋଷ କଥା କହୁଛ ? ବାଃ ! ମୁଁ ଖୁବ୍ ପ୍ରଭାବିତ ବୋଧକଲି, କିନ୍ତୁ ବାଟ ନଛାଡ଼ି କହିଲି– I mean ଚତୁଷ୍କୋଟି ବିନିର୍ମୁକ୍ତ ଅବସ୍ଥା ? either, or, neither both, above all this.


March 1966

Either... Or

Above

Then singularity

Thank you

ସେ କହିଲେ– either... or above

is it not below something ?

ପ୍ରଶ୍ନଶୁଣି ଅବାକ୍ ହୋଇଗଲି । ମୋତେ ନେଇ ସତେବା କେହିଜଣେ ବୁଦ୍ଧିରେ ଖେଳୁଛି ! ମୁଁ କିନ୍ତୁ ଭୁରୁଡ଼ି ମାରୁଥାଏ । Direction does not exist in a timeless and spaceless one.

Oneness exist or exists ? ଏଇଠି ପ୍ରଥମେ ସେ ମୋର ସୀମା ଟପିଗଲେ । ମୁଁ ହଡ଼ବଡ଼େଇଗଲି ଏବଂ କଥାଟାକୁ ଗୋଳେଇବାକୁ ଚେଷ୍ଟା କଲି– The word exist is misleading. It means exust, the one with one duality or plurality only exists,

Digitized by srujanika@gmail.com

ତାଙ୍କର ଆହୁରି ଜଟିଳ ପ୍ରଶ୍ନ–

– then singularity or below singularity well

ମୋର ଆଉ ବାକ୍‌ସ୍ଫୂର୍ତ୍ତି ହେଲାନାହିଁ । ଏକ ପ୍ରଚଣ୍ଡ ବୌଦ୍ଧିକତା ପାଖରେ ମୁଁ ସମ୍ପୂର୍ଣ୍ଣ ପରାସ୍ତ ବୋଧକଲି ।

ସେଇ ଅବସରରେ ସେ କହିଲେ –

Thank you.

ସେ ଚାଲିଯାଉଛନ୍ତି ଜାଣିପାରି ବାଟ ଜଗି ପଚାରିଲି– ଆପଣ ଏପରି ଯାଇପାରିବେ ନାହିଁ । ଆପଣଙ୍କ ପରିଚୟ ଦେବା ତ ଶିଷ୍ଟାଚାରର ଅନ୍ତର୍ଭୁକ୍ତ । (ସମ୍ମାନର ସହିତ ପଚାରୁଛି)

Yes, Nigam... shall tell; not I...

କେତେ ସହଜ ସରଳ ଏବଂ ଘନିଷ୍ଠ ସମ୍ବୋଧନ ନିଗମାନନ୍ଦଙ୍କ ପାଇଁ– ସତେବା ସେ ତାଙ୍କ ସମସ୍କନ୍ଧ ବନ୍ଧୁ କିମ୍ବା କନିଷ୍ଠ ଅନୁଜ ।

ତା'ପରେ କଲମ ସ୍ଥିରହୋଇଯିବାରୁ ଭୂ-ତାକୁ ଟେବୁଲ ଉପରେ ରଖିଦେଇ ମୋତେ ଅନେଇଲା । ମୁଁ ସେତେବେଳେ ନିର୍ବାକ୍ ବିସ୍ମୟରେ ଅଭିଭୂତ ହୋଇ ବସିଥାଏ । ପ୍ରକାଶ ଥାଉ କି, ଭୂ-ସେତେବେଳେ ପଦାର୍ଥବିଜ୍ଞାନରେ ସ୍ନାତକଛାତ୍ର । ସେ ଯେଉଁ ଅକ୍ଷରରେ ଲେଖିଲା ତାହା କସ୍ମିନ୍‌କାଳେ ତା' ହସ୍ତାକ୍ଷର ସହିତ ମିଶିପାରିବ ନାହିଁ । ଯେଉଁଭଳି କଥା ଲେଖାହେଲା ସେ ତାକୁ କଳ୍ପନା ସୁଦ୍ଧା କରିପାରିବ ନାହିଁ । ମୁଁ ସ୍ୱୀକାର କରୁଛି ଯେ ମୁଁ ସଚେତନ ଭାବରେ ଚେଷ୍ଟା କଲେ ସୁଦ୍ଧା ସେପରି ଯୁକ୍ତି କରିପାରିବିନାହିଁ । ଅତଏବ ସେ ଯେ ଆସିଥିଲେ (କାରଣ ସେ ଆସି ପ୍ରବେଶ କରିନଥିଲେ ଏମିତି ଲେଖିହେବାର କୌଣସି ସମ୍ଭାବନା ନ ଥିଲା) ଏବଂ ଯାହା କହିଲେ ତାହା ଯେ ସମ୍ପୂର୍ଣ୍ଣ ମୌଳିକ ଏ ବିଷୟରେ ଅନ୍ତତଃ ମୋର କୌଣସି ସନ୍ଦେହ ରହିଲା ନାହିଁ ।

କିନ୍ତୁ କେମିତି ଏ ଘଟଣାଟି ଘଟୁଥିଲା, କେମିତି ଜଣେ ସ୍ୱଚ୍ଛ ଦିବାଲୋକରେ ଆମ ସାମ୍ନାରେ ବସିଥିଲାବେଳେ ଏବଂ ସେଭଳି କୌଣସି ଆବିଷ୍ଟ ଭାବରେ ନିମଜ୍ଜିତ ନ ରହି, ସ୍ୱାଭାବିକ ଢଙ୍ଗରେ ଆମ କଥାବାର୍ତ୍ତା ଶୁଣି ଆମକୁ ଚାହିଁ ହସୁଥିଲାବେଳେ ତା' ହାତରେ ଧରିଥିବା କଲମଟିଏ ଗଭୀର ଅର୍ଥପୂର୍ଣ୍ଣ ଶବ୍ଦ ଏବଂ ବାକ୍ୟ ରଚନା କରିପାରୁଥିଲା ତାହା କହିବା କଠିନ । ସାଧାରଣତଃ ଶରୀରର କୌଣସି ଅଙ୍ଗକୁ ଚାଳିତ କରିବା ସକାଶେ ଯେଉଁ ମାଂସପେଶୀ, ଶିରା, ଉପଶିରା ଆଦି ବ୍ୟବହୃତ ହୁଅନ୍ତି ସେଗୁଡ଼ିକୁ ମସ୍ତିଷ୍କରେ ଥିବା ନିୟନ୍ତ୍ରଣକାରୀ କୋଷଗୁଡ଼ିକ ଆଦେଶ ନ ଦେଲେ ସେମାନେ ଘୁଞ୍ଚିବେ ନାହିଁ ବୋଲି ଶରୀରବିଜ୍ଞାନ କହୁଛି । ଭୂ-ର ମନ ଯେ ସେଥିରେ

Digitized by srujanika@gmail.com

ନିର୍ଲିପ୍ତ ଥିଲା ତା'ର ପ୍ରମାଣ ସେ ଆମମାନଙ୍କ ସହିତ ସାମାନ୍ୟ କଥାବାର୍ତ୍ତା କରୁଥିଲା ଏବଂ କ'ଣ ଲେଖାହେଉଛି ସେ ଆଡ଼କୁ ଦୃଷ୍ଟି ଦେଉ ନ ଥିଲା । ତା'ହେଲେ କ'ଣ ମନର କୌଣସି ଏକ ବିଶେଷ ପ୍ରକୋଷ୍ଠରୁ ଅତି ସୂକ୍ଷ୍ମ ରୂପରେ ଆଉ କିଏ ସେ ହାତକୁ ନିୟନ୍ତ୍ରିତ କରୁଥିଲା ? ତାହା କ'ଣ ସମ୍ଭବ ? ଅନ୍ତତଃ ଭୂ-ର ସମଗ୍ର ସତ୍ତାକୁ ଆଚ୍ଛନ୍ନ ଏବଂ ଅକ୍ରିୟ ନ କରି ସେଭଳି ତା' ଶରୀରର ଏକ ଅଙ୍ଗକୁ ଆଉ ଏକ ସତ୍ତା କ'ଣ ବ୍ୟବହାର କରିପାରେ ? ଭୂତାବିଷ୍ଟ ବ୍ୟକ୍ତି ସମ୍ପୂର୍ଣ୍ଣଭାବେ ଆଉଜଣକ ଭଳି ଆଚରଣ ଏବଂ କଥାବାର୍ତ୍ତା କରିବାର ଶୁଣାଯାଏ । ସେତିକିବେଳେ ତା' ନିଜ ସତ୍ତା ମନବୁଦ୍ଧି ଅହଂକାର ଶରୀର ଚେତନା ଉପରେ ଆଉ ଗୋଟିଏ ସତ୍ତା ମଢ଼େଇ ହୋଇପଡ଼ିଥିବାରୁ ସେ ନିଜେ ହୋଇ ଆଉ ରହେ ନାହିଁ । କିନ୍ତୁ ଏ କ୍ଷେତ୍ରରେ ତାହା ମୋଟେ ଘଟିନାହିଁ । ଭୂ - ବେଶ୍ ସହଜ ଏବଂ ସ୍ୱାଭାବିକ ଢଙ୍ଗରେ ଆମ ମେଳରେ ବସିଥାଏ, ତା'ର କୌଣସି ପ୍ରକ୍ରିୟା ନ ଥାଏ । ଜଣାଯାଉଥାଏ ସତେବା ସାନପିଲାଟିର ହାତ ଧରି କେହି ଜଣେ ନୂଆ ଅକ୍ଷର ଲେଖେଇଦେଉଛି ।

ଏ ସମଗ୍ର ବିଷୟଟି ଗଭୀର ରହସ୍ୟାବୃତ । ଉତ୍ତର ମିଳିପାରିବ କେବଳ ସେଇ ସୂତ୍ରରୁ । ଯେ ଆସି 'ଅନ୍ଧାର' ଉପରେ ନୂତନ ଆଲୋକପାତ କଲେ ସେ କହିବା ଅନୁସାରେ ନିଗମାନନ୍ଦ ହିଁ ବୁଝାଇଦେଇପାରିବେ । ଏ ସଂକ୍ରାନ୍ତରେ ତାଙ୍କ ଲିଖିତ ଉତ୍ତର ପାଇଁ ଆମେ ପ୍ରସ୍ତୁତ ହେଲୁ ।

Digitized by srujanika@gmail.com

।। ୪ ।।

ପ୍ଲାଞ୍ଚେଟ୍ କଲ୍ ମାଧ୍ୟମରେ ପ୍ରଶ୍ନ ଉତ୍ତର ପରେ ପ୍ରେତଲେଖ ବା spirit writing ନେଇ ପରୀକ୍ଷାରେ ନିଜକୁ ଚୀନ ଦେଶର ହ୍ୱାନ୍ ଚି ବୋଲି ପରିଚୟ ଦେଇଥିବା କୌଣସି ସତ୍ତା ଆସି ଅଯାଚିତ ଭାବରେ ଏକ ଗଭୀର ତତ୍ତ୍ୱ ଏବଂ ଯୁକ୍ତି ସମନ୍ୱିତ ବୟାନ ଦେଇଯାଇଛନ୍ତି । ତାଙ୍କର ବୌଦ୍ଧିକତା ଏବଂ ମୌଳିକ ତର୍କ ଲେଖକଙ୍କୁ ବିସ୍ମିତ କରିଛି । ଲେଖକ ତାଙ୍କ ବିଷୟରେ ଆହୁରି ଜାଣିବାକୁ ଚାହିଁବାରୁ ସେ ନିଜେ କିଛି ନ କହି ନିଗମାନନ୍ଦଙ୍କୁ ଦାୟିତ୍ୱ ଦେଇ ଚାଲିଯାଇଛନ୍ତି । ତା'ପର ଦିନ ନିଗମାନନ୍ଦଙ୍କ ସହିତ ଆଲୋଚନା Spirit writingରେ ଲିପିବଦ୍ଧ ହେବାର ବିବରଣୀ ଲେଖକ ଏଠାରେ ପ୍ରଦାନ କରୁଛି ।

ସେ କିଏ ଯେ ନିଜକୁ ଚୀନ ଦେଶର ହ୍ୱାନ୍ ଚି ବୋଲି ନିଜର ପରିଚୟ ଦେଲେ ? ମାତ୍ର ଅଳ୍ପ କେତୋଟି ବାକ୍ୟାଂଶ ଭିତରେ କ'ଣ ସାଧାରଣ କୌଣସି ବ୍ୟକ୍ତି ଏପରି ଗଭୀର ତତ୍ତ୍ୱକୁ ନେଇ ଖେଳିପାରେ ? ବାରମ୍ବାର ତାଙ୍କର ଉକ୍ତିଗୁଡ଼ିକୁ ମନେ ପକାଇ ମୁଁ ବିସ୍ମିତ ଏବଂ ଉଲ୍ଲସିତ ହେଉଥାଏ । ପ୍ରବଳ ଆଗ୍ରହ ହେଉଥାଏ ତାଙ୍କ ବିଷୟରେ ନିଗମାନନ୍ଦ କ'ଣ କହୁଛନ୍ତି ଜାଣିବାକୁ । ତା'ପରଦିନ ଦ୍ୱିପ୍ରହର ପର୍ଯ୍ୟନ୍ତ କୌଣସି ପ୍ରକାରେ କୌତୂହଳକୁ ଦମନ କରି ରଖିଥାଉ । ପ୍ରାୟ ଦୁଇଟାବେଳେ ଆମେ ପ୍ରସ୍ତୁତ ହୋଇଗଲୁ । ଭୂ-ଡାଏରୀ ଖୋଲି କଲମ ଧରି ବସିଲା ଏବଂ ପ୍ରଶ୍ନଗୁଡ଼ିକୁ ଲେଖିବାକୁ ସୁବିଧା ହେବ ବୋଲି ମୁଁ ତା ପାଖରେ ଆଉ ଗୋଟିଏ ଚୌକିରେ ବସିଲି । ଆମ ପରିବାରର ଅନ୍ୟମାନେ ସେଇ ଆଖପାଖରେ ବସିଗଲେ ବା ଠିଆହେଲେ । ସ୍ୱତଃ ସବୁ ନିସ୍ତବ୍ଧ ହୋଇଗଲା ।

ଡାଏରୀ ପୃଷ୍ଠା ଉପରେ କଲମ ରଖି ଭୂ - ଅପେକ୍ଷା କରିଥାଏ ।

ମୋର କେଜାଣି କେମିତି ପ୍ରତ୍ୟୟ ହୋଇଯାଇଥାଏ ଯେ ନିଗମାନନ୍ଦ ହିଁ ଆସିବେ ଏବଂ ସେଇ ମାଧ୍ୟମରେ ତାଙ୍କର ବକ୍ତବ୍ୟକୁ ଲିପିବଦ୍ଧ କରିବେ ।

ମୁଁ ସେଥିପାଇଁ ନିଜ ଆଡୁ ସ୍ୱାଗତ ଜଣାଇ ଲେଖିଲି–

''ଆଗଚ୍ଛନ୍ତୁ ମହାଭାଗ ! ଆପଣ ଟିକିଏ ଆସନ୍ତୁ । ଏ ସମସ୍ତ ବର୍ତ୍ତମାନ ରହସ୍ୟପୂର୍ଣ୍ଣ ।''

–*He believe(s) in the light.

Digitized by srujanika@gmail.com

ମୁଁ ଭାବିଲି ବୋଧହୁଏ ମୋ ମନର ସର୍ବ ପ୍ରଥମ ସଂଶୟକୁ ଦୂରକରିବାକୁ ସେ ଏ ବାକ୍ୟଟି ଲେଖିଦେଲେ । ଚିରକାଳ ଆଲୋକ ସପକ୍ଷରେ ସବୁ ପ୍ରକାର ଦାର୍ଶନିକ ଏବଂ ଆଧ୍ୟାତ୍ମିକ ତଥ୍ୟମାନଙ୍କ ସହିତ ମୁଁ ପ୍ରକୃତରେ Huanchiଙ୍କର ଅନ୍ଧାର ପାଇଁ ଓକିଲାତିକୁ ମିଶାଇପାରୁନଥିଲି । ତାଙ୍କର ପ୍ରାଞ୍ଜଳ ଏବଂ ପ୍ରବଳ ଯୁକ୍ତି ପାଖରେ କିଛି କହିବାର ଅବକାଶ ନ ଥିଲେ ସୁଦ୍ଧା କେମିତି ଟିକିଏ ଅଡୁଆ ଲାଗୁଥିଲା । ସେଥିପାଇଁ ପ୍ରଥମରୁ ହିଁ ସେ ତାକୁ ସମାଧାନ କରିଦେଲେ ଯେ Huanchi ପ୍ରକୃତରେ ଆଲୋକରେ ବିଶ୍ୱାସ କରନ୍ତି । ଆହୁରି ପରିଷ୍କାର କରିବାକୁ ପଚାରିଲି :

‘‘ସେ (କିନ୍ତୁ) ସମ୍ପୂର୍ଣ୍ଣ ଅନ୍ୟ ପକ୍ଷରୁ କହିଲେ’’

"Yes, you should know his point of view, yes."

– ତା’ହେଲେ ତ ପୁଣି ଅଡୁଆ ହେଇଗଲା । ସେ ଯାହା କହିଥିଲେ ତାହା କ’ଣ ତାଙ୍କ ନିଜ ମତ ? ହୋଇପାରେ ସେଇଟା ଗୋଟାଏ ଦୃଷ୍ଟିଭଙ୍ଗୀ । ସେଇ ଦୃଷ୍ଟିଭଙ୍ଗୀରୁ ସେ ହୁଏତ କେବଳ ଯୁକ୍ତି କରିଥିଲେ ।

ଏଣୁ ମୋର ମନ୍ତବ୍ୟ ଦେଲା ପରି କହିଲି – "It is not his point of view. It is only an argument, perhaps."

ସେ ମୋତେ ସମର୍ଥନ କରି କହିଲେ – *Yes.

ମୁଁ ଜାଣିବାକୁ ଚାହିଁଲି– Was it to test me ?

ସେ ପୁନର୍ବାର କହିଲେ– *Yes.

ସେ ଯଦି ମୋତେ ପରୀକ୍ଷା କରିବାକୁ ସେଭଳି ଏକ ଯୁକ୍ତିର ଅବତାରଣା କରିଥିଲେ ତେବେ ତାଙ୍କ ପ୍ରଶ୍ନର ଉତ୍ତର ମୁଁ ଠିକ୍ ଦେଇପାରିଲି ନା ନାହିଁ ଜାଣିବାକୁ ପଚାରିଲି :

*Was he pleased with the answers ?

ମୋତେ ବିସ୍ମିତ ଏବଂ ଶାସିତ କଲାପରି ତତ୍‌କ୍ଷଣାତ୍ ଉତ୍ତର ଆସିଲା–

*With the questions.

ତା’ ମାନେ ମୁଁ ଉତ୍ତର ନ ଦେଇ ବରଂ ପ୍ରଶ୍ନ ହିଁ ପଚାରିଥିଲି ଏବଂ ସେ ପ୍ରଶ୍ନରେ ସେ ପ୍ରୀତ ହୋଇଥିଲେ । କିନ୍ତୁ ମୋର ଯାହା ମନେପଡୁଥିଲା, ମୁଁ ଜମା କିଛି ପ୍ରଶ୍ନ କରିନଥିଲି, ବରଂ ସେ ହିଁ କରିଥିଲେ । ଏଣୁ ସେଇକଥା ପଚାରିଲି –

‘‘ମୁଁ ତ ପ୍ରଶ୍ନ ପଚାରି ନାହିଁ, ବରଂ ସେସବୁ ପଚାରିଛନ୍ତି ।’’

ମୋର ସଂଶୟକୁ ଦୂରୀଭୂତ କରି ସେ ବୁଝାଇଦେଲେ ଯେ ମୋ ଅଜ୍ଞାତରେ ମୁଁ ହିଁ ପ୍ରଶ୍ନ କରୁଥିଲି ।

*Yes, appears to be ordinary lines, but they are questions.

Digitized by srujanika@gmail.com



ବାସ୍, ପ୍ରଶ୍ନମୟ ଅଜ୍ଞତା ଭିତରେ ଥାଇ ସେଭଳି ତତ୍ତ୍ୱଦର୍ଶୀଙ୍କ କେଉଁ ପ୍ରଶ୍ନର କିବା ଉତ୍ତର ଦେବାର ସାମର୍ଥ୍ୟ ମୋର ଭଲା ଥାଇପାରେ ? ଉଭୟଙ୍କୁ ମନେ ମନେ ମୁଁ ପ୍ରଣାମ ଜଣାଇ ପ୍ରାର୍ଥନାକଲି – ''ଏ ତ' ହେଲା– କିଛି ଉପଦେଶ ମିଳୁ''

ନିଗମାନନ୍ଦଙ୍କୁ ଏଭଳି ଅନୁରୋଧ ପ୍ଲାଞ୍ଚେଟ ମାଧ୍ୟମରେ ବହୁବାର କରିଥିଲି । Spirit writing ପ୍ରକୃତରେ ସେ ହିଁ ହ୍ୱାନ୍ ଚି ଙ୍କ ତିନି ଦିନ ଆଗରୁ ଆରମ୍ଭ କରିଥିଲେ । ଅଯାଚିତ ଭାବରେ ସେଦିନ ଗୋଟିଏ ଯନ୍ତ୍ର ଅଙ୍କିତ କରି ତା' ସହିତ ଗୋଟିଏ ମନ୍ତ୍ର ମଧ୍ୟ ଲେଖିଦେଇଥିଲେ । ସେଥିରେ ବେଦର ଉଦ୍ଧୃତି ମଧ୍ୟ ଦେଇଥିଲେ । କିନ୍ତୁ ଆମେ ଆଉ ତାକୁ ବିଶେଷ ଅନୁସନ୍ଧାନ କରିବାକୁ ଇଚ୍ଛା କରି ନଥିଲୁ । ତା'ର ପ୍ରଥମ କାରଣ ହେଲା ଯେ ମନରୁ ସଂଶୟ ଯାଉ ନ ଥିଲା । ସେ କ'ଣ ସତରେ

Digitized by srujanika@gmail.com

ବେଦ ମନ୍ତ୍ର ହିଁ ଲେଖିଥିଲେ ? 'ସ୍ୱାହା' ଶବ୍ଦଦ୍ୱାରା ଯଜ୍ଞବିଧିରେ ହବନ କ୍ରିୟା ସୂଚିତ ହେଉଥିଲା ଏବଂ ସ୍ୱୀକାର କରିବାରେ ମୋର ଦ୍ୱିଧା ନାହିଁ ଯେ ମୁଁ ମୋର ସୀମିତ ଜ୍ଞାନରେ ତାକୁ ବେଦମନ୍ତ୍ର ରୂପେ ମାନିବାକୁ ପ୍ରସ୍ତୁତ ନ ଥିଲି । କିନ୍ତୁ ଯେଉଁ ଦୁଇଟି 'ଯନ୍ତ୍ର' ସେ ଲେଖିଥିଲେ, ତାହା କିନ୍ତୁ ଅର୍ଥପୂର୍ଣ୍ଣ ଜଣାଯାଉଥିଲା । ଊର୍ଦ୍ଧ୍ୱମୁଖୀ ତ୍ରିଭୁଜ ଦ୍ୱାରା ନିମ୍ନଭୂମିରୁ କୌଣସି ଶକ୍ତିର ଉତ୍କ୍ରମଣ ବା ଉତ୍‌ଥାନ ସୂଚିତ ହେଉଥିଲା । ସେ ଦିନର Spirit ଲେଖାଟିକୁ ଏଇଠି ଯଥାବତ୍ ଉଦ୍ଧାର କରାଗଲା–

ତା'ପର ଦିନ ଆରମ୍ଭରୁ ହିଁ ସେ ଦୁଇଟି ରେଖା ଅଙ୍କନ କଲେ । ଗୋଟିଏ ସରଳ ଏବଂ ଅନ୍ୟଟି ତରଙ୍ଗାୟିତ କୁଟିଳ – ଜଣାଗଲା ସତେ ବା କୌଣସି ଚିତ୍ର ଅଙ୍କନ କରିବାକୁ ଯାଉଛନ୍ତି ।

କିନ୍ତୁ ପରେ ପରେ ସେ ଲେଖିଲେ–

*Two flows are there

କାଳେ ପରିଷ୍କାର ହୋଇ ନଥିବ ବୋଲି ବାକ୍ୟଟିକୁ ପୁଣି ଲେଖିଲେ ଏବଂ ନିଜର ପରିଚୟ ଦେବାକୁ ଯାଇ କହିଲେ, Same person । ଆମେ ଧରିନେଲୁ ଯେ ସେ ନିଗମାନନ୍ଦ ହିଁ ହୋଇଥିବେ ।

ମୁଁ ସେ ବାକ୍ୟଟି ଉପରେ ପ୍ରଶ୍ନ କଲି : Where ?

ସେ ଉତ୍ତରରେ ଲେଖିଲେ : In all living bodys.

ସେ "Flow' କଥା କହୁଛନ୍ତି । କେଉଁ ଅର୍ଥରେ ସେ କହୁଛନ୍ତି ବୁଝିହେଉନାହିଁ । ଲାଇଟ୍‌ର ସରଳ ଏବଂ କୁଟିଳ (Straight line and wave) କଥା କହୁଛନ୍ତି କି ? ଏଣୁ ପ୍ରାୟ ପରିହାସ କଲା ଭଳି ଟାଣ କଥା କହୁଛନ୍ତି କି ?

ପଚାରିଲି– "The upward and the downward ?"

ମୋତେ ଉତ୍ତର ଦେବା ଛଳରେ ସେ ତାକୁ ତାଙ୍କ ଭାଷାରେ ଯଥାସମ୍ଭବ ବୋଧଗମ୍ୟ କରି ବୁଝାଇଦେଲେ– no... Static....aspiration....

and the second one as shown above.

ମୁଁ ସୁଯୋଗ ପାଇ ପଚାରିଲି, "Static and yet a flow ?"

ସେ ଉତ୍ତର ଦେଲେ– *appears to be a flow.

ଏଇଠି ସେ ଯେଉଁ ତଥ୍ୟର ସୂଚନା ଦେଲେ ତା' ଉପରେ ଆହୁରି ଅନେକ କିଛି ଆଲୋଚନା କରିବାର ଅବକାଶ ଥିଲା । କିନ୍ତୁ ଭୂ - କେଜାଣି କାହିଁକି - ହୁଏତ ନିଜେ ଏ ଦାୟିତ୍ୱରୁ ମୁକ୍ତ ହେବାପାଇଁ ପଚାରିଦେଲା–

ନନା, ଲେଖିପାରିବେ କି ?

ସେ ତା' ଉତ୍ତରରେ ଲେଖିଲେ–

Digitized by srujanika@gmail.com

If you want I will write in Oriya.

ସତ କହିବାକୁ ଗଲେ ମୁଁ ଅନେକ ଦିନରୁ ଭାବୁଥିଲି ଯେ ପ୍ଲାଞ୍ଚେଟ୍ ଯନ୍ତର ଇଂରାଜୀ ବର୍ଣ୍ଣମାଳାର ଅନିବାର୍ଯ୍ୟତାରୁ ମୁକ୍ତ ହେଲାପରେ Spirit writing ପାଇଁ କାହିଁକି ଇଂରାଜୀରେ ହିଁ ପ୍ରଶ୍ନ ଉତ୍ତର ହେଉଥିବ ? ଓଡ଼ିଆରେ କାହିଁକି ନ ହେବ ?

ସେ ମୋତେ ମାଧ୍ୟମ ରୂପେ ଗ୍ରହଣ କଲେ ନାହିଁ । ଏଣୁ ପଦକରେ ଭୂ'ର ପ୍ରଶ୍ନ ପାଇଁ ଉତ୍ତର ଲେଖିଲେ ଏବଂ ଓଡ଼ିଆରେ ଲେଖିଲେ– 'ନା'

ମୋତେ ମାଧ୍ୟମ ରୂପେ ଗ୍ରହଣ କରୁ ନ ଥିବାରୁ ଭୂ-ପୁଣି ପଚାରିଲା–

''କ'ଣ ବିଶେଷ କାରଣ ଅଛି କି ? କିଛି ଅଶୁଦ୍ଧି ଅଛି କି ?

ଉତ୍ତର ଆସିଲା– ହଁ - ନା

ଭୂ–କୃତଜ୍ଞତା ଜଣାଇବାକୁ କହିଲା– ''ବହୁ ଅହେତୁକ କୃପା ବର୍ଷାହେଉଛି । ଆମେ ହୁଏତ ଯୋଗ୍ୟ ନୋହୁଁ । କୃପା ଅତି ବିସ୍ମୟକର ।''

ସେ ଚମତ୍କାର ନିଟୋଳ ଓଡ଼ିଆ ଅକ୍ଷରରେ ଲେଖିଲେ । ଏପରି ବି ହୁଏ ।

ଟିକିଏ ହରିକୀର୍ତ୍ତନ ହେଉ – ଅନୁରୋଧର ଉତ୍ତରରେ ସେ ନିର୍ଦ୍ଦେଶ ଦେଲେ –

ବେଦାନ୍ତ ଦର୍ଶନର ୧/୧୦ ପଢ଼

ଏଇଠି ମୋ ମନରେ ସଂଗୁପ୍ତ ଗୋଟିଏ ସଂଶୟ ପ୍ରକାଶପାଇଗଲା । ମୁଁ ସବୁବେଳେ ସନ୍ଦେହ କରି ଆସୁଥିଲି ଯେ ନିଜକୁ ନିଗମାନନ୍ଦ ବୋଲି ପରିଚୟ ଦେଉଥିବା ସତ୍ତାଟି ସତକୁ ସତ ସେ ନା ଆଉ କିଏ । ଏହାର ପ୍ରମାଣ ଅନ୍ତତଃ ପ୍ଲାଞ୍ଚେଟ୍ କିମ୍ବା ପ୍ରେତଲେଖ ମାଧ୍ୟମରେ ମିଳିବା ସମ୍ଭବ ନଥିଲା । ତଥାପି ଦୋଦୋପାଞ୍ଚ ହୋଇ ମୁଁ ବିନୟରେ ସଙ୍କୋଚରେ ଅନୁରୋଧ କଲି–

''ଓଡ଼ିଆରେ ନାମ ଲେଖିଦିଅନ୍ତେ କି ? କେଜାଣି !''

ଏବଂ ସେ ଦୟାପରବଶ ହୋଇ ସ୍ୱାକ୍ଷର କରିଦେଲେ – ନିଗମାନନ୍ଦ

– ନିଗମାନନ୍ଦ

ପରୀକ୍ଷା କରିବାର ଅବକାଶ ନାହିଁ, ପ୍ରୟୋଜନ ମଧ୍ୟ ନାହିଁ । କାରଣ ଆମେ କେବଳ ମୃତ୍ୟୁ ଆରପାରିରୁ ସଙ୍କେତ ପାଇବାକୁ ପରୀକ୍ଷାକରୁଥିଲୁ । ସେ ଯେ କୌଣସି ନାମରେ ନିଜର ପରିଚୟ ଦେଲେ ମଧ୍ୟ ମୌଳିକ ଅନୁସନ୍ଧାନ ଏବଂ ପ୍ରାମାଣ୍ୟ ତଥ୍ୟଟି ଅବିଚଳିତ ରହୁଥିଲା । ଏଣିକି ଓଡ଼ିଆରେ ପ୍ରେତଲେଖପାଇଁ ବାଟ ଫିଟିଗଲା ।

Digitized by srujanika@gmail.com

॥ ୫ ॥

ପ୍ଲାଞ୍ଚେଟ୍ ଯନ୍ତ୍ରରେ ଇଂରାଜୀ ବର୍ଣ୍ଣମାଳାର ୨୬ଟି ଅକ୍ଷର ସନ୍ନିହିତ ଥାଏ । ଏଣୁ କୌଣସି ଅଶରୀରୀ ସତ୍ତା ସେଇ ଅକ୍ଷରଗୁଡ଼ିକୁ ବ୍ୟବହାର କରି ପ୍ରଶ୍ନର ଉତ୍ତର ଦେବାକୁ ଏକପ୍ରକାର ବାଧ୍ୟ । କିନ୍ତୁ ସିଧାସଳଖ ପ୍ରେତଲେଖ ବା Spirit writingରେ ସେ ଏ ଅନିବାର୍ଯ୍ୟତାରୁ ମୁକ୍ତ । ଏଣୁ ନିଗମାନନ୍ଦ ନାମରେ ଯେଉଁ ସତ୍ତା ଆସୁଥିଲେ ସେ ନିଜ ଆଡୁ ଓଡ଼ିଆରେ ଲେଖିବା ଆରମ୍ଭ କରିଦେଇଥିଲେ । ସେଇ ପର୍ଯ୍ୟାୟର କିଛି ପ୍ରେତଲେଖ ଏଠାରେ ଉପସ୍ଥାପିତ କରାଗଲା ।

Spirit Writing ଓଡ଼ିଆରେ ହୋଇପାରିଥିବାରୁ ଆମେ ଖୁବ୍ କୃତକୃତ୍ୟ ବୋଧକରୁଥିଲୁ । ନିଗମାନନ୍ଦଙ୍କ ନାମରେ ଆମ ସହିତ ସମ୍ପର୍କ ସ୍ଥାପନ କରୁଥିବା ସତ୍ତାଙ୍କୁ ଆମେ ତଥାବତ୍ ମାନ୍ୟତା ଦେଉଥିଲୁ । ମୋ ମନର ଗଭୀର ଅନୁକୋଣରେ କିନ୍ତୁ ସେଇ ଗୋଟିଏ ମୌଳିକ ପ୍ରଶ୍ନର ସମାଧାନ ହୋଇପାରୁନଥାଏ । ପ୍ରଶ୍ନଟି ହେଲା– ସେ ପ୍ରକୃତରେ ନିଗମାନନ୍ଦଙ୍କ ଅଶରୀରୀ ସତ୍ତା କି ? ଯୋଗୀପୁରୁଷମାନେ ଯେଉଁ ଭୂମିରେ ଥାଆନ୍ତି ସେଇଠି ଏ ପ୍ରେତଲେଖ ମାଧ୍ୟମରେ ଯୋଗସୂତ୍ର ସ୍ଥାପନ କରିବାର ସମ୍ଭାବନା ଅଛି କି ? ଆଉ କୌଣସି ଅମୁକ୍ତ ଆତ୍ମା ଯଦି ଏ ମହାପୁରୁଷଙ୍କ ନାମରେ ଆମକୁ ପ୍ରତାରିତ କରୁଥାଏ ତା' ଜାଣିବାର କୌଣସି ଉପାୟ ଅଛି କି ? କିନ୍ତୁ ଯେତେବେଳେ ସେ ଆମ ନମସ୍କାର ସ୍ୱୀକାର କରି ଲେଖିବା ଆରମ୍ଭ କରୁଥିଲେ ସେତେବେଳେ ମୁଁ ଅଭିଭୂତ ହୋଇ ତାକୁ ଆଶୀର୍ବାଦ ରୂପେ ଗ୍ରହଣ କରୁଥିଲି । ସେଇ ସମୟ ପାଇଁ କୌଣସି ସଂଶୟ ରହୁନଥିଲା । ଗୋଟିଏ ଉଦାହରଣ ନିଆଯାଇପାରେ । ସେଦିନ ଆମେ ପ୍ରଣାମ ଜଣାଇ ଅନୁରୋଧ କରିବା ମାତ୍ରେ ସେ ଲେଖିଲେ–

ହଉ ଆସିଛି ଯେତେବେଳେ–
ତ୍ରିଗୁଣାତ୍ ପରମ୍ ଋକ୍‌ଯଜୁସାମାଥର୍ବ ବେଦେଭ୍ୟଃ
ପରମ୍ ଓଁକାର ପରମାକ୍ଷରାତ୍ ପରମ୍ ।

୬.୭.୧୯୭୨

ନ ତମୋ ନ ଗନ୍ଧବତୀ ନ ଉଷ୍ଣଂ ନ ଶୂନ୍ୟଂ ନ ବାୟୁର୍ନାଗ୍ନି
ର୍ନାପୋ ନ ପୃଥ୍ୱୀ ନ ତତ୍ତ୍ୱଂ ତତ୍ କେବଳଂ
ସିଦ୍ଧଂ ଶୁଦ୍ଧଂ ବୁଦ୍ଧମ୍ ।

Digitized by srujanika@gmail.com

ଏଠାରେ ସ୍ମରଣ କରାଯାଇପାରେ ଯେ ଭୂ- କିମ୍ବା ମୁଁ ବା ଆଉ କେହି ସେଇଠି ଉପସ୍ଥିତ ଥିବା ବ୍ୟକ୍ତି ସଂସ୍କୃତ ଜାଣିନଥିଲେ । ଜାଣିଥିଲେ ସୁଦ୍ଧା ବେଦାନ୍ତ ଦର୍ଶନର ଚୂଡ଼ାନ୍ତ ଉପଲବ୍ଧି ଏପରି ମନ୍ତ୍ରମୟ ଭାଷାରେ ପ୍ରକାଶ କରିବା ଆମ ସମସ୍ତଙ୍କର



ସାମର୍ଥ୍ୟ ବହିର୍ଭୂତ ଥିଲା । ମୁଁ ଏ ଅମୂଲ୍ୟ ଉଚ୍ଚାରଣଗୁଡ଼ିକୁ ଚିହ୍ନଟ କରିବା ପାଇଁ ଶାସ୍ତ୍ରଜ୍ଞ ପଣ୍ଡିତଙ୍କୁ ପଚାରିଥିଲି । ଏହା କୌଣସି ଶାସ୍ତ୍ରର ଉଦ୍ଧୃତି ନୁହେଁ ବୋଲି ଶୁଣିଲା ପରେ ବିସ୍ମିତ ଏବଂ ବିହ୍ୱଳ ବୋଧକରିଥିଲି । ଏତେ ଗମ୍ଭୀର ଏପରି ତାତ୍ତ୍ୱିକ ଏବଂ ଛନ୍ଦମୟ, ମନ୍ତ୍ରମୟ ଉଚ୍ଚାରଣ ଯେ କରିପାରନ୍ତି ଏବଂ ତାହା ତାଙ୍କର ସ୍ୱତନ୍ତ୍ର ମୌଳିକ ରଚନା

Digitized by srujanika@gmail.com

ହୁଏ, ତାଙ୍କୁ ବାରମ୍ବାର ପ୍ରଣତି ଜ୍ଞାପନ କରିବାକୁ ଇଚ୍ଛା ହେବା ସ୍ୱାଭାବିକ । ତାଙ୍କର ସାନ୍ନିଧ୍ୟ ଏବଂ କୃପା ଲାଭକରିବା ଏକ ସୌଭାଗ୍ୟ । ସେ ଏଇ ଦୁଇଟି ଅଦ୍ଭୁତ ମନ୍ତ୍ରରେ ପରମତତ୍ତ୍ୱ ପରାତ୍ପରଙ୍କ ନିର୍ଗୁଣ ଲକ୍ଷଣକୁ ହିଁ ପ୍ରକାଶ କରିଛନ୍ତି ।

ସତ୍ତ୍ୱ, ରଜ ଏବଂ ତମ ଗୁଣ ଏବଂ ତ୍ରିଗୁଣାତ୍ମକ ଜଗତ୍‌ର ଊର୍ଦ୍ଧ୍ୱରେ, ଋକ୍, ଯଜୁ, ସାମ ଏବଂ ଅଥର୍ବ ବେଦର ଅତିକ୍ରାନ୍ତ ଅର୍ଥାତ୍ ବେଦୋତ୍ତର ଏବଂ ବ୍ରହ୍ମଙ୍କର ବାଚକ ଓ ପ୍ରତୀକ ଏକାକ୍ଷରୀ ବୀଜମନ୍ତ୍ର ପ୍ରଣବ ବା ଓଁକାରଠାରୁ ମଧ୍ୟ ଉତ୍ତୀର୍ଣ୍ଣ । ଏହା କୌଣସି ଗୁଣ-ବିଚାର ହୋଇନଥିବାରୁ ଏହାର ଅଧିକାରୀ କେହି ଗୁଣୀ ଥାଇପାରନ୍ତି ବୋଲି ମାନସିକ ତର୍କ ବିଚାରକୁ ସୁଦ୍ଧା ଏଠାରେ ସ୍ୱୀକାର କରାଯାଇ ନାହିଁ । କାରଣ କିଏ ସେ ଗୁଣାତୀତ, ବେଦାତିକ୍ରାନ୍ତ ପ୍ରଣବୋତ୍ତୀର୍ଣ୍ଣ ? କୌଣସି ଉତ୍ତର ବା ଉଲ୍ଲେଖ ନାହିଁ । ଏଣୁ ଏହା ପରିଭାଷା ନୁହେଁ, ବାକ୍‌ବନ୍ଧନୀ ନୁହେଁ । ଏହା କେବଳ ଏକ ମହାଶୂନ୍ୟକୁ ନିର୍ଦ୍ଦେଶ । ଏକ ଅନିର୍ବଚନୀୟତାକୁ ସୂଚିତ କରିବାର ପ୍ରୟାସ । ଏକ ଇଙ୍ଗିତ ମାତ୍ର ।

ଦ୍ୱିତୀୟ ମନ୍ତ୍ରଟି ମଧ୍ୟ ତତ୍‌ବତ୍ ଗମ୍ଭୀର । ନେତି ନେତି ବେଦମନ୍ତ୍ରରେ ଅରୂପ ନିର୍ଗୁଣ ବ୍ରହ୍ମ ସୂଚିତ ହେଲା ପରି ସେ ଏଠାରେ ନଞବାଚୀ ଶବ୍ଦରେ ନାନାତ୍ୱ ବାରଣ କରୁଛନ୍ତି । ଏକ ଅଖଣ୍ଡୈକ ସତ୍ତାର ଆଭାସ ଦେବାକୁ ସ୍ଥୂଳ-ତତ୍ତ୍ୱର ବାରଣ କରୁଛନ୍ତି ।

ତମସ୍ ନୁହେଁ, ଗନ୍ଧବତୀ (ଘ୍ରାଣେନ୍ଦ୍ରିୟର ପୃଥିବୀ) ନୁହେଁ, ଉଷ୍ଣ (ତ୍ୱକ୍ ଇନ୍ଦ୍ରିୟର ଅନୁଭବ) ନୁହେଁ, ଶୂନ୍ୟ (ବ୍ୟୋମ), ବାୟୁ, ଅଗ୍ନି, ଆପ (ଜଳ), ପୃଥ୍ୱୀ– ଅର୍ଥାତ୍ ପଞ୍ଚ ମହାଭୂତ ନୁହେଁ । ତତ୍ ଶବ୍ଦର ଭାବ ମଧ୍ୟ ନୁହେଁ, ତାହା କେବଳ ସିଦ୍ଧ ଶୁଦ୍ଧ ଏବଂ ବୁଦ୍ଧ ।

ଯେଉଁ ସତ୍ତା ଆସି ଏପରି ଲେଖିଦେଇପାରୁଥିଲେ, ସେ ନିଗମାନନ୍ଦ ହୁଅନ୍ତୁ ବା ନ ହୁଅନ୍ତୁ, ସେ ଯେ ପରମଜ୍ଞାନୀ, ତତ୍ତ୍ୱଦର୍ଶୀ ଅସାଧାରଣ ପୁରୁଷ ଏଥିରେ ସନ୍ଦେହ କରିବାର କାରଣ ନାହିଁ । ନଚେତ୍ ଉପନିଷଦୀୟ ମନ୍ତ୍ରଦ୍ରଷ୍ଟା ଋଷି ପରି ସ୍ୱୟଂ ମନ୍ତ୍ର ରଚନା କରିବାର ସାମର୍ଥ୍ୟ ତାଙ୍କର ନଥାନ୍ତା । ସେଭଳି କେହି କ'ଣ ନିଗମାନନ୍ଦଙ୍କ ନାଁରେ ଆମକୁ ପ୍ରତାରିତ କରିପାରନ୍ତି ? କାହିଁକି ବା କରିବେ ? ସେ ଅନ୍ୟ ଯେ କେହି ହୋଇଥିଲେ ସୁଦ୍ଧା ନିଜ ନାମରେ ଆମ ସମସ୍ତଙ୍କର ମାନନୀୟ ହୋଇପାରିଥାନ୍ତେ । ଆମେ ଯାହା ତାଙ୍କଠାରୁ ପାଉଥିଲୁ ସେଭଳି ଦୁର୍ମୂଲ୍ୟ ପ୍ରାପ୍ତି ପାଖରେ ସେ ନିଗମାନନ୍ଦ କି ନୁହନ୍ତି ଏପରି ଗୌଣ ବିଚାରର କୌଣସି ତାତ୍ପର୍ଯ୍ୟ ନଥିଲା । ଆଗକୁ Spirit Writingରେ କ'ଣ ପାଇବୁ ତାକୁ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଲୁ ।

Digitized by srujanika@gmail.com

୬

ପ୍ରେତଲେଖ ବା Spirit Writingରେ ଯାହା ଲେଖିହେଉଥିଲା ତାହା ପୂର୍ଣ୍ଣ ନୂତନ, ମୌଳିକ ଏବଂ ଅପରିଚିତ । ବିଶେଷକରି ଉପନିଷଦୀୟ ଶୈଳୀରେ ଯେଉଁ ପ୍ରକାର ବ୍ରହ୍ମ ନିରୂପଣ କରାଗଲା ତା'ର ଭାଷା, ଲିପି ଏବଂ ଭାବ ଗାମ୍ଭୀର୍ଯ୍ୟ ଦୃଷ୍ଟିରୁ ତାହା ଅତି ଅସାଧାରଣ ମନେହେଲା । ଯେ ମାଧ୍ୟମ ରୂପେ କାର୍ଯ୍ୟ କରୁଥିଲା, ଅର୍ଥାତ୍ ଭୂ–, ସେ ସମ୍ପୂର୍ଣ୍ଣ ଜାଗ୍ରତାବସ୍ଥାରେ, ଲେଖା ସହିତ ଅନାସକ୍ତ ଅସଂପୃକ୍ତ ରହି ଲେଖିପାରୁଥିଲା । ଏପରିକି ନିଜ ହାତ ଆଡ଼େ ଆଦୌ ନ ଚାହିଁ, ଅନ୍ୟମାନଙ୍କ ସହିତ ଆଳାପ କରୁଥିବା ଅବସ୍ଥିତିରେ ସୁଦ୍ଧା Spirit Writing ହୋଇପାରୁଥିଲା । ମାଧ୍ୟମରେ କୌଣସି ପ୍ରକାର ଆବେଗ ବା ଅନ୍ୟପ୍ରକାର ପ୍ରକ୍ରିୟା ନ ଥିବାରୁ ଲେଖକ ଆଉ କିଛି ଏପରି ଅଯାଚିତ ମିଳିଯାଇପାରେ ବୋଲି ଆଶାକରିଥିଲେ । କିନ୍ତୁ ତା' ପରେ ଯାହା ଘଟିଲା ତାହା ଏହିପରି...

ସେ ଦିନ ଦ୍ୱିପ୍ରହର ବେଳେ ଭୂ-ମୋତେ ଫୋନ୍ କରି ଅଫିସ୍‌ରୁ ଡକାଇଲା । କୌଣସି କାରଣ ନ କହି କେବଳ ଜରୁରୀ ଆସିବାକୁ କହିବାରୁ ମୁଁ ଚାଲିଆସିଲି । ଅଫିସଟା ବି ଏମିତି ମାତ୍ର ୧୦୦ ଗଜ ଦୂରରେ ଥିବାରୁ ପାଞ୍ଚ ମିନିଟ୍‌ରେ ପହଞ୍ଚିଗଲି । ମୋ ମନରେ କାହିଁକି କେଜାଣି ସାମାନ୍ୟ ଡର ଦେଖାଦେଇଥିଲା । ଆସି ଦେଖେ ତ' ଅନ୍ୟମାନେ ଶୋଇଯାଇଛନ୍ତି । କିନ୍ତୁ ଭୂ-ଡ୍ରଇଂ ରୁମ୍‌ରେ ମୋତେ ଅପେକ୍ଷା କରିବସିଛି । ମୁଁ ଆଗ ତାକୁ ଗୋଡ଼ଠାରୁ ମୁଣ୍ଡଯାଏଁ ଚାହିଁଗଲି । ସବୁ ଠିକ୍ ଅଛିତ ? ମୋତେ ଲାଗିଲା ଯେ ସେ ସାମାନ୍ୟ ବିଚଳିତ ଦେଖାଯାଉଛି । ମୁଁ ତା' ପାଖରେ ବସି ତା'ର ପିଠି ଥାପୁଡ଼େଇ ଆଶ୍ୱାସନା ଦେଇ କହିଲି–

''କ'ଣ ଡରିଗଲୁ କି ? ଏକୁଟିଆ Spirit Call କରୁଥିଲୁ କି ?''

ସେ କହିଲା, ''ଡରିନାଇଁ ଯେ, କେମିତି ଟିକିଏ ହଡ଼ବଡ଼େଇଗଲି । ଯାହା ହେଲା ସେଥିପାଇଁ ମୁଁ ପ୍ରସ୍ତୁତ ନଥିଲି ।''

କ'ଣଟାଏ ଅସ୍ୱାଭାବିକ ନିଶ୍ଚୟ ଘଟିଛି ଅନୁମାନ କରି ମୁଁ ଯଥାସମ୍ଭବ ସହଜ ଏବଂ ସାମାନ୍ୟ ଢଙ୍ଗରେ ପଚାରିଲି–

''କ'ଣ ହେଲା ?''

''ମୁଁ ଖାଇସାରି ବସି ପଢୁଥିଲି । ମୋତେ ହଠାତ୍ କେମିତି ଅସୁସ୍ଥ ଲାଗିଲା –ଅସୁସ୍ଥ ମାନେ କେମିତି ଗୋଟାଏ ଭାରୀ ଭାରୀ ଲାଗିଲା । ମୁଁ ପ୍ରଥମେ ବୁଝିପାରିଲି

Digitized by srujanika@gmail.com

ନାହିଁ । ତା'ପରେ ମୋ ମନରେ ଗୋଟାଏ Suggestion ହେଲା ଯେ ବୋଧହୁଏ Spirit Writing କରିବାକୁ ସେଭଳି ଲାଗୁଛି ।''

''ସେମିତି କାହିଁକି ଭାବିଲୁ ?''

''କୌଣସି କାରଣ ନାହିଁ । କିନ୍ତୁ ମୋତେ ଲାଗିଲା ଯେ କେହି ହୁଏତ ଏ ମାଧ୍ୟମରେ କିଛି record କରିବାକୁ ଚାହୁଁଛି ।''

''ତା'ପରେ...''

''ତା' ପରେ ମୁଁ ସେ ସ୍ପିରିଟ୍ ରାଇଟିଙ୍ଗ ଡାଏରୀଟି ଆଣି ଗୋଟାଏ ପୃଷ୍ଠା ଖୋଲି କଲମ ଥୋଇବା ମାତ୍ରେ ଲେଖା ଆରମ୍ଭ ହୋଇଗଲା । ସେ ପୁଣି ସଂସ୍କୃତରେ କ'ଣ ସବୁ ଲେଖିଗଲେ । ମୁଁ ତା'ର ପଦେ ହେଲେ ବୁଝିନପାରିବାରୁ ତୁମକୁ ଡାକିଲି ।''

''କାହିଁ ସେ ଲେଖା ଦେଖିବା ।''

ଲେଖାଟି ଏହିଭଳି ଥିଲା –

୧ । ଆଦିତ୍ୟୋ ବା ଏଷ ଏତନ୍ମଣ୍ଡଳଂ ତପତି ।

୨ । ତଦ୍ବାହ୍ୟେ ତୁ ପ୍ରବାଳାଦ୍ୟୈଃ ପ୍ରାଚୀରେ ସୁମନୋହରେ ।
କୃଷ୍ଣଃ ଚତୁର୍ଭୁଜୋ ବିଷ୍ଣୁଃ ପଶ୍ଚିମ ଦ୍ୱାର ପାଳକଃ ।
ଶଙ୍ଖଚକ୍ର ଗଦାପଦ୍ମ କିରୀଟାଦି ବିଭୂଷିତଃ
ରକ୍ତଃ ଚତୁର୍ଭୁଜୋ ବିଷ୍ଣୁଃ ଶଙ୍ଖ ଚକ୍ର ଗଦାଧରଃ
କିରୀଟ କୁଣ୍ଡଳୋଦ୍ଦୀପ୍ତୋ ଦ୍ୱାରପାଳକ ଉତ୍ତରେ ।

ଗୌରଃ ଚତୁର୍ଭୁଜୋ ବିଷ୍ଣୁଃ ଶଙ୍ଖଚକ୍ର ଗଦାୟୁଧଃ
ପୂର୍ବଦ୍ୱାରେ ଦ୍ୱାରପାଳଃ ନାନାରତ୍ନୋପଶୋଭିତଃ ।
ଶ୍ୱେତବର୍ଣ୍ଣଶ୍ଚତୁର୍ବାହୁର୍ଦକ୍ଷିଣଦ୍ୱାରପାଳକଃ
ବନମାଳୀ ହୃଦାୟୁକ୍ତୋ ମଣିକୁଣ୍ଡଳ ମଣ୍ଡିତଃ ।

ସବୁଦିନ ପାଇଁ ସମାପ୍ତ

ସମାପ୍ତଂ

ମୁଁ ତାକୁ ପଢ଼ିସାରିବା ପରେ ଭୂ କହିଲା– ''ପ୍ରଥମ ଧାଡ଼ି ଲେଖିଲାବେଳେ ଯେମିତି କଲମ ଅମଙ୍ଗ ହେଲା ପରି ଲାଗୁଥିଲା, ପରେ ପରେ ତା' ଆଉ ରହିଲା ନାହିଁ । କ୍ରମଶଃ ଖୁବ୍ ସହଜ ଏବଂ ଅବାଧ ଢଙ୍ଗରେ ହାତ ଚାଲିଲା ଏବଂ ଶେଷବେଳକୁ ଖୁବ୍ ଜୋର୍‌ରେ ବଡ଼ ବଡ଼ ଅକ୍ଷରରେ ଲେଖି ହେଲା । ସେତିକିବେଳେ ମୋତେ କେମିତି ଘାବରେଇଲା ପରି ଲାଗିଲା । –''ବୁଝିଲି । ଏଇଟା ଖୁବ୍ ଅପ୍ରତ୍ୟାଶିତ

Digitized by srujanika@gmail.com

ନିଶ୍ଚୟ । ଏଥିରେ ଯେ କେହି ଏକାକୀ ବ୍ୟକ୍ତି ହଡ଼ବଡ଼େଇ ଯିବା କଥା । ପାଖରେ ଆଉ କେହି ନଥିଲା ବେଳେ ଏଭଳି ଦୁଃସାହସ କରିବା ଭାରି ବିପଜ୍ଜନକ ହୋଇପାରେ । ସାବଧାନ ।''

ଆଜିର Spirit Writingରେ କେତେଗୁଡ଼ିଏ ବିଶେଷତ୍ୱ ଥିଲା । (୧) ଏଥିରେ ଗୋଟିଏ ବିଷୟକୁ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କରାଯାଇଥିଲା । (୨) ବ୍ୟବହୃତ ହୋଇଥିବା ସଂସ୍କୃତ ଖୁବ୍ ସରଳ ଅଥଚ ପ୍ରମାଦଶୂନ୍ୟ । (୩) ହସ୍ତାକ୍ଷର ପୁରୁଣା ପଣ୍ଡିତମାନଙ୍କ କରଣି ଛଟା ଅକ୍ଷର ଭଳି ଦିଶୁଥିଲା । (୪) ସବୁଠାରୁ ଅଧିକ ବିସ୍ମୟକର ଥିଲା ତା'ର ବିଷୟବସ୍ତୁ । ବକ୍ତବ୍ୟର ଦୁଇଟି ଭାଗ । ପ୍ରଥମ ଭାଗରେ ସେ ଏପରି କୌଣସି ମଣ୍ଡଳ, କ୍ଷେତ୍ର ବା ଲୋକାନ୍ତର କଥା କହୁଛନ୍ତି ଯେଉଁଠି ପ୍ରଚଣ୍ଡ ସୂର୍ଯ୍ୟ ସର୍ବଦା ଦେଦୀପ୍ୟମାନ । ଚିରଭାସ୍ୱର ପ୍ରଦୀପ୍ତ କୌଣସି କ୍ଷେତ୍ର କଥା ସେ ଉଲ୍ଲେଖ କରୁଛନ୍ତି । ଦ୍ୱିତୀୟ ଭାଗରେ ଏହି ମଣ୍ଡଳର ସୀମା ପ୍ରାଚୀର ଏବଂ ଚାରିଟି ଦ୍ୱାର ଥିବା କଥା କହୁଛନ୍ତି । ଏହି ଦ୍ୱାରଗୁଡ଼ିକୁ ପଶ୍ଚିମରୁ ଦକ୍ଷିଣାବର୍ତ୍ତ ହୋଇ ଉତ୍ତର, ପୂର୍ବ ଏବଂ ଦକ୍ଷିଣ ଦ୍ୱାର ଯାଏଁ ପର୍ଯ୍ୟାୟ କ୍ରମେ ଉଲ୍ଲେଖ କରି ସେଠାରେ ଅବସ୍ଥାପିତ ଦ୍ୱାରପାଳକମାନଙ୍କର ବିଶଦ ଏବଂ କାବ୍ୟିକ ବର୍ଣ୍ଣନା କରିଛନ୍ତି । ବର୍ଣ୍ଣନାରେ କୌଣସିଠାରେ ମାତ୍ରା ତ୍ରୁଟି ନ ଥିବାରୁ ସହଜ ଏବଂ ସୁଖପାଠ୍ୟ ହୋଇଛି ।

ତେବେ ଏପରି କେଉଁ ପ୍ରଦୀପ୍ତମଣ୍ଡଳ ଥାଇପାରେ ଯାହାର ଚାରିଟି ଦ୍ୱାରରକ୍ଷୀ ଚାରିବର୍ଣ୍ଣ ବିଶିଷ୍ଟ ବିଷ୍ଣୁ ? ବାମନ ରୂପରେ ବଳିରାଜଙ୍କୁ ପାତାଳରେ ରାଜା କଲା ପରେ ବିଷ୍ଣୁ ତାଙ୍କର ଦ୍ୱାରପାଳ ଥିବା କଥା ପୁରାଣରେ ପଢ଼ିବାକୁ ମିଳେ । କିନ୍ତୁ ଏ କ୍ଷେତ୍ରରେ କୃଷ୍ଣ ରକ୍ତ ଗୌର ଏବଂ ଶ୍ୱେତ ବର୍ଣ୍ଣର ଚତୁର୍ଭୁଜ ବିଷ୍ଣୁ ନାନାଳଙ୍କାର ଏବଂ ଆୟୁଧରେ ମଣ୍ଡିତ ହୋଇ ଦ୍ୱାର ରକ୍ଷା କରୁଥିବା କଥା କୁହାଯାଉଛି ।

ଏହା କୌଣସି ଶାସ୍ତ୍ର କିମ୍ବା ପୁରାଣର ଉଦ୍ଧୃତି ନୁହେଁ– ଏହା ଏକ ମୌଳିକ ରଚନା । ଏଣୁ ନିର୍ଦ୍ଦିଷ୍ଟ ଅର୍ଥ କରିବା ହୁଏତ ଧୃଷ୍ଟତା ହୋଇପାରେ । ତଥାପି କିଛି ସୂଚନା ଦିଆଯାଇପାରେ ।

୧. କ୍ଷର ଏବଂ ଅକ୍ଷରର ଉର୍ଦ୍ଧ୍ୱରେ ପୁରୁଷୋତ୍ତମ କ୍ଷେତ୍ରରେ ହିଁ ଚିରଭାସ୍ୱର ପ୍ରଚଣ୍ଡ ସୂର୍ଯ୍ୟ କଳ୍ପନା କରାଯାଇପାରେ । ସେହି କ୍ଷେତ୍ରରେ ପ୍ରଥମ ଆଦିତ୍ୟ ରୂପେ ବିଷ୍ଣୁ ଦ୍ୱାରପାଳ ହେବା ମଧ୍ୟ ସମ୍ଭବ । କୃଷ୍ଣ ରକ୍ତ ଗୌର ଏବଂ ଶ୍ୱେତ ଯଥାକ୍ରମେ ଜଗନ୍ନାଥ, ସୁଦର୍ଶନ ସୁଭଦ୍ରା ଏବଂ ବଳରାମଙ୍କ ବର୍ଣ୍ଣ ହୋଇଥିବାରୁ ସେ ଦ୍ୱାରରକ୍ଷୀ ବିଷ୍ଣୁଙ୍କର ସେହି ସେହି ବର୍ଣ୍ଣ ଥିବା ତାତ୍ପର୍ଯ୍ୟପୂର୍ଣ୍ଣ ।

ଏଭଳି ବିଷୟ କିଏ ଏବଂ କାହିଁକି Spirit Writing ମାଧ୍ୟମରେ ଅଯାଚିତ ପ୍ରକାଶ କରିଗଲେ ତାହା ନ ଜାଣିବାଯାଏଁ କିଛି ବୁଝି ହେଉନଥିଲା ।

Digitized by srujanika@gmail.com

।। ୭ ।।

Spirit Writing ବା ପ୍ରେତଲେଖରେ ଯାହା ପ୍ରକାଶିତ ହୁଏ ତା' ସହିତ ଯେ ଲେଖୁଥାଏ, ତା'ର ପ୍ରାୟ କୌଣସି ସମ୍ପର୍କ ନଥାଏ । ଏପରି କି ସେ ନ ଜାଣିଥିବା ଭାଷାରେ ସମ୍ପୂର୍ଣ୍ଣ ଅଜ୍ଞାତ ବିଷୟରେ ତା' ହାତ ଲେଖିଯାଉଥିବାବେଳେ ସେ ସ୍ୱୟଂ ଏକ ନିର୍ଲିପ୍ତ ଦ୍ରଷ୍ଟା ରୂପେ ସେ କାର୍ଯ୍ୟଟିକୁ ଚାହିଁରହିପାରେ । ପୂର୍ବ ପ୍ରକାଶିତ ପ୍ରେତଲେଖ, ଭାବ ଏବଂ ଭାଷା ଦୃଷ୍ଟିରୁ ଭୂ-ପାଇଁ ସମ୍ପୂର୍ଣ୍ଣ ଶକ୍ତିବହିର୍ଭୂତ ବ୍ୟାପାର । ସେ ସଂସ୍କୃତ ଲେଖି ପଢ଼ି ବା ବୁଝିପାରେନାହିଁ । ବିଷୟବସ୍ତୁ ମଧ ତା' ଚିନ୍ତାଶକ୍ତିର ବାହାରେ । ମୁଁ ସେପରି ଏକ ବିସ୍ମୟକର ପ୍ରେତଲେଖ ପଢ଼ିଲା ପରେ ତା'ର ଅର୍ଥ କରିବାକୁ ଚେଷ୍ଟା କରିଛି ସତ, କିନ୍ତୁ ସେ ରହସ୍ୟକୁ ଭେଦିପାରିନାହିଁ । କିଏ ଏବଂ କାହିଁକି 'ଭୂ'କୁ ମାଧମ କରି ଅଯାଚିତ ଭାବରେ ସେ ସଂସ୍କୃତ ଶ୍ଳୋକଗୁଡ଼ିକ ଲେଖିଦେଇ ଚାଲିଗଲେ ତାହା ଜାଣିବାପାଇଁ ମୋର ପ୍ରବଳ ଆଗ୍ରହ ହୋଇଛି ।

ମୁଁ ପ୍ରଥମେ ସେ ସରଳ ଅଥଚ ଚମତ୍କାର ଶବ୍ଦ ବିନ୍ୟାସରେ ଚାରିବର୍ଣ୍ଣର ଦ୍ୱାରପାଳ ବିଷ୍ଣୁଙ୍କ ବର୍ଣ୍ଣନା ପଢ଼ି ଅଭିଭୂତ ହୋଇଥିଲି; ଭାବିଥିଲି ଯେ ନିଶ୍ଚୟ ନିଗମାନନ୍ଦ ହିଁ ସେପରି ଅନୁଗ୍ରହ ପ୍ରକାଶ କରିଥିଲେ ।

ତା'ପରେ କିନ୍ତୁ ମନରେ ଅନ୍ୟପ୍ରକାର ସନ୍ଦେହ ହେଲା । ତା' ପୂର୍ବରୁ ନିଗମାନନ୍ଦ ନିଜ ନାଁ ଦେଇ ଯେଉଁ ଉପନିଷଦୀୟ ଶୈଳୀରେ କିଛି ମନ୍ତ୍ର ଲେଖିଥିଲେ, ତା' ସହିତ ଏ ଲେଖାର ହସ୍ତାକ୍ଷର ମିଳୁ ନଥିଲା । ଏ ଲେଖା ଟିକିଏ କରଣି ଛଟା ଅକ୍ଷରରେ ଲେଖାହୋଇଥିଲା । ବିଷୟବସ୍ତୁ ଏବଂ ଛନ୍ଦ ପତନ ମଧ ଅଲଗା । ଏଥିରେ ସବା ଶେଷରେ କୌଣସି ନାମର ମଧ ଉଲ୍ଲେଖ ନଥିଲା । ବରଂ ବିଦାୟ ନେଲା ଭଳି ଲେଖାଥିଲା– ''ସବୁଦିନ ପାଇଁ ସମାପ୍ତ । ସମାପ୍ତମ୍ ।

ଏଣୁ ଏ ଜଣକ ହୁଏତ ଆଉ କେହି । କିଏ ହୋଇପାରନ୍ତି ବୋଲି ପ୍ରଶ୍ନ ଉଠୁଥାଏ ମନରେ । ଏ ରହସ୍ୟକୁ ଭେଦକରିବାର ଅଦମ୍ୟ ଇଚ୍ଛା ନେଇ ସେଦିନ ସନ୍ଧ୍ୟାରେ ହିଁ ଆମେ ପ୍ରେତଲେଖର ଆୟୋଜନ କଲୁ ।

'ଭୂ' କଲମକୁ କାଗଜରେ ଥୋଉ ଥୋଉ, ଆମେ ସମସ୍ତେ ଦେଖୁଥିବା ଅବସ୍ଥାରେ ଲେଖି ହୋଇଗଲା–

He was a Tantrik.

Digitized by srujanika@gmail.com

ଯେ ଇଂରାଜୀରେ ଏ ବାକ୍ୟଟି ଲେଖିଲେ, ତାଙ୍କ ପରିଚୟ ପଚାରିବାକୁ ଆମେ କେହି ଆବଶ୍ୟକ ମଣିଲୁ ନାହିଁ । ମୁଁ ଏଣୁ ଧରିନେଲି ଏବଂ ମୋର ସେ ବିଷୟରେ ଗଭୀର ପ୍ରତ୍ୟୟ ହେଉଥିଲା ଯେ ସେ ନିଶ୍ଚୟ ନିଗମାନନ୍ଦ । ଏଣୁ ମୁଁ ନିଃସଙ୍କୋଚ ପଚାରିଲି –

''ସେ ତାନ୍ତ୍ରିକ ମହାଶୟ କାହିଁକି ଏହା ଲେଖିଲେ, ମୋଟ ଉପରେ ତାଙ୍କର କ'ଣ ପ୍ରୟୋଜନ ଥିଲା 'ଭୂ' ମାଧ୍ୟମରେ ଏ ବିଷୟରେ ଲେଖି ଜଣାଇବାକୁ ? ସେ କୋଉଠି ଥିଲେ ଏବଂ କାହିଁକି ଆସିଥିଲେ ? ଯାହା ଉତ୍ତର ଆସିଲା ସେଥିରେ ମୁଁ ଅବାକ୍ ହୋଇଗଲି ।

ଭୂ ଧରିଥିବା କଲମରେ ଲେଖିହୋଇଗଲା– He was in you.

ମାନେ ?? –କାହା ଭିତରେ ? ମୋ ଭିତରେ ନା' ଭୂ-ଭିତରେ ।

– in you.

– କିନ୍ତୁ କାହିଁକି ଏବଂ କେମିତି ?

– He was doing sadhana.

– ମାନେ ? –ମୋ ଭିତରେ ରହି ସେ ସାଧନା କରୁଥିଲେ ? ତା' ବି ମୋ ଅଜାଣତରେ ? ମୋର ଏ ଦେହଖଣ୍ଡକ କ'ଣ ଧର୍ମଶାଳା । ଯେ ମନ ସେ ଆସି ପ୍ରବେଶ-କରିବ ଏବଂ ଯାହା ଇଚ୍ଛା ତା' କରିପାରିବ ? ମୁଁ ନିଜକୁ ନିଜେ ସଂଯତ କରି ପଚାରିଲି –

ସେ କେବେ ପ୍ରବେଶକଲେ ? ଏବଂ ମୋତେ କାହିଁକି ସେ ବାଛିଲେ ?

ଉତ୍ତର ଆସିଲା : Two and half years କ୍ଷେତ୍ର ଶୁଦ୍ଧ ଥିବାରୁ । ସାଧନା ସରିବାରୁ ଲେଖିଦେଇ ଚାଲିଗଲେ । ଆଶ୍ଚର୍ଯ୍ୟ ।

ଏଥିରୁ ଯାହା ସୂଚିତ ହେଉଥିଲା, ତାହା ଏକ ସମ୍ପୂର୍ଣ୍ଣ ନୂତନ ତଥ୍ୟ । ମୁଁ ଜାଣିଥିଲି ଯେ ଭୂତାବିଷ୍ଟ ହେଲେ ଆଉ ଗୋଟିଏ ଚେତନା ଆସି ମୂଳ ଚେତନାକୁ ଆଚ୍ଛନ୍ନ କରି ରଖେ । ସେତେବେଳେ ମୂଳ ଚେତନା ସୁପ୍ତ ଅବସ୍ଥାରେ ଥାଇ ନଥିବା ପରି ରହିଥାଏ । ଉପରିସ୍ଥ ଚେତନା ଶରୀର, ପ୍ରାଣ, ମନକୁ ଅଧିକାର କରି ବ୍ୟବହାର କରେ । କିନ୍ତୁ ଏ ତାନ୍ତ୍ରିକ ପ୍ରବେଶ କରିବା ପରେ ତାଙ୍କ ଉପସ୍ଥିତିର କୌଣସି ଲକ୍ଷଣ ମୁଁ ମୋଠାରେ ଲକ୍ଷ୍ୟକରିନଥିଲି । ସମୟ ଗଣନାରେ ମୁଁ ପୁରୀରେ ଅବସ୍ଥାନ କରୁଥିବାବେଳେ ହିଁ ସେ ଅନୁପ୍ରବେଶ କରିଥିଲେ ।

ବର୍ତ୍ତମାନ ପ୍ରଶ୍ନ ହେଉଛି– ଯେ କ୍ଷେତ୍ର ଶୁଦ୍ଧ ହେଉ ଅଥବା ଅଶୁଦ୍ଧ, ସେଇଠି ଦୁଇଟି ସ୍ୱତନ୍ତ୍ର ଚେତନା ରହି ଦୁଇଟି ସ୍ୱତନ୍ତ୍ର କାର୍ଯ୍ୟ କରିପାରିବେ କି ? ସେପରି ଏକ ସମ୍ଭାବନା ଅଛି କି ? ଧରାଯାଉ ଯେ ଅନୁପ୍ରବିଷ୍ଟ ହେଲେ ସେ ନିମଗ୍ନ ରହିଗଲେ

Digitized by srujanika@gmail.com

ଏବଂ ମୂଳ ଚେତନାକୁ ଉପରିସ୍ଥ ଭୂମିରେ ସାଧାରଣ ଆଚରଣ କରିବାକୁ ଛାଡ଼ିଦେଲେ– ତେବେ ବି ଯଦି ସେ ନିଜକୁ ପ୍ରକାଶକରିବାକୁ ଚାହିଥାନ୍ତେ ତା'ହେଲେ ମୋ ମାଧ୍ୟମରେ ହିଁ ତାହା ସମ୍ଭବ ହୋଇଥାନ୍ତା ।

ଏ କ୍ଷେତ୍ରରେ କିନ୍ତୁ ବିଚିତ୍ର ଘଟଣା ଘଟିଲା । ସେ ପ୍ରବେଶକଲେ ମୋର ଅଜାଣତରେ । ମୋ କ୍ଷେତ୍ରରେ ରହି ସାଧନାକଲେ ଅଢ଼େଇବର୍ଷ, ମୋ ଅଜାଣତରେ ଏବଂ ଶେଷରେ ମୋ ଭିତରୁ ଉଦ୍‌ଗତ ହୋଇ ଆଉଜଣକ ମାଧ୍ୟମରେ ତାଙ୍କର ଶେଷ ବାର୍ତ୍ତା ଦେଇ ଚାଲିଗଲେ । ଏଥିରୁ କୌଣସିଟି ପ୍ରମାଣ କରିବା ସମ୍ଭବ ନୁହେଁ । ଏଣୁ ଏହା ଯୁକ୍ତିସମ୍ମତ ବୋଲି କହିବାର ଅଧିକାର ମଧ୍ୟ ମୋର ନାହିଁ । ଗୋଟିଏ ପ୍ରେତଲେଖକୁ ଆଉ ଗୋଟିଏ ପ୍ରେତଲେଖ ମାଧ୍ୟମରେ ବୁଝି ବୁଝେଇବାର ଚେଷ୍ଟା ମାତ୍ର କରୁଛି । ଫଳରେ କୌଣସି ସମାଧାନରେ ପହଞ୍ଚିବା ପରିବର୍ତ୍ତେ ରହସ୍ୟ ଆହୁରି ଗଭୀରତର ହେଉଛି । ଅଜ୍ଞାତ ପ୍ରେତ ଭୂମି ଆହୁରି ଅଧିକ ମାତ୍ରାରେ ବିସ୍ମୟକର ମନେହେଉଛି ।

ଆଉ ଗୋଟିଏ ସତ୍ତା ମୋ ଭିତରେ ରହି ସାଧନା କରୁଥିବା ବିଷୟ ଶୁଣିବା ପରେ ମୋର ଅସ୍ୱସ୍ତି ଅନେକ ପରିମାଣରେ ବଢ଼ିଯାଇଥିଲା । ଏବେ ଅଠରବର୍ଷ ପରେ ଏସବୁ ଲେଖିଲାବେଳେ ମୁଁ ଜୋର୍ ଦେଇ କହିପାରୁନାହିଁ ଯେ ମୋ ଭିତରେ ଦାତବ୍ୟ ସରକାରୀ ବସ୍ ଯାତ୍ରୀ ଭଳି ସେଭଳି କିଛି ସତ୍ତା ଇଚ୍ଛା ଅନୁସାରେ ଆତଯାତ ହେଉନାହାନ୍ତି ବା ଆପଣ ନିଜେ ମଧ୍ୟ ସେପରି ଏକ parasite ସତ୍ତାକୁ ଧାରଣ କରିନାହାନ୍ତି ।

ତେବେ ସେ ପ୍ରେତଲେଖର ବିଷୟବସ୍ତୁ ଯଦି କୌଣସି ସାଧନାର ଚୂଡ଼ାନ୍ତ ଉପଲବ୍ଧି ହୋଇଥାଏ ଏବଂ ସେଭଳି ସାଧନାର କ୍ଷେତ୍ର ରୂପେ ମୋତେ ଆଉଥରେ ଏକ ସାଧକ ସତ୍ତା ନିର୍ବାଚନ କରନ୍ତି, ମୋର ବିଶେଷ କିଛି ଆପତ୍ତି କରିବାର ନାହିଁ । କିନ୍ତୁ ସେଥିପାଇଁ ତ' ନିଶ୍ଚିତତା ନାହିଁ । ଯେହେତୁ ମୋର ଅଜ୍ଞାତରେ ଏ କାର୍ଯ୍ୟଟି ହେବ, କିଏ ଏବଂ କାହିଁକି ମୋତେ ବ୍ୟବହାର କରିବ ସେଥିରେ ମୋର ଆୟତ୍ତ କାହିଁ ? ଏଇ ଅସହାୟତା ହିଁ ମୋତେ ସବୁଠାରୁ ଅଧିକ ବିବ୍ରତ କରୁଥିଲା ।

ତା'ପରେ ଏ ଯେଉଁ ତାନ୍ତ୍ରିକ ଆସିଥିଲେ ଏବଂ ପୁରୀକ୍ଷେତ୍ରରେ ହିଁ ମୋ ଭିତରେ ପ୍ରବେଶ କରିଥିଲେ; ସେ କ'ଣ ସଶରୀର ପୃଥିବୀରେ ଥିବା କାଳରେ ପୁରୀକୁ ହିଁ ତନ୍ତ୍ରକ୍ଷେତ୍ର ରୂପେ ଗ୍ରହଣ କରିଥିଲେ ? ଏବଂ ଶ୍ରୀକ୍ଷେତ୍ରକୁ ପ୍ରଦୀପ୍ତ ସୂର୍ଯ୍ୟମଣ୍ଡଳ ରୂପେ ଦେଖିବାର ସିଦ୍ଧି ତାଙ୍କୁ ଏ ଅଶରୀରୀ ସାଧନାରେ ହିଁ ମିଳିଥିଲା ? ଏହା କେବଳ ଅନୁମାନରେ କୁହାଯାଇପାରେ ସିନା, କିନ୍ତୁ ବିଷ୍ଣୁ ଦ୍ୱାରାପାଳ ଥିବା ମଣ୍ଡଳ ନିଶ୍ଚୟ ଏକ ଅଦ୍ଭୁତ ଉପଲବ୍ଧିର ବିଷୟ । ଏ ଅଶରୀରୀ ସତ୍ତାମାନଙ୍କର ରହସ୍ୟ ମୋତେ ସେ ଦିଗରେ ଆହୁରି ଆକୃଷ୍ଟ କଲା ।

Digitized by srujanika@gmail.com

॥ ୮ ॥

ପୂର୍ବାଭାସ– ଗୋଟିଏ କ୍ଷେତ୍ରରେ ଦୁଇଟି ସତ୍ତା ନିର୍ବିରୋଧ ଏବଂ ସ୍ୱତନ୍ତ୍ର ରହିପାରିବା ଯେତିକି ବିସ୍ମୟକର ସେତିକି ଅବିଶ୍ୱାସ୍ୟ । ଲେଖକଙ୍କ ଅଗୋଚର ରହି ଜଣେ କେହି ତାନ୍ତ୍ରିକର ପ୍ରେତସତ୍ତା ଅଢ଼େଇବର୍ଷ କାଳ ତାଙ୍କ ଭିତରେ ସାଧନା କରିବା ଏବଂ ତାଙ୍କ ସାଧାରଣ ଜୀବନଚର୍ଯ୍ୟା ବା ଆଚରଣରେ କୌଣସି ବ୍ୟତିକ୍ରମ ପରିଲକ୍ଷିତ ନ ହେବା ନିଶ୍ଚୟ ଏକ ଅସାଧାରଣ ଘଟଣା । କାରଣ ସେ ତାନ୍ତ୍ରିକ ସତ୍ତା ତାଙ୍କୁ ସମ୍ପୂର୍ଣ୍ଣରୂପେ ଅଧିକାର କରି ମଧ ତା' କାର୍ଯ୍ୟଟି କରିପାରିଥାନ୍ତା । ସେପରି ଏକାଧିକ ଦୃଷ୍ଟାନ୍ତ ରହିଛି । କିନ୍ତୁ ଏ କ୍ଷେତ୍ରରେ ସେଇ ପରାଙ୍ଗପୁଷ୍ଟ ସତ୍ତାଟିର ଆଚରଣ ହିଁ ବିଶେଷ ଉଲ୍ଲେଖଯୋଗ୍ୟ । ସେ ଆଦୌ କୌଣସି ଗୋଳମାଳ କରିନାହିଁ, ମୂଳ ଅଧିକାରୀ ସତ୍ତାକୁ ତା'ର ଉପସ୍ଥିତିର ସୂଚନା ସୁଦ୍ଧା ଦେଇନାହିଁ । ଏହା କଦାପି ପ୍ରେତସତ୍ତାମାନଙ୍କର ସାଧାରଣ ଆଚରଣ ନୁହେଁ । ସତେ ବା ସେ ସ୍ୱୟଂ ଏକ ଉଚ୍ଚକୋଟୀର ତନ୍ତ୍ରସାଧକ ଥିବାରୁ ଏତେ ସଂଯତ ଏବଂ ଭଦ୍ର ଜଣାପଡୁଛି, ଏଣୁ ଅନୁମାନ କରାଯାଇପାରେ ଯେ ଇହଲୋକରେ ଯେମିତି ଅନୁଭବ, ଉପଲବ୍ଧି ଏବଂ ସାଧନା ଅନୁସାରେ ଆମ ସମସ୍ତଙ୍କର ଆଚରଣ ଭିନ୍ନ ଭିନ୍ନ, ସେପରି ପରଲୋକରେ ମଧ ପ୍ରତ୍ୟେକ ସତ୍ତାର ସ୍ୱତନ୍ତ୍ର ଆଚରଣ ଥିବା ଖୁବ୍ ସମ୍ଭବ । ସେଇ ପ୍ରସଙ୍ଗରେ ଲେଖକ କହନ୍ତି...

ଆମେ ସେ ତାନ୍ତ୍ରିକ ବିଷୟରେ ବେଶ୍ କିଛି ସମୟ ବିସ୍ମିତ ଏବଂ ଉତ୍ତେଜିତ ହୋଇ ଆଲୋଚନା କଲୁ । ଜଣେ କିଏ ସେ ଭିତରୁ କହିଲା ଯେ ଆମ ଭଳି ସେମାନେ ମଧ ପରସ୍ପରଠାରୁ ଖୁବ୍ ଅଲଗା । ପ୍ରତ୍ୟେକଙ୍କର ଚିହ୍ନିଲା ଭଳି ଗୋଟାଏ ସ୍ୱାତନ୍ତ୍ର୍ୟ ଅଛି ।

Spirit Writingର ଅନେକ ପୂର୍ବରୁ ଯାହା ଘଟିଥିଲା ତାକୁ ମନେପକାଇ ଭୂ-କହିଲା, ''ଠିକ୍ କଥା । ତୁମର ମନେଥିବ, ସେତେବେଳେ ଆମେ ପ୍ଲାଞ୍ଚେଟ୍ ଯନ୍ତ୍ରରେ ହିଁ ବହୁପ୍ରକାର ସତ୍ତା ସହିତ ପରିଚିତ ହେଇଚେ । ଜଣେ ଆଉଜଣକଠାରୁ ଭିନ୍ନ ବୋଲି ସ୍ପଷ୍ଟ ବାରିହେଉଥାଏ । ମନେପଡୁଚି ନା, ନିଗମାନନ୍ଦଙ୍କ ଆଗରୁ କେମିତି ଅନେକ ଦିନ ଧରି ଫକୀରମୋହନ ଆସିଥିଲେ ?''

ଆମେ ସମସ୍ତେ ତାଙ୍କ କଥା ମନେପଡ଼ିବା ମାତ୍ରେ ଖୁସିହେଇଗଲୁ । କିନ୍ତୁ ପରମୁହୂର୍ତ୍ତରେ ଦୁଃଖ ଲାଗିଲା ଯେ ତାଙ୍କ ସହିତ ଆଉ ସେପରି ମଉଜିଆ ଆଳାପ

Digitized by srujanika@gmail.com

ହୋଇପାରିବନାହିଁ । ସେ ଆସିବା ଏବଂ କେତେ ଦିନ ପରେ ଆମଠାରୁ ଦୂରେଇ ଯିବା ଏକ ଉଲ୍ଲେଖଯୋଗ୍ୟ ପର୍ଯ୍ୟାୟ ।

ପ୍ଲାଞ୍ଚେଟ୍‌ରେ ଦିନେ ଅପ୍ରତ୍ୟାଶିତ କିଏ ଆସି ପହଞ୍ଚିଗଲେ । ସେତେବେଳେ ଫକୀରମୋହନ ହିଁ ଆସୁଥିଲେ, କିନ୍ତୁ ଆମେ ତାଙ୍କୁ ଗତ ଅନୁସାରେ ପରିଚୟ ପଚାରିଥିଲୁ । ସେ ଉତ୍ତର ଦେବା ପରିବର୍ତ୍ତେ ଓଲଟି ପଚାରିଥିଲେ– KYAN । ଆମେ ପ୍ରଥମେ ଭାବିଲୁ କେହି ଜଣେ ମଙ୍ଗୋଲୀୟ ବୋଧହୁଏ ଆସିଗଲେ, କାରଣ ସେତେବେଳକୁ ଗ୍ରୀକ୍ ଏବଂ ଜର୍ମାନ୍ ସତ୍ତା ଆସି ଅନେକ ଆଳାପ କରିସାରିଥିଲେ ।

ମଙ୍ଗୋଳୀୟ ଭାବି ମୁଁ ପଚାରିଲି :

ଆପଣଙ୍କ ଦେଶକାଳ ନିର୍ଦ୍ଦେଶ କରନ୍ତୁ ।

ଏଥର ଠିପିଟି ଖୁବ୍ ଉଲ୍ଲସିତ ପରିହାସ କଲାପରି ଖୁବ୍ ଚଞ୍ଚଳ ବଙ୍କେଇ ବଙ୍କେଇ ବୁଲିଲା ଏବଂ ଯେଉଁ ଅକ୍ଷରମାନଙ୍କୁ ସୂଚାଇଲା ତାହାହେଲା KYAN । ଆମେ ଭାବିଲୁ ଯେ କୌଣସି ଅବ୍ୟବସ୍ଥିତ କିଏ ତା'ହେଲେ ଆସିଯାଇଛି । ଠିପିରୁ ହାତ କାଢ଼ିନେଇ ତାକୁ ଓଲଟାଇଦେଲେ ସେ ତା'ର ଚାଲିଯିବ । ତା'ପରେ ଆଉ କିଏ ହୁଏତ ଆସିପାରେ । ଆମେ ହାତ ଉଠେଇବାକୁ ଯାଉଛୁ ହଠାତ୍ ମୋତେ ଲାଗିଲା ଯେ ସେଇଟା ବୋଧେ ଓଡ଼ିଆ ଶବ୍ଦ ।

ମୁଁ ପଚାରିଲି ଆପଣ ଓଡ଼ିଆରେ କହୁଛନ୍ତି କି ? ସେ ଆସ୍ତେ ଠିପି ଘୁଞ୍ଚେଇଦେଲେ YES. ତା'ହେଲେ ଏ ଶବ୍ଦଟା "କିଆଁ ?" YES.

ଆପଣଙ୍କ ପରିଚୟ ମାଗିବାରୁ କହିଲେ 'କିଆଁ' । ପୁଣି ଦେଶ କାଳ ପଚାରିବାରୁ କହିଲେ 'କିଆଁ' । ଆପଣ ତା'ହେଲେ ଆମକୁ କିଛି ହେଲେ କହିବାକୁ ଚାହୁନାହାନ୍ତି । ଆମେ ବୋଧେ ସେଥିପାଇଁ ଯୋଗ୍ୟ ନୋହୁଁ ନା କ'ଣ । ହଉ ।

ମୋ ସ୍ୱରରେ ବୋଧହୁଏ ଅସହାୟତା ଏବଂ ହତାଶା ପ୍ରକାଶ ପାଇଥିଲା । ହଠାତ୍ ଠିପିଟି ବେଶ୍ ଭଦ୍ରଭାବରେ ଅକ୍ଷରରୁ ଅକ୍ଷରକୁ ଦେଖାଇ ଚାଲିଲା । ସେ କେନ୍ଦ୍ରକୁ ଫେରିଲା ବେଳକୁ କାଗଜରେ ଟିପା ହୋଇଥିଲା FAKIR MOHAN– ମୋର ଖୁସିର ସୀମା ରହିଲାନାହିଁ ।

"ଅହୋ ଭାଗ୍ୟ ! ଆପଣଙ୍କୁ ସ୍ୱଦେହରେ ଦେଖିବାର ସୁଯୋଗ ମୋର ନଥିଲା । କିନ୍ତୁ ଆପଣଙ୍କୁ ମୋର ସାହିତ୍ୟିକ ପୂର୍ବପୁରୁଷ ରୂପେ ମୁଁ ସମ୍ମାନ ଦେଇଆସିଛି । ମୋ ଦେଇ ସାହିତ୍ୟଫାହିତ୍ୟ କିଛି ହେଉଛି ନା ନାହିଁ ।"

ସେ କୌଣସି ଉତ୍ତର ଦେଲେ ନାହିଁ, ବୋଧହୁଏ ଉଚିତ ମଣିଲେ ନାହିଁ । ସେତେବେଳକୁ ମୁଁ 'ଯନ୍ତ୍ରାରୂଢ଼' ଲେଖିସାରିଥାଏ । ମୋର ତିନୋଟି ରଚନା ସଙ୍କଳନ ମଧ୍ୟ ଛପାସରିଥାଏ । ମୁଁ 'ଅସୂର୍ଯ୍ୟ ଉପନିବେଶ' ଉପନ୍ୟାସ ଲେଖୁଥାଏ । ମୋର

Digitized by srujanika@gmail.com

ଭାରି ଲୋଭହେଲା ତା' ବିଷୟରେ ତାଙ୍କ ମତାମତ ଲୋଡ଼ିବାପାଇଁ ପଚାରିଲି–

"ଏ ଉପନ୍ୟାସଟା କେମିତି ହଉଚି ? ଏଇଟା କ'ଣ ଯନ୍ତ୍ରାରୂଢ଼ ଭଳି ହେଇପାରିବ ?"

ଉତ୍ତର ଆସିଲା :

MORE SUCCESSFUL.

ଆଚ୍ଛା, ମୁଁ ସେତେବେଳେ ଆମୋଦିତ ହୋଇଥିଲି, କିନ୍ତୁ ବିଶ୍ୱାସ କରିପାରିନଥିଲି । କିନ୍ତୁ ଏବେ ବୁଝିପାରୁଛି ସେ ଯାହା କହିଥିଲେ ତା' ଠିକ୍ । ବହୁ ବିଦଗ୍ଧ ପାଠକଙ୍କ ମତରେ ଏବଂ ମୋ ମତରେ 'ଯନ୍ତ୍ରାରୂଢ଼' ତୁଳନାରେ 'ଅସୂର୍ଯ୍ୟ ଉପନିବେଶ' ନିମ୍ନମାନର କୃତି । କିନ୍ତୁ 'ଅସୂର୍ଯ୍ୟ ଉପନିବେଶ' ହିଁ ଅକାଦମୀ ପୁରସ୍କାର ପାଇଛି; ଯନ୍ତ୍ରାରୂଢ଼ ନୁହେଁ ! ସେ ଯାହାହେଉ ମୁଁ ସେତେବେଳେ ତାଙ୍କୁ ପୁଣି ପଚାରିଲି :

"ଆପଣଙ୍କୁ ଏ ଲେଖା ଭଲଲାଗୁଚି ?"

ସେ ଉତ୍ତର ଦେଲେ– APPAYYA.

ମୁଁ ବୁଝିଗଲି । ସମଗ୍ର ଉପନ୍ୟାସରେ ସେଇ ଗୋଟିଏ ମାତ୍ର ଚରିତ୍ର ଯେ କି ସାମାନ୍ୟ ହସେଇପାରିଚି ପାଠକଙ୍କୁ । ନହେଲେ ଉପନ୍ୟାସଟି ଆମୂଳଚୂଳ ଗମ୍ଭୀର ଏବଂ ଭୟଙ୍କର । ଫକୀରମୋହନୀୟ ଦୃଷ୍ଟିରେ ସେଇ 'ଆପ୍ପାୟା' ଚରିତ୍ରଟି ଧରାପଡ଼ିବା ଅତି ସ୍ୱାଭାବିକ ।

ମୁଁ ଟିକିଏ ହସିଲି ଏବଂ ପଚାରିଲି : "ଆଉ କେମିତି ଲାଗୁଚି ?"

ଉତ୍ତର ଆସିଲା– ONE BANKA (ବାଙ୍କ)

– କ'ଣ ଗୋଟାଏ ବାକିପଡ଼ିଯାଇଚି – ହେଇପାରେ । ମୁଁ ଆପଣଙ୍କୁ ଆଜିର ଦୁଇଟି ପରିଚ୍ଛେଦ ଶୁଣାଇବାକୁ ଚାହେ– ଆପଣ ସଞ୍ଜବେଳେ ଆସିବେ ?

– YES.

– ତା'ହେଲେ ସନ୍ଧ୍ୟା ସାତଟା । ବୈଠକଘରେ ମୁଁ ପଢ଼ିବି । ଆପଣ ଆସିବେ ଏହାହିଁ ମୋର ଭାଗ୍ୟ । କୃତଜ୍ଞତା ଜଣାଉଛି ।

– THANQ

ଆମେ ସାମାନ୍ୟ ବାଉଳାହେଇଗଲୁ । ତା'ପରେ ଫକୀରମୋହନଙ୍କ ପରିହାସପ୍ରିୟତା ମନେପଡ଼ିବାରୁ କଥା ପରିଷ୍କାର ହୋଇଗଲା । ସେ thank you ପରିବର୍ତ୍ତେ THANQ ଲେଖିଥିଲେ ।

ତା'ପରେ ଆମେ ସାନ୍ଧ୍ୟ ଅଧିବେଶନ ପାଇଁ ଯଥା ସମୟରେ ପ୍ରସ୍ତୁତ ହୋଇଗଲୁ । ସୋଫା ପାଖରେ ଗୋଟିଏ ପୃଥକ୍ ଆସନ ପାଇଁ ଷ୍ଟିଲ୍ ଫ୍ରେମ୍‌ରେ କନା

Digitized by srujanika@gmail.com

ଲାଗିଥିବା ଆରାମ ଝୁଲା ଚୌକି ପକାଇଲୁ ଏବଂ ତା' ସାମ୍ନାରେ ଗୋଟିଏ ଛୋଟ ଟେବୁଲ୍ ରଖିଲୁ । ଭାବିଲୁ ଯେ ଏଭଳି ଅତିଥିଙ୍କ ସତ୍କାର ପାଇଁ କ'ଣ ଦିଆ-ଯାଇପାରେ । ସ୍ଥିରହେଲା ଯେ ଆମ ଖାଇବା ଜିନିଷ ନ ଦେଇ କିଛି ମହାପ୍ରସାଦ ଦିଆଯାଇପାରେ । ଛୋଟ ଷ୍ଟିଲ୍ ପ୍ଲେଟ୍‌ରେ ପୁରୀରୁ ଆସିଥିବା ଗୋଟିଏ ଗଜା ଏବଂ ଗ୍ଲାସେ ପାଣି ରଖିଦିଆଗଲା । ଘଣ୍ଟାରେ ଠିକ୍ ୭ଟା ବାଜିବାରୁ ମୁଁ କହିଲି–

"ଆମ ସମସ୍ତଙ୍କର ନମସ୍କାର ଗ୍ରହଣ କରନ୍ତୁ । ବସିବା ହୁଅନ୍ତୁ । ଆପଣଙ୍କୁ ଉପଯୁକ୍ତ ଭାବି କିଛି ମହାପ୍ରସାଦ ଦେଉଛୁ । ସ୍ୱୀକାର କରନ୍ତୁ ।"

ଅବଶ୍ୟ ସେତେବେଳେ ଆମେ ପ୍ଲାଞ୍ଚେଟ୍ କରିନଥିଲୁ । କରିବାର ପ୍ରୟୋଜନ ନ ଥିଲା । ମୁଁ 'ଅସୂର୍ଯ୍ୟ ଉପନିବେଶ'ର ଯେଉଁ ଅଂଶ ପଢ଼ି ଶୁଣାଇଲି ସେଇଠି କାହାଣୀ ବିନ୍ୟାସରେ ଭୁଲ୍ ଧରାପଡ଼ିଗଲା ଏବଂ ମୁଁ ତାକୁ ନାଲି ଗାର ଦେଇ ସଜାଡ଼ିବାକୁ ରଖିନେଲି । ତା'ପରେ ଆମେ ଉଠି ଯେ ଯାହା କାମକୁ ଚାଲିଗଲୁ ।

ତା' ଆରଦିନ ଦି'ପହରବେଳା ପୁଣି ପ୍ଲାଞ୍ଚେଟ୍ ଡାକିଲୁ । ମୁଁ ବ୍ୟକ୍ତିଗତ ଭାବରେ ଖୁବ୍ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାଏ ଫକୀରମୋହନଙ୍କୁ ।

ଠିପି ଘୁରୁଥିଲା, କିନ୍ତୁ ଖୁବ୍ ଧୀରେ ।

ମୁଁ ପଚାରିଲି, "କ'ଣ ଫକୀରମୋହନ ଆସିଥିଲେ କି ?"

ସେମିତି ଘୁମେଇଲା ପରି ଆସ୍ତେ ଘୁରୁଥିଲା – YES.

ତାଙ୍କର ସ୍ୱଭାବସୁଲଭ ତତ୍ପରତା ନଥିବାରୁ ମୁଁ କଥା ଉଠେଇବାକୁ ପଚାରିଲି–

"କାଲି ଆପଣ ଶୁଣିଲେ ତ ?"

ଉତ୍ତର : NO.

– ଆଶ୍ଚର୍ଯ୍ୟ । ମୁଁ ଆପଣଙ୍କ ପାଇଁ ହିଁ ତାକୁ ପଢ଼ିଥିଲି ।

ଉତ୍ତର YOU DID NOT WANT.

– ମାନେ ? କେମିତି ମୁଁ ଚାହି ନ ଥିଲି । ମୁଁ ପରା ସବୁ ବନ୍ଦୋବସ୍ତ କରିଥିଲି ଆପଣଙ୍କ ପାଇଁ ?

ଉତ୍ତର – YOU DROVE ME AWAY

ମୁଁ ଚକିତହେଲି, ବ୍ୟଥିତ ମଧ ହେଲି । ପଚାରିଲି– ମୁଁ ଏଭଳି ଅପରାଧ କରିପାରିବି କିପରି ? ଆପଣଙ୍କୁ ପୁଣି ମୁଁ ତଡ଼ିଦେଇପାରେ ?

ସେ ମୋର ଆବେଗ ବୁଝିଲା ଭଳି ଉତ୍ତର ଦେଲେ–

THAT THING ON THE TABLE.

– ଟେବୁଲ ଉପରେ ତ' ମହାପ୍ରସାଦ ଥିଲା । ଆପଣ ତାକୁ ଗ୍ରହଣ କରିବେ ବୋଲି ଆମେ ରଖିଥିଲୁ ।

Digitized by srujanika@gmail.com

ପୁଣି ଲେଖିଲେ—

I COULD NOT COME NEAR

I WENT TO THE HILL.

ଆଶ୍ଚର୍ଯ୍ୟ ! ଆମ ଘରଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ଗୋଟିଏ ଟାଙ୍ଗରା ପାହାଡ଼ ଥିଲା । ସେ କ'ଣ ସେ ପର୍ଯ୍ୟନ୍ତ ଯିବାକୁ ପଡ଼ିଲା ।

ସେ ତା'ପରେ ଆସ୍ତେ ପ୍ଲାଞ୍ଚେଟ୍ ଯନ୍ତ୍ର ଭିତରୁ ବାହାରକୁ ଚାଲିଗଲେ । ଆଉ ଆସିଲେନାହିଁ ।

ପ୍ରଶ୍ନ ହେଉଛି – ମହାପ୍ରସାଦ ପାଖକୁ ସେ କାହିଁକି ଆସିପାରିଲେନାହିଁ ? ଆମ ଘରେ (ଦିଅଁଘରେ) ତ' ମହାପ୍ରସାଦ ଥିଲା ଏବଂ ସେ ବାହାର ବଖରାକୁ ଆସି ଆମ ସହିତ ବେଶ୍ ହସଖୁସି ହେଉଥିଲେ । ସେଦିନ ହଠାତ୍ ମୁହାଁମୁହିଁ ହୋଇଯିବାରୁ କ'ଣ ଏମିତି ହୋଇଥିଲା ! ମହାପ୍ରସାଦ କ'ଣ ସବୁ ପ୍ରେତସଭାକୁ ଏମିତି ଘଉଡ଼ିଦେଇପାରେ ? ତା' କିନ୍ତୁ ଠିକ୍ ନୁହେଁ, କାରଣ ତା' ପୂର୍ବରୁ ପ୍ଲାଞ୍ଚେଟ୍ ନିର୍ଦ୍ଦେଶରେ ହିଁ ମୁଁ ମହାପ୍ରସାଦ ପୁରୀରୁ ମଗାଇ ଅର୍ପଣ କରିଥିଲି । ସେ ଆଉ ଏକ ପ୍ରସଙ୍ଗ ।

Digitized by srujanika@gmail.com

॥ ୯ ॥

ପ୍ରେତସତ୍ତା କିଛି ପରିମାଣରେ କିଛିଦିନ ପାଇଁ ତା'ର ପୂର୍ବ ଅବସ୍ଥାର ସଂସ୍କାର ନେଇ ରହିଥାଏ, କାରଣ ମହାପ୍ରସାଦକୁ ନେଇ ଯେଉଁ ବିଭିନ୍ନ ପ୍ରତିକ୍ରିୟାର ଉଲ୍ଲେଖ ଅଛି, ସେଥିରୁ ଜଣାଯାଉଛି ଯେ ତା' ପଶ୍ଚାତ୍‌ରେ କିଛି ରହସ୍ୟ ନିଶ୍ଚୟ ଅଛି । କିନ୍ତୁ ଏ ସମସ୍ତ ଘଟଣା ଗୋଟିଏ ମାତ୍ର ଅନୁମାନ ଉପରେ ନିର୍ଭର କରୁଛି । ତାହା ହେଲା ଯେ ଯେଉଁସବୁ ପ୍ରେତସତ୍ତା ପ୍ଲାଞ୍ଚେଟ୍ ମାଧ୍ୟମରେ ଲେଖକ ସହିତ ଯୋଗାଯୋଗ ରଖିଛନ୍ତି, ସେମାନେ ଭିନ୍ନ ଦେଶ, ଜାତି ଏବଂ ଧର୍ମସମ୍ପ୍ରଦାୟର ନହୋଇ ଯଦି ଏଗ ଅଞ୍ଚଳର ହିଁ ହୋଇଥାନ୍ତି ତା'ହେଲେ ମହାପ୍ରସାଦର ତାତ୍ପର୍ଯ୍ୟ ବୁଝିହେଉଛି । ଯଦି ତା' ନ ହୋଇ ସେମାନେ ଭିନ୍ନ ମତ ଏବଂ ଧର୍ମାବଲମ୍ବୀମାନଙ୍କର ସତ୍ତା ହୋଇଥାନ୍ତି, ବିଷୟଟି ନିଶ୍ଚୟ ଜଟିଳ ଏବଂ ରହସ୍ୟମୟ ହୋଇଯାଉଛି । ଏହାର ପ୍ରମାଣ ପ୍ଲାଞ୍ଚେଟ୍ ମାଧ୍ୟମରେ ସମ୍ଭବ ନୁହେଁ । ଏଣୁ ଲେଖକ ମଧ୍ୟ ତା'ର ଚୂଡ଼ାନ୍ତ ଏବଂ ନିଷ୍ପତ୍ତିମୂଳକ ତଥ୍ୟ ପାଇଁ ଆଉ ଗୋଟିଏ ପାଦ ଆଗକୁ ଯାଉଛି । ଅର୍ଥାତ୍, ଯେ ନିଗମାନନ୍ଦ ବୋଲି ପରିଚୟ ଦେଉଛନ୍ତି ସେ ନିଗମାନନ୍ଦ ବୋଲି ପ୍ରମାଣ କ'ଣ ? ପ୍ରମାଣ କେବଳ ପ୍ରତ୍ୟକ୍ଷ ଦର୍ଶନ । ଯଦି ସେ ମାଧ୍ୟମକୁ ବ୍ୟବହାର କରି ଲେଖିଦେଇ ପାରୁଛନ୍ତି, ସେ କାହିଁକି ପ୍ରତ୍ୟକ୍ଷ ଦୃଷ୍ଟିକୁ ନ ଆସିବେ ? ଅର୍ଥାତ୍ ପ୍ରେତସତ୍ତାକୁ ଦେଖିହେବ ନାହିଁ କାହିଁକି ?

ମୃତ୍ୟୁ ଆରପାରିକୁ ହାତ ବଢ଼େଇ ନିଜର ପ୍ରିୟଜନମାନଙ୍କୁ ଖୋଜିବାର ପ୍ରୟାସ କୌଣସି ବ୍ୟକ୍ତିବିଶେଷର କୌତୂହଳ ନୁହେଁ– ତାହା ପ୍ରାୟ ମଣିଷ ମାତ୍ରେ ତା'ର ସହଜାତ ପ୍ରବୃତ୍ତି ରୂପେ ସ୍ୱୀକାର କରିଆସିଛି । ଆଉଥରେ ମୃତ ବ୍ୟକ୍ତିଟିକୁ ତା'ର ପୂର୍ବ ରୂପରେ ଦେଖିବାର ଇଚ୍ଛା ପ୍ରାୟ ସମସ୍ତଙ୍କର ଥାଏ । କିନ୍ତୁ ସେଥିପାଇଁ ଅନେକ ପ୍ରତିବନ୍ଧକ ରହିଛି । ପ୍ରଥମେ ତ ସନ୍ଦେହ । ମୃତ୍ୟୁପରେ ଆଉ କିଛି ଅବଶେଷ ରହେ ନା ନାହିଁ ସେ ବିଷୟରେ ଏବେ ମଧ୍ୟ ବିତର୍କ ଚାଲିଛି ଏବଂ ଚୂଡ଼ାନ୍ତ ପ୍ରମାଣ ଅଭାବରୁ ବିପରୀତ କୋଟୀର ବିଭାଜିତ ମତ ହିଁ ଶୁଣିବାକୁ ମିଳୁଛି । ଶିକ୍ଷା, ସଂସ୍କାର, ଧର୍ମଧାରଣା ଏବଂ ଦୃଷ୍ଟିଭଙ୍ଗୀ ଅନୁସାରେ ପରଲୋକରେ କେତେକଙ୍କର ବିଶ୍ୱାସ ହୁଏ ବା ହୁଏ ନାହିଁ । ଆମେ ପ୍ଲାଞ୍ଚେଟ୍ ମାଧ୍ୟମରେ ଅନ୍ତତଃ ଏ ପ୍ରାଥମିକ ସନ୍ଦେହକୁ ଅତିକ୍ରମ କରିଯାଇଥିଲୁ । ମୋର ଅନ୍ତତଃ ସନ୍ଦେହ ନାହିଁ ଯେ ଦେହାତିରିକ୍ତ ସତ୍ତା ଅଛି ଏବଂ ତାହା ସହିତ ଯୋଗାଯୋଗ କରାଯାଇପାରେ । କିନ୍ତୁ ସନ୍ଦେହକୁ ସମ୍ପୂର୍ଣ୍ଣ ରୂପେ ମନରୁ ଦୂର କରିବା ପାଇଁ ଯାହା ପ୍ରୟୋଜନ ମନେହେଉଥାଏ ସେଥିପାଇଁ ସାହସ ହେଉ

Digitized by srujanika@gmail.com

ନଥାଏ । ମୁଁ ଏ ବିଷୟରେ ଦ୍ୱିତୀୟ ପ୍ରତିବନ୍ଧକ କଥା ହିଁ କହୁଛି । ତାହା ହେଲା ଭୟ । କୌଣସି ପ୍ରେତସତ୍ତାକୁ ସାମ୍ନାସାମ୍ନି ସ୍ୱଚକ୍ଷୁରେ ଦେଖିବାର ଅନୁଭବ ପଶ୍ଚାତ୍‌ରେ ଏଇ ଭୟ ହିଁ ବାଧକ ହୋଇଥାଏ, ଏଣୁ ଅଧିକାଂଶ ଡରିଯାନ୍ତି । ଯେଉଁ କେତେଜଣ ଦେଖନ୍ତି ବୋଲି କହନ୍ତି ସେମାନେ ଏପରି ଏକ ଅସ୍ୱାଭାବିକ ମାନସିକତାରେ ଦେଖନ୍ତି ଯେ ତାକୁ Hallucination ବୋଲି ଆଡ଼େଇଦିଆଯାଏ । କାରଣ ଜଣକୁ ଯାହା ଦିଶୁଚି ଯଦି ତାହା ସେଇଠି ସେତେବେଳେ ଆଉ ଜଣକୁ ନ ଦିଶିଲା ତା'ହେଲେ ତାହା ପ୍ରଥମ ବ୍ୟକ୍ତିର ଉଦ୍ଭଟ କଳ୍ପନା ହେବାର ସମ୍ଭାବନା ବେଶି । ଏଇଠି ସେକ୍ସପିଅରଙ୍କ ରଚିତ ନାଟକରୁ ଦୁଇଟି ଉଦାହରଣ ନିଆଯାଇପାରେ । ଗୋଟିଏ 'ହେମ୍‌ଲେଟ୍' ଡେନ୍‌ମାର୍କର ଯୁବରାଜ । ହେମଲେଟ୍‌ଙ୍କର ପିତାଙ୍କ ଅଶରୀରୀ ସତ୍ତାର ଆବିର୍ଭାବ କଳ୍ପନା ନୁହେଁ, କାରଣ ଗୋଟାଏ ନିର୍ଦ୍ଦିଷ୍ଟ ସମୟରେ ତାକୁ ଯେ କେହି ସୁଦ୍ଧା ଦେଖିପାରିଥାନ୍ତା । ତା'ପରେ ସେ ପ୍ରେତସତ୍ତା ହେମଲେଟ୍‌କୁ ଯେଉଁ ବାର୍ତ୍ତା ଦେଇଗଲା, ତାହା ସ୍ଥୂଳଜଗତ୍‌ରେ ପ୍ରମାଣିତ ହୋଇଗଲା । ଏଣୁ ସେଭଳି ଯଦି କୌଣସି ପ୍ରେତସତ୍ତାକୁ ଦେଖାଯାଇପାରେ ତେବେ ତାକୁ ବସ୍ତୁଧର୍ମରେ ସ୍ୱୀକାର କରିବାରେ ଆପତ୍ତି ନାହିଁ । କିନ୍ତୁ ମାକ୍‌ବେଥ୍ ନାଟକରେ ଗୋଟିଏ ନୈଶଭୋଜିରେ ମାକ୍‌ବେଥ୍ ଯାହା ଦେଖୁଛି ତାହା ଆଉ କାହାକୁ ଦୃଶ୍ୟ ହେଉ ନାହିଁ । ମାକ୍‌ବେଥ 'ବ୍ୟାଙ୍କୋ'କୁ ହତ୍ୟା କରାଇବା ପରେ ସେ ସତ୍ତା ଆସି ମାକ୍‌ବେଥ୍ ବସିବାକୁ ଥିବା ଚୌକିରେ ବସିଥିବାର ତାକୁ ଦେଖାଯାଉଛି । ଏହାକୁ Hallucinationର ଉତ୍କୃଷ୍ଟ ଉଦାହରଣ ରୂପେ ନିଆଯାଇପାରେ । ଭୟ ଏବଂ କଳ୍ପନା ମିଶି ଏକ ରୂପ ଗଢ଼ିଦେଇପାରନ୍ତି । ପ୍ରେତ ବିଷୟକ ଅଧିକାଂଶ ଶିଳ୍ପରେ ଏଇ ଧରଣର ଅନୁଭବ ହେଉଥିବା ଅନୁମାନ କରାଯାଇପାରେ– ତାହା ପ୍ରକୃତରେ ନାହିଁ– ନିଜେ ଯାହା ଦେଖିବାକୁ ଚାହୁଁଛି ତାହା ହିଁ ଦିଶୁଛି । "You see what you think you see" । ଏ ମୌଳିକ ଭୟରୁ କିନ୍ତୁ ମୁକ୍ତି ନାହିଁ, କାରଣ ତାହା ମଣିଷ ଚେତନାର କେନ୍ଦ୍ରରେ ମୃତ୍ୟୁଜନିତ ଭୀତି ସହିତ ଜଡ଼ିତ । ମୃତ୍ୟୁକୁ ଜୟ ନ କଲା ପର୍ଯ୍ୟନ୍ତ ମୃତ୍ୟୁ ଭୟକୁ ଜୟ କରିହେବ ନାହିଁ ।

ଏଣୁ ଖୁବ୍ ସନ୍ତର୍ପଣରେ ମୋର ଇଚ୍ଛାକୁ ମୁଁ ପ୍ରକାଶ ନକରି ରଖିଥାଏ । ସେମାନେ ଅଦୃଶ୍ୟ ରହି ମୋ ପ୍ରଶ୍ନର ଉତ୍ତର ଦେଉଥିବା ପର୍ଯ୍ୟନ୍ତ ଏବଂ ଅଯାଚିତ ଭାବରେ ସ୍ୱତଃପ୍ରବୃତ୍ତ ହୋଇ ଅନେକ ନୂଆ ବିଷୟ କହୁଥିବା ପର୍ଯ୍ୟନ୍ତ ମୁଁ ନିଜକୁ ଖୁବ୍ କୃତାର୍ଥ ଉପକୃତ ଏବଂ ସନ୍ତୁଷ୍ଟ ମନେକରୁଥିଲି । ତଥାପି ଇଚ୍ଛା ହେଉଥାଏ ଜାଣିବାକୁ ଯେ ସେଭଳି ପରିଚୟ ଦେଉଛନ୍ତି ତା'ର ପ୍ରମାଣ କ'ଣ ? ତା'ମାନେ ସେ ଚାକ୍ଷୁଷ ହୋଇପାରିବେ ନା ନାହିଁ, କେବେହେଲେ ସାହସ କରି ଏକଥା

Digitized by srujanika@gmail.com

ପଚାରିନାହିଁ । କିନ୍ତୁ ଦୁଇଟି ଘଟଣା ଏଠି ଅନେକ ଦ୍ୱିଧା ସତ୍ତ୍ୱେ ଲିପିବଦ୍ଧ କରିବା ଉଚିତ ମନେକରୁଛି । ଦ୍ୱିଧା ଏଥିପାଇଁ ଯେ, ତାକୁ ପ୍ରମାଣ କରିବାକୁ କହିଲେ ମୋ ପାଖରେ କିଛି ନାହିଁ । ଘଟଣା ଘଟିଗଲା ଏବଂ ତାକୁ ମୁଁ ଅବିକଳ କେବଳ ବର୍ଣ୍ଣନା କରିଦେଇପାରିବି । ତେଣିକି ଯେ ବିଶ୍ୱାସ କରିପାରୁନାହାନ୍ତି, ସେଥିପାଇଁ ତାଙ୍କର ପୂର୍ଣ୍ଣ ସ୍ୱାଧୀନତା ଏବଂ ଅଧିକାର ଅଛି ।

ଘଟଣା–୧. ଦ୍ୱିପ୍ରହର ସମୟ । ଆମେ ତିନି ଚାରିଜଣ ବସିଛୁ ଏବଂ ମଝିରେ ଭୂ–ଖାତା କଲମ ନେଇ ବସିଛି କିଛି ପ୍ରେତଲେଖ ପାଇଁ । ଆମେ ସାଧାରଣ ଭାବରେ କଥାବାର୍ତ୍ତା ବି ହେଉଛୁ । ଗୋଟାଏ ସମୟରେ ଆମେ ନୀରବ ହୋଇଗଲୁ । କାହିଁକି ନୀରବ ହୋଇଗଲୁ କହିବା କଠିନ । ହୋଇପାରେ କଥାବାର୍ତ୍ତାବେଳେ ସମସ୍ତେ ଏମିତି କିଛି କିଛି ନୀରବ ବ୍ୟବଧାନ ରଖି କଥା ହୁଅନ୍ତି । କିନ୍ତୁ 'ଭୂ' କେବଳ ନୀରବ ନୁହେଁ, ଏକ ପ୍ରକାର ସ୍ତବ୍ଧ ହୋଇଯିବାର ମୁଁ ଲକ୍ଷ୍ୟ କଲି । ସେ ଏକାଲୟରେ ସାମ୍ନାକୁ ଚାହିଁଥାଏ । ଆଦୌ ହଲ୍‌ଚଲ ହେଉନଥାଏ । ମନେ ହେଉଛି, ସେ ଏକ ପ୍ରକାର Tranceରେ ପ୍ରବେଶ କରି ଯାଇଥାଏ । ଆମେ ତାକୁ ସେଥିରୁ ବିଚଳିତ କରିବାକୁ ଚାହିଁଲୁନାହିଁ ।

ମୁଁ ବି ଖୁବ୍ ଉଦ୍‌ବେଗରେ ନିଶ୍ୱାସରୋଧି ଅପେକ୍ଷା କରିଥାଏ । ସେତିକିବେଳେ ଭୂ ହଠାତ୍ କହିଲା, ''ହେଇଆଡ଼େ'' । ଏଭଳି କହିଲାବେଳେ ଖାତାରେ ଗୋଟିଏ ବକ୍ରରେଖା ଲେଖିହୋଇଗଲା ଏବଂ ସେ ନିଦରୁ ଉଠିଲା ଭଳି ଆମକୁ ଚାହିଁଲା ।

ମୁଁ ତା' ପିଠି ଆଉଁଶିଦେଇ ତାକୁ ପ୍ରକୃତିସ୍ଥ କଲି ଏବଂ ଆସ୍ତେ ପଚାରିଲି, ସେ ସେମିତି କାହିଁକି କହିଲା ।

ପ୍ରକାଶଥାଉକି ଆମେ ଯେଉଁଠି ବସିଥିଲୁ ସେଇଠୁ ବୈଠକଘରର ଖୋଲା ଦାଣ୍ଡ କବାଟ ସିଧା ଦେଖାଯାଉଥିଲା । ଆମେ ସେଇ ଆଡ଼କୁ ମୁହଁ କରି ହିଁ ବସିଥିଲୁ । ସେଇଠୁ ବଗିଚାର ଅନାବନା ଗଛ ଏବଂ କିଛି ଦୂରରେ ପାଚେରି । ଆମେ ସେଇ ଦୁଆର ବାଟେ ବାହାରି ଡାହାଣକୁ ମୋଡ଼ିଯାଉ । କାରଣ ସେଇଭଳି ରାସ୍ତା ହୋଇଥାଏ ।

ମୁଁ 'ଭୂ'କୁ ପଚାରିଲି– ''କ'ଣ ହେଲା?'' ସେ କହିଲା, ''ଜଣେ ଏଇଠୁ ଏମିତି ପଛକରି ସିଧା ବାହାରିଗଲେ । ସେ ଡାହାଣେ ନ ମୋଡ଼ି ଅରମା ଆଡ଼େ ଯିବାରୁ ମୁଁ କହିପକାଇଲି, ''ବାଟଟା ହେଇଆଡ଼େ'' ।

''ଆଚ୍ଛା କିଏ ସେ ବାହାରିଗଲେ ? ଦେଖିବାକୁ କେମିତି?''

''ଖୁବ୍ ଲମ୍ବା ଏବଂ ମୋଟା, ମେଲା ଦେହ । ବୋଧହୁଏ ସମ୍ପୂର୍ଣ୍ଣ ଦିଗମ୍ବର । ଗୌରବର୍ଣ୍ଣ । ଡାହାଣ ହାତରେ କ'ଣଟାଏ ଧରିଥିଲେ । ତାଙ୍କର ଜଟାଭଳି ଲମ୍ବା

Digitized by srujanika@gmail.com

କେଶ । ମୁଁ ବିଶେଷ ସଚେତନ ହୋଇ ଦେଖିନାହିଁ । କିନ୍ତୁ ଏତିକି ପରିଷ୍କାର ଦେଖିଲି ।''

ପରିବେଶ ଏବଂ ପ୍ରସ୍ତୁତି Spirit Writing ପାଇଁ, ଏଣୁ ଏ ଘଟଣା ତା' ସହିତ ସମ୍ପୃକ୍ତ ହୋଇଥାଇପାରେ ବୋଲି ଅନୁମାନ କରୁଛି । କିନ୍ତୁ ଯେହେତୁ ଆମେ ଆଉ କେହି ସେ ଦୃଶ୍ୟ ଦେଖିପାରିନାହୁଁ, ତାହା 'ଭୂ' ପାଇଁ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଅନୁଭବ । ତେବେ Spirit Writing ମଧ୍ୟ ସେହିପରି କେବଳ Medium (ମାଧ୍ୟମ) ପାଇଁ ହିଁ ଉଦ୍ଦିଷ୍ଟ । ଆଉ ଯେପରି ଅନ୍ୟ କେହି ଲେଖିପାରିବ ନାହିଁ, ସେପରି ଏ ଦୃଶ୍ୟକୁ ମଧ୍ୟ ଅନ୍ୟ କେହି ଦେଖିପାରିବ ନାହିଁ । ଏହା ଯୁକ୍ତିସଙ୍ଗତ ମନେହେଉଛି । ତା' ବାହାରେ ସେ କୌଣସି ଅସ୍ୱାଭାବିକ ମାନସିକତାରେ ସେତେବେଳେ ନଥିଲା– ସେଭଳି କିଛି କଳ୍ପନା କରିବାକୁ । ତା' ପୂର୍ବରୁ ସେମିତି ଦୃଶ୍ୟ ଦେଖିବାର ଦୃଷ୍ଟାନ୍ତ ନଥିଲା ।

ଏଣୁ ହୁଏତ କୁହାଯାଇପାରେ ଯେ ଏହା ପ୍ରେତସତ୍ତାକୁ ଚାକ୍ଷୁଷ ଦେଖିବାର ଏକ ଉଦାହରଣ । କିନ୍ତୁ ତାକୁ ଆଉ ସେଭଳି ଦେଖିବାକୁ ଇଚ୍ଛାରୁ ମୁଁ ହିଁ ନିବୃତ୍ତ କରିଦେଲି, ମନରେ ଭୟ ହେଲା । କାରଣ ଲେଖିଲାବେଳେ ଯେପରି ସେ ଖୁବ୍ ସ୍ୱାଭାବିକ ରହି କେବଳ ହାତରେ ହିଁ Spirit Writing କରିପାରୁଥିଲା, ଏ ଦୃଶ୍ୟ ଦେଖିଲାବେଳେ ତାହା ନୁହେଁ । ସେ ଖୁବ୍ ଅସ୍ୱାଭାବିକ ଅବସ୍ଥାରେ ଥିଲା । ତା' ଦେହ ଟାଣି ହେଲା ପରି ଦେଖାଯାଉଥିଲା । ସେ ନିଶ୍ପନ୍ଦ ନିଷ୍ପଲକ ଚାହିଁଥିଲା । ଆଖିରେ କିନ୍ତୁ ସ୍ୱାଭାବିକ ଦୃଷ୍ଟି ନଥିଲା । ଏଣୁ ସେପରି ଅବସ୍ଥାରେ ପୁନରାବୃତ୍ତି ହେଲେ ଅଣାୟତ୍ତ ହୋଇଯିବା ଭୟରେ ତାକୁ ମୁଁ ବାରଣ କରିଥିଲି । ଭାବୁଛି ଠିକ୍ କରିଥିଲି, କାରଣ Mediumକୁ ଯଦି ଆଚ୍ଛନ୍ନ ହେବାକୁ ଛାଡ଼ିଦିଆଯାଏ, ସେ ଭୂତାବିଷ୍ଟ ହୋଇଯିବ ଏବଂ ତେଣିକି ଶରୀର ଓ ମନର ଅନେକ କ୍ଷତି ହେବାର ସମ୍ଭାବନା ।

ଦ୍ୱିତୀୟ ଦୃଷ୍ଟାନ୍ତଟି ଯା' ଅପେକ୍ଷା ଆହୁରି ଅଧିକ ରୋମାଞ୍ଚକର ମନେ-ହୋଇଥିଲା । କିନ୍ତୁ ସେହି କାରଣରୁ ତାହା ଅଧିକ ଅବିଶ୍ୱାସ୍ୟ ହେବାର ଭୟ ରହିଛି । ତେବେ କହିଲିଣି ଯେତେବେଳେ ତାକୁ ମଧ୍ୟ କହିଦେବା ଉଚିତ ।

Digitized by srujanika@gmail.com

|| ୧୦ ||

ପ୍ରେତସତ୍ତାର ଆଭାସ କିମ୍ବା ପରୋକ୍ଷ ପ୍ରମାଣ ମିଳୁଥିଲେ ସୁଦ୍ଧା ତାକୁ ଅର୍ଥାତ୍ ତା'ର ସ୍ୱରୂପକୁ ସ୍ୱଚକ୍ଷୁରେ ଦେଖିବାର ଭୟମିଶ୍ରିତ କୌତୂହଳ ସର୍ବଦା ଲେଖକଙ୍କୁ ପ୍ରଲୁବ୍ଧ କରୁଥିଲା । ଅଧିକନ୍ତୁ ପ୍ରତ୍ୟକ୍ଷ ପ୍ରମାଣକୁ ହିଁ ଜ୍ୟେଷ୍ଠ ପ୍ରମାଣ ବୋଲି ସ୍ୱୀକାର କରାଯାଇଛି । ସେ ଏ ସଂକ୍ରାନ୍ତରେ ଦୁଇଟି ଘଟଣାର ଅବତାରଣା କରିବାକୁ ଚାହୁଁଛି । ଅବଶ୍ୟ ସାଧାରଣ ବସ୍ତୁ ନ୍ୟାୟରେ ସମସ୍ତଙ୍କଦ୍ୱାରା ପ୍ରତ୍ୟକ୍ଷ ନହେଲେ ତାକୁ ଦେଖୁଥିବା ବ୍ୟକ୍ତିର ବିଭ୍ରମ ଅଥବା Hallucination ବୋଲି କୁହାଯାଇପାରେ । ଅଥଚ ଭୂ-ନାମକ ମାଧ୍ୟମ ଅନ୍ୟମାନଙ୍କ ସହିତ ବସି ଦ୍ୱିପ୍ରହର ସମୟରେ ହିଁ ସେଭଳି ଏକ ସତ୍ତାକୁ ପ୍ରତ୍ୟକ୍ଷ କରିଛନ୍ତି । ତାହା ହୁଏତ ବିଭ୍ରମ ହୋଇପାରେ– କିନ୍ତୁ ନ ହୋଇ ବି ପାରେ । ଭୂ-ପ୍ରେତଲେଖ ପାଇଁ ମାଧ୍ୟମ ହୋଇଥିଲେ । ଏଣୁ ହୁଏତ ପ୍ରେତସତ୍ତାକୁ ପ୍ରତ୍ୟକ୍ଷ କରିବାକୁ ମଧ୍ୟ ତାଙ୍କର ସାମର୍ଥ୍ୟ ଏବଂ ଅଧିକାର ଥିଲା । ଲେଖକ ସେ ବିଷୟରେ ଏକ ଅସମାହିତ ମୁକ୍ତ ପ୍ରଶ୍ନକୁ ନେଇ ଦ୍ୱିତୀୟ ଘଟଣାଟିର ବର୍ଣ୍ଣନା କରୁଛି । ଏ ବିଷୟରେ ସେ ସ୍ୱୀକାର କରୁଛି ଯେ, ଏହା ପୂର୍ବାପେକ୍ଷା ଅଧିକ ବିସ୍ମୟକର ଏବଂ ଅବିଶ୍ୱାସ୍ୟ ।

କୌଣସି ଏକ ବିଶେଷ ମାନସିକ ଅବସ୍ଥାରେ ହୁଏତ ପ୍ରେତସତ୍ତାକୁ ଜଣେ ଦେଖିଦେଇପାରେ, କାରଣ ସେମାନେ ଆଉ ଏକ ଜଗତରେ ବିଚରଣ କରନ୍ତି । ଏ ଜଗତର ସନ୍ନିହିତ କୌଣସି ଏକ ଜଗତ ହୋଇପାରେ, କିନ୍ତୁ ତାହା ପୃଥକ୍ ଏବଂ ସ୍ୱତନ୍ତ୍ର । ଏଣୁ ଯେଉଁ ଦୃଷ୍ଟିରେ ସେ ଜଗତ ଦିଶିବ, ସେଥିରେ ଏ ଜଗତ ନ ଦିଶିବା କଥା । ଅନ୍ୟପକ୍ଷେ ଆମମାନଙ୍କର ସାଧାରଣ ଦୃଷ୍ଟିରେ କେବଳ ଏ ଜଗତ ହିଁ ଦିଶେ ଏବଂ ସେହି କାରଣରୁ ଅନ୍ୟ ଜଗତ ଦିଶେ ନାହିଁ । ଅତଏବ ଭୂ ଯେଉଁଦିନ ସେ ଅପସରିଯାଉଥିବା ଗୌରକାନ୍ତ ମୂର୍ତ୍ତିକୁ ଦେଖିଥିଲା, ସେତେବେଳେ ସେ ଏକ ଅସ୍ୱାଭାବିକ ଅବସ୍ଥାରେ ଥିଲା । ସେ ଆମକୁ କାହାକୁ ହେଲେ ହୁଏତ ଦେଖିପାରୁନଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଆମେ ବସିଥିବା ବୈଠକଘରୁ ବାହାରର ଯେଉଁ ଦୃଶ୍ୟ ଦିଶୁଥିଲା, ସେହି ପୃଷ୍ଠଭୂମିରେ ହିଁ ସେ ତାକୁ ଦେଖୁଥିଲା । ଅର୍ଥାତ୍ ଏ ଜଗତ୍‌ର ପୃଷ୍ଠଭୂମିରେ ସେ ଜଗତ୍‌ର ସତ୍ତା ଦୃଶ୍ୟମାନ ହେଉଥିଲେ । ସେଥିପାଇଁ ସେ ଅରମା ଆଡ଼େ ମାଡ଼ିଗଲା ବେଳକୁ ଭୂ- ସ୍ୱତଃ କହିପକାଇଥିଲା "ହେଇ ଆଡ଼େ"– ଅର୍ଥାତ୍ ସେ ସେଇ ଘରର ଭୌଗୋଳିକ ପରିବେଶକୁ ସ୍ପଷ୍ଟ ଭାବରେ ଦେଖିପାରୁଥିଲା । ଏଣୁ ହୁଏତ ତାକୁ ସମ୍ପୂର୍ଣ୍ଣ ବିଭ୍ରମ ବୋଲି କହି ହେବ ନାହିଁ । କିନ୍ତୁ ଦ୍ୱିତୀୟ ଘଟଣାଟି ଆହୁରି ବିସ୍ମୟକର ।

Digitized by srujanika@gmail.com

ମୋର ଅଜ୍ଞାତସାରରେ ପିଲାମାନେ ତାଙ୍କ ବଖରାରେ ପ୍ଲାଞ୍ଚେଟ୍ ଡାକୁଥିଲେ ବୋଲି ମୁଁ ଏ ଘଟଣା ପରେ ହିଁ ଜାଣିଲି । ନ ହେଲେ ହୁଏତ ମୂଳରୁ ହିଁ ମୁଁ ସେମାନଙ୍କୁ ମନାକରିଦେଇଥାନ୍ତି ।

ସକାଳ ସାଢ଼େ ସାତ କିମ୍ବା ଆଠଟା ସମୟ ହେବ । ମୁଁ ବୈଠକଘରେ ବସି ଖବରକାଗଜ ପଢୁଥାଏ । ସେଇଠୁ ରୋଷେଇଘର ଦିଶୁଥାଏ । ମଝିରେ ମୋ ଆଖି ସେଇ ଆଡ଼କୁ ଥରେ ପଡ଼ିଥିଲା । ଦେଖିଲି ଯେ ତିନୋଟିଯାକ ପିଲା– ଛ’ ଆଠ ଏବଂ ଦଶବର୍ଷ ସେମାନଙ୍କୁ ରୋଷେଇଘର ସାମ୍ନାରେ ତାଙ୍କ ବୋଉ ପାଖରେ ଲଗାଲଗି ହୋଇ ବସିଛନ୍ତି । ସେମାନେ ସେତେବେଳେ ଜଳଖିଆ ଖାଇସାରିଥାନ୍ତି, ତାଙ୍କ ବଖରାରେ ବସି ପାଠ ପଢ଼ିବା କଥା । ସେମାନେ କାହିଁକି ସେଇଠି ବସିଥିଲେ ଏବଂ ମଝିରେ ମଝିରେ କାହିଁକି ଛନକା ହେଲାପରି ପଛକୁ ଅନଉଥିଲେ ମୁଁ ବୁଝିପାରୁ ନଥିଲି । ମୁଁ ତାକୁ ସେପରି କୌଣସି ଗୁରୁତ୍ୱ ନ ଦେଇ ଖବରକାଗଜରେ ମନ ଦେଲି ।

ପ୍ରାୟ ଦୁଇ ମିନିଟ୍ ପରେ ଗୋଟାଏ ଅତର୍କ୍ଷ ରଡ଼ିରେ ମୋ ହାତରୁ ଖବରକାଗଜଟା ଖସିପଡ଼ିଲା । ବିଜୁଳି ତାର ଛୁଇଁଲା ପରି ମୁଁ ଉଠି ମଝି ବଖରା ଆଡ଼େ ଦୌଡ଼ିଗଲି ।

ରୋଷେଇଘରୁ ମୋ ସ୍ତ୍ରୀ ମଧ ଧାଇଁଆସିଥିଲେ । ମଝି ବଖରାରେ ସେ ତିନୋଟିଯାକ ପିଲା ଆଖିମାନ ଡିମାଡିମା କରି ଛାନିଆ ହେଲାପରି ଠିଆହୋଇଥାନ୍ତି । ଭୂ-ସେଦିନ ସେଇଠି ନଥାଏ । ସେ ସେମାନଙ୍କଠାରୁ ଢେର୍ ବଡ଼ । ସେ ସେତେବେଳକୁ ବି.ଏସ୍‌ସି. ପଢୁଥାଏ ।

ପିଲାଙ୍କୁ ସେପରି ଅବସ୍ଥାରେ ଦେଖି ମୁଁ ଶଙ୍କିଗଲି । କ’ଣ ଗୋଟାଏ ଭୟ ପାଇ ସେମାନେ ସେମିତି ହେଉଥିଲେ । ତାଙ୍କୁ ଧରି ଆଉଁଶା ଆଉଁଶି କଲାପରେ ସବୁଠାରୁ ବଡ଼ଟିର ପାଟି ଫିଟିଲା–

‘‘ସେ ଖାଇଦେଇଛନ୍ତି ।’’

–କ’ଣ ? କୋଉଠି ? କିଏ ?

ଆମେ ସମସ୍ତେ ସେମାନଙ୍କ ପଢ଼ାଘରକୁ ପଶିଲୁ । ସେ ଆଙ୍ଗୁଠି ଦେଖେଇ ଦେବାରୁ ମୁଁ ଦେଖିଲି ଯେ ସେମାନଙ୍କ ଛୋଟ ପଢ଼ା ଟେବୁଲ୍ ଉପରେ ବହିଖାତା ପାଖରେ ଗୋଟିଏ ଛୋଟ ଷ୍ଟିଲ୍ ଥାଳିଆ ଥୁଆହୋଇଛି । ସେଥିରେ ଏଠିସେଠି ସାମାନ୍ୟ ଦହି ବୋଧେ ଲାଗିଛି । ସେଇଟା ଅଇଁଠା ଥାଳିଆ ପରି ଦିଶୁଛି ।

ପିଲାଙ୍କୁ ସୁସ୍ଥ ସହଜ କଲାପରେ ତାଙ୍କଠାରୁ ଯାହା ଶୁଣିଲି ତାହା ଏହିପରି–

ସେମାନେ ଲୁଚିଲୁଚି ପ୍ଲାଞ୍ଚେଟ୍ ଡାକୁଥିଲେ । ପ୍ରାୟ ସବୁଦିନ ଏଇ ପାଠପଢ଼ା ସମୟରେ ହିଁ ଡାକୁଥିଲେ । ଯେ ଆସୁଥିଲେ ସେ ଏମାନଙ୍କ ସଙ୍ଗରେ ବେଶ୍ ଆଳାପ କରୁଥିଲେ । ଅନେକ ସମୟରେ ପ୍ଲାଞ୍ଚେଟ୍ ଛାଡ଼ି ପଢ଼ିବାକୁ ଉପଦେଶ ଦେଉଥିଲେ । ଜଳଖିଆ ଖାଇ ଆସିବାକୁ କହୁଥିଲେ ।

Digitized by srujanika@gmail.com

ଫଳରେ ପିଲାମାନଙ୍କ ମନରୁ ମଧ୍ୟ ଭୟ ସଙ୍କୋଚ ସମ୍ପୂର୍ଣ୍ଣ ଚାଲିଯାଇଥିଲା । ସେମାନେ ପ୍ଲାଞ୍ଚେଟ୍‌କୁ ଗୋଟିଏ ଖେଳ ଭାବି ପ୍ରତିଦିନ ପ୍ରେତସତ୍ତାକୁ ଡାକୁଥିଲେ ।

ସେଦିନ କୁଆଡ଼େ ସେମାନେ ପଚାରିଲେ–

''ଆପଣ କାହିଁକି ଆମକୁ ଦେଖାଦେଉ ନାହାନ୍ତି ?''

ସେ କହିଲେ– ''ତୁମେ ଡରିବ ।''

''ନା ଆମେ ଡରିବୁ ନାହିଁ– ଆପଣ ଦେଖା ଦିଅନ୍ତୁ ।''

''ନା, ତୁମେ କିଛି ଜାଣିନାହଁ– ତୁମେ ଡରିବ ।''

ପିଲାମାନେ ତା'ପରେ ଆଉ ଜୋର୍ ଦେଲେ ନାହିଁ । ଜଣେ କିନ୍ତୁ କହିଲା, ''ତା'ହେଲେ ଆପଣ ଆମେ ଯାହା ଦେବୁ ଖାଇବେ ନା ?''

ସେ କିଛି କହିଲେ ନାହିଁ । ବୋଧହୁଏ ଦ୍ୱନ୍ଦ୍ୱରେ ପଡ଼ିଗଲେ– ''ଆମେ ଆଜି ଗଙ୍ଗାମୂଗରେ ନଡ଼ିଆକୋରା, ଦହି, ଚିନି ପକାଇ ଖାଉଚୁ – ଆପଣଙ୍କୁ ଦେଲେ ଖାଇବେ ନା ?''

ଏଥର ସେ କହିଲେ– ''ହଁ, କିନ୍ତୁ ତମେ ଏଇଠି ରଖିଦେଇ ଚାଲିଯାଅ । କବାଟ ବନ୍ଦ କରି ଦିଅ ।''

ସେମାନେ ଖୁବ୍ ଉତ୍ସାହରେ ସେଇ ଷ୍ଟିଲ୍ ଥାଳିଆରେ କିଛି ସେମାନଙ୍କ ଜଳଖିଆରୁ ରଖିଦେଇ, କବାଟ ବନ୍ଦ କରି ଯାଇ ରୋଷେଇଘର ପାଖରେ ବସିଥିଲେ ।

ସେତିକିବେଳେ ମୁଁ ସେମାନଙ୍କୁ ସେଇଠି ଦେଖିଥିଲି । ସେମାନଙ୍କର ଛନକା ହେଲା ପରି ପଛକୁ ବାରମ୍ବାର ଚାହିଁବାର ମଧ୍ୟ କାରଣ ଥିଲା ।

ତା'ପରେ ସେମାନେ ଯାଇ କବାଟ ଫିଟେଇ ଯାହା ଦେଖିଲେ ସେଥିରେ ସେମାନଙ୍କୁ ଡରମୋଡ଼ିବାରୁ ସେପରି ଚିତ୍କାର କରିଥିଲେ ।

ସେମାନେ ଦେଖିଲେ ଯେ ଷ୍ଟିଲ୍ ଥାଳିଆରୁ ସବୁତକ ଜଳଖିଆ ସେଇ ମିନିଟିଏ ଦୁଇମିନିଟ ଭିତରେ କିଏ ପୋଛିପାଛି ଖାଇଦେଇଛି । ଜଳଖିଆତକ ଉଭାନ ହୋଇ ନଥିଲା । କାରଣ ଥାଳିଆରେ ଜଳଖିଆ ଥିବାର ଚିହ୍ନ ସ୍ପଷ୍ଟ ଥିଲା ।

ସେଇ ସମୟରେ ଅନ୍ୟ କୌଣସି ପଶୁପକ୍ଷୀ ସେ ଘରେ ପଶି ତାକୁ ଖାଇବା ସମ୍ଭବନଥିଲା । ବିରାଡ଼ି, ମୂଷା ବା ବଗିଚାରୁ ବଣି ଆସି ତାକୁ ଖାଇପାରିନଥାନ୍ତେ, କାରଣ କବାଟ ଝରକା ବନ୍ଦଥିଲା ।

ତା'ପରେ ସବୁଠାରୁ ବିସ୍ମୟକର ବିଷୟ ହେଲା ଯେ ପ୍ଲାଞ୍ଚେଟ୍‌ରେ ସେ ଏମାନଙ୍କୁ କଥା ଦେଇଥିଲେ ଜଳଖିଆ ଖାଇବାକୁ ଏବଂ ନିର୍ଦ୍ଦେଶ ଦେଇଥିଲେ ବଖରା ଛାଡ଼ି ଚାଲିଯିବାକୁ ।

ତା'ହେଲେ କ'ଣ... ? ମାନେ ସେ ପ୍ରକଟ ହୋଇ ତାକୁ ଖାଇଥିଲେ ? ଏ ସ୍ଥୂଳ

Digitized by srujanika@gmail.com

ବସ୍ତୁକୁ ଗ୍ରହଣ କରିବାକୁ ହେଲେ ରୂପ ସ୍ୱୀକାର କରିବା ଯୁକ୍ତିସଂଗତ ମନେହେଉଛି ।

ଯଦି ଅନ୍ୟପକ୍ଷେ ସେ ଏ ସ୍ଥୂଳ ଅନ୍ନକୁ ସୂକ୍ଷ୍ମରେ ରୂପାନ୍ତରିତ କରି ଗ୍ରହଣ କଲେ ବୋଲି ଅନୁମାନକରାଯାଏ ତାହା କ'ଣ ସମ୍ଭବ କି ? ତା'ହେଲେ ତ ଶ୍ରାଦ୍ଧମାନଙ୍କରେ ପିଣ୍ଡ ଦେଲାବେଳେ ଏଇଭଳି ହୁଏତ ପିତୃପୁରୁଷମାନେ ତାକୁ ଗ୍ରହଣ କରୁଥାଇପାରନ୍ତି !

ଯଦି ଅନ୍ନକୁ ସୂକ୍ଷ୍ମ ରୂପରେ ରୂପାନ୍ତରିତ କରିବା ସମ୍ଭବ, କୌଣସି ବ୍ୟକ୍ତିକୁ ମଧ୍ୟ ସେଇପରି ଅନ୍ତର୍ଦ୍ଧାନ କରିଦେବା ସମ୍ଭବ । କିନ୍ତୁ ତାହା ବୋଧହୁଏ ହୋଇ-ପାରିବନାହିଁ, କାରଣ ବ୍ୟକ୍ତିଟି ଜଡ଼ ନୁହେଁ ଚେତନ ।

ମୁଁ ସ୍ୱୀକାର କରୁଛି ଯେ ମୁଁ ସେ ଘଟଣାରେ କୌଣସି ଯୁକ୍ତି ଖଟେଇ ପାରିଲି ନାହିଁ । କିନ୍ତୁ ମୋର ମନେହେଲା ଯେ ଯା ପରେ ହୁଏତ ସେ ସତକୁ ସତ ପ୍ରକଟ ହୋଇଯିବେ ଏବଂ ମୁଁ ସେଥିପାଇଁ ଖୁବ୍ ବିଚଳିତ ବୋଧକଲି । ପିଲାଙ୍କୁ କଡ଼ା ତାଗିଦା ଦେଲି ପ୍ଲାଞ୍ଚେଟ୍ ବନ୍ଦକରିବାକୁ, ଅନ୍ତତଃ ମୁଁ ନଥିଲାବେଳେ କଦାପି ଡାକିବେ ନାହିଁ ବୋଲି କହିଥିଲି ।

ପିଲାମାନେ ସେଦିନ ସେଇଠି ଆଉ ପଢ଼ିବାକୁ ରାଜି ହୋଇନଥିଲେ ।

ମୁଁ ନିଜେ ସେ ଘଟଣାଟିକୁ ଖୁବ୍ ଚେଷ୍ଟାକରୁଥିଲି ବୁଝିବାକୁ । ଆପଣଙ୍କ ଭଳି ମୋର ମଧ୍ୟ ବିଶ୍ୱାସ ଆସୁନଥିଲା । ମୁଁ ବରଂ ଚାହୁଁଥିଲି ସେ ବିଷୟଟି କୌଣସି ପ୍ରକାରେ ଅପ୍ରମାଣିତ ହୋଇଗଲେ ହିଁ ରକ୍ଷା । କିନ୍ତୁ ତା ବରଂ ଅତି ଦୃଢ଼ ଭାବରେ ପ୍ରମାଣ କରୁଥିଲା ଯେ ପ୍ରେତସତ୍ତା ଏଇଠି ଆମର ଅତି ନିକଟରେ ବିଚରଣ କରୁଛନ୍ତି ଏବଂ ଇହ ପର ଦୁଇ ଜଗତର ସୀମାରେଖା ଟପି କେତେବେଳେ ହେଲେ ପ୍ରକଟ ହୋଇଯାଇପାରନ୍ତି ।

ଗୋଟାଏ ପ୍ରଶ୍ନ ମୋତେ ଏପର୍ଯ୍ୟନ୍ତ ଘାରିରଖିଛି– ତା'ହେଲା ଯେ ସେମାନେ ପ୍ରକଟ ହୋଇଗଲେ ଆମର ଡରିବାର କ'ଣ ଅଛି ? ସେମାନେ ଯଦି ସାଧାରଣ ମଣିଷ ଭଳି ଦେଖାଯିବେ, ଯେତେ ଅପରିଚିତ ହେଲେ ସୁଦ୍ଧା ସେଥିରେ ଡରିବାର କିଛି ନାହିଁ ।

''କ'ଣ ସେପରି ଭୟଙ୍କର କିମ୍ବା ବିକଟାଳ ସେଥିରେ ଥାଇପାରେ ଯାହା ପାଇଁ ଆମେ ତାକୁ ଦେଖିଲେ ଡରିଯିବୁ ବୋଲି ସେ ଭାବୁଛନ୍ତି ? ହୋଇପାରେ ସେମାନେ ସମ୍ପୂର୍ଣ୍ଣ ରୂପେ ସ୍ଥୂଳରୂପ ନେଇ ପାରିବେ ନାହିଁ । ସ୍ଥୂଳ ସୂକ୍ଷ୍ମର ମଧ୍ୟଭାଗରେ ଏକ ଧୂଆଁଳିଆ ଆକାର ଦେଖିଲେ ଡରମାଡ଼ିପାରେ ।

କିମ୍ବା ମୃତ୍ୟୁକାଳୀନ ସେମାନଙ୍କର ରୂପ ଯଦି ସେମାନେ ଗ୍ରହଣ କରିବାକୁ ବାଧ୍ୟ ହୁଅନ୍ତି, ହୁଏତ ଦୁର୍ଘଟଣାରେ ମୁଣ୍ଡ ନଥିବା, ଅବୟବ ଛିଣ୍ଡିଯାଇଥିବା ରକ୍ତାକ୍ତ ରୂପ ଦେଖିଲେ ଯେ କେହି ଭୟଭୀତ ହୋଇଯିବା ସ୍ୱାଭାବିକ ।

Digitized by srujanika@gmail.com

ମୋର ସେଥିପାଇଁ ମନେହେଲା ଯେ ଆଉଥରେ ସେମାନଙ୍କୁ ଖାଇବାକୁ ଦେଲେ ହୁଏତ ଗୋଟିଏ ଶିରାଳ ହାତ ସେ ଜଙ୍କଖିଆକୁ ପୋଛିନେଇଯାଇପାରେ । କିମ୍ବା ଚୁଡ଼ି କଙ୍କଣ ଲାଗିଥିବା ଗୋଟିଏ ହାତ, ଛୋଟ ପିଲାର ଗୋଟିଏ ହାତ ସେ ଥାଳିଆ ଉପରକୁ ନଇଁଆସିପାରେ ।

କିନ୍ତୁ ଏଇଠି ମୋର ମନେପଡ଼ୁଛି ଯେ ଆମର ସମଗ୍ର ପରୀକ୍ଷା ଭିତରେ ଥରେ ହେଲେ କୌଣସି ନାରୀ ବା ଅଳ୍ପବୟସ୍କ ପିଲାର ପ୍ରେତସତ୍ତା ଆସି ନାହିଁ । ଯେ ବି ସେ ଦୀର୍ଘ ସମୟ ଭିତରେ ଆସିଛନ୍ତି ସମସ୍ତେ ପୁରୁଷ । କାହିଁକି ଯେ ଏପରି ହୋଇଥିଲା ମୁଁ କହିପାରିବି ନାହିଁ । ନାରୀସତ୍ତା ପାଇଁ ହୁଏତ ପରିବେଶ ନଥିଲା ବା ମାଧ୍ୟମ ଉପଯୁକ୍ତ ନଥିଲା । ଯେ କୌଣସି କାରଣରୁ ହେଉ କୌଣସି ନାରୀସତ୍ତା ସେ ମୁକ୍ତ ପ୍ଲାଞ୍ଚେଟ୍‌ରେ ଥରେ ହେଲେ ନ ଆସିବା ନିଶ୍ଚୟ ବିସ୍ମୟକର ।

Digitized by srujanika@gmail.com

॥ ୧୧ ॥

ପ୍ରେତସତ୍ତାର ସ୍ଥୂଳ ଆଭାସ ପାଇବା ହୁଏତ ଅସମ୍ଭବ ନୁହେଁ ବୋଲି ଦୁଇଟି ଦୃଷ୍ଟାନ୍ତ ମାଧ୍ୟମରେ ସୂଚନା ଦିଆଯାଇଛି । କିନ୍ତୁ ତାହା ଯେ ସବୁବେଳେ ସବୁ କ୍ଷେତ୍ରରେ ସମ୍ଭବ ନୁହେଁ ଏଥିରେ ସନ୍ଦେହ ନାହିଁ । ମନେହୁଏ ଯେ ସେଇଭଳି ଉପଯୁକ୍ତ ଓ ଅନୁକୂଳ ମାଧ୍ୟମ ନହେଲେ ଏବଂ ଅନ୍ୟପକ୍ଷେ ପ୍ରେତସତ୍ତା ସ୍ୱୟଂ ଇଚ୍ଛା ନକଲେ ସ୍ଥୂଳ ରୂପରେ ବୋଧହୁଏ ଚାକ୍ଷୁଷ ପ୍ରମାଣ ମିଳିପାରିବ ନାହିଁ ।

ଲେଖକ ଆଉ ଗୋଟିଏ ବିଶେଷ ଦିଗକୁ ଆପଣଙ୍କର ଦୃଷ୍ଟି ଆକର୍ଷଣ କରୁଛନ୍ତି । ପ୍ଲାଞ୍ଚେଟ୍ ଏବଂ ପ୍ରେତଲେଖ ମାଧ୍ୟମରେ ଥରେ ସୁଦ୍ଧା କୌଣସି ନାରୀ କିମ୍ବା ଅପ୍ରାପ୍ତ ବୟସ୍କର ପ୍ରେତସତ୍ତା ଆସି ନଥିଲା । କିଛି କାରଣ ନିଶ୍ଚୟ ଥାଇପାରେ ହୁଏତ । ବର୍ତ୍ତମାନ ପାଇଁ ତାହା ଅଜ୍ଞାତ । କିନ୍ତୁ ଏହା ନିଶ୍ଚୟ ରହସ୍ୟମୟ ଓ ବିସ୍ମୟକର ।

ଅବୋଧ ତିନୋଟି ପିଲା କିଛି ନ ବୁଝି କୌଣସି ପ୍ରେତସତ୍ତା ସହିତ ଭାବଦୋସ୍ତିରେ ତାଙ୍କୁ ଖାଇବାକୁ ଦେବା ଏବଂ ତାକୁ ସେ ଗ୍ରହଣ କରିବା ଘଟଣା ମୋତେ ଖୁବ୍ ମାତ୍ରାରେ ବିଚଳିତ କରିଥିଲା । ମୁଁ ତ ସେମାନଙ୍କୁ ପ୍ଲାଞ୍ଚେଟ୍‌ରେ ଆଉ ଖେଳିବାକୁ ବାରଣକରିଦେଲି । ଆହୁରି ମଧ୍ୟ କାଳେ ସେମାନେ ସକାଳେ ପଢ଼ା ସମୟରେ ସେପରି ଚଗଲାମି ପୁଣି କରିପାରନ୍ତି ଭାବି ତାଙ୍କୁ ଖୋଲା ବୈଠକଘରେ ପଢ଼ିବାକୁ ନିର୍ଦ୍ଦେଶ ଦେଇଦେଲି । ତେବେ ସ୍ୱୀକାର କରୁଛି ଯେ ସେଦିନ ମୋତେ ପ୍ରଥମେ ଏକ ପ୍ରକାର ଭୟ ସ୍ପର୍ଶ କରିଥିଲା । ମୁଁ ଅନୁଭବ କରିଥିଲି ଯେ ହୁଏତ କ୍ରମଶଃ ଆମେ ଏକ ଅଜ୍ଞାତ ଭୂମିରେ କିଛି ନ ଜାଣି ପ୍ରବେଶ କରିଯାଉଥିଲୁ ଏବଂ ସେଇଠି କୌଣସି ଅପ୍ରତ୍ୟାଶିତ ବିପଦ ହୁଏତ ଆମକୁ ଅପେକ୍ଷାକରିଥିଲା ।

ପ୍ରଥମତଃ, ପ୍ଲାଞ୍ଚେଟ୍ ଯନ୍ତ୍ରରେ ଗୋଟିଏ ଠିପି ଉପରେ ତିନିଜଣ ଟିପ ମଡ଼େଇବାଦ୍ୱାରା କ'ଣ ଏପରି ବିଶେଷ ପରିସ୍ଥିତି ସୃଷ୍ଟି ହେଉଥିଲା ଯେ ସେଠିକି ପ୍ରେତସତ୍ତାମାନେ ଆକୃଷ୍ଟ ହେଉଥିଲେ ? ସେଥିରେ ଆମେ ସମସ୍ତ ପ୍ରକାର ପ୍ରଚଳିତ ପ୍ରଥାରୁ ନିଜକୁ ମୁକ୍ତ ରଖିଥିବାରୁ ତାହା ଆହୁରି ରହସ୍ୟମୟ ବୋଧହେଉଥିଲା । ଆମେ ଯଦି ରାତିରେ ଖୁବ୍ ମିଞ୍ଜିମିଞ୍ଜି ଆଲୁଅରେ ଚୁପ୍‌ଚାପ୍ ବସି ପ୍ଲାଞ୍ଚେଟ୍ ଡାକିଥାନ୍ତୁ ତେବେ ଅନ୍ତତଃ ସେ ଗମ୍ଭୀର ଏବଂ ଶଙ୍କାକୁଳ ପରିବେଶର କିଛି ପ୍ରଭାବ ପଡ଼ିଥାନ୍ତା । ଯଦି କୌଣସି ନିର୍ଦ୍ଦିଷ୍ଟ ପ୍ରେତସତ୍ତାକୁ ସ୍ମରଣ କରି ଏକାଗ୍ରଚିତ୍ତ ହୋଇ ଆବାହନ କରିଥାନ୍ତୁ

Digitized by srujanika@gmail.com

ତେବେ ସେଭଳି ମାନସିକତାରେ କୌଣସି ଅସ୍ୱାଭାବିକ ଘଟଣା ଘଟିବାର ଅବକାଶ ଥିଲା, କିମ୍ବା ସେଇ ପ୍ରେତସତ୍ତା ଆସିବାର କାରଣ ଥିଲା । ପ୍ଲାଞ୍ଚେଟ୍ ଯନ୍ତ୍ର ବୋଲି ଯାହା କୁହାଯାଉଛି, ତାହା କୌଣସି ତନ୍ତ୍ର-ସମ୍ମତ ଯନ୍ତ୍ର ନୁହେଁ; । ଏଣୁ ତାର ଅଲୌକିକ ଶକ୍ତି ଥାଇପାରେ ବୋଲି କହି ହେଉ ନାହିଁ । ଆମେ ସ୍ପଷ୍ଟ ଦିବାଲୋକରେ ଡାକୁଥିଲୁ ତାଙ୍କୁ, ବୋଧହୁଏ ଠିକ୍ ଡାକୁଥିଲୁ ବୋଲି କହିହେବନାହିଁ । ଆମେ ଠିପି ଉପରେ ଟିପ ରଖି କେବଳ ମୁକ୍ତ ମନରେ ଅପେକ୍ଷା କରୁଥିଲୁ । ଯେ ଆସିଲେ ବା ନଆସିଲେ ଆମର ସେପରି କିଛି ଆପତ୍ତି ନଥିଲା । ଅନେକ ଥର କେହି ନ ଆସିବାରୁ ଆମେ ଠିପି ଲେଉଟାଇ ଦେଇ ଖେଳ ବନ୍ଦ ଘୋଷଣା କରିଦେଉଥିଲୁ । ସତ କହିବାକୁ ଗଲେ ଆମ ପାଇଁ ତାହା ଗୋଟାଏ ରୋମାଞ୍ଚକର ଖେଳ ବ୍ୟତିରେକେ ଅନ୍ୟ କିଛି ନଥିଲା । ଆମେ ତାର ଗୁରୁତ୍ୱ ଉପଲବ୍ଧି କରୁନଥିଲୁ । ଅତଏବ କିପରି ଏବଂ କାହିଁକି ପ୍ଲାଞ୍ଚେଟ୍ ମାଧ୍ୟମରେ ପ୍ରେତସତ୍ତାମାନେ ଆମ ସହିତ ସମ୍ପର୍କ ରଖୁଥିଲେ ଏବଂ ଆମେ ପଚାରୁଥିବା ପ୍ରଶ୍ନମାନଙ୍କର ବିସ୍ମୟକର ଉତ୍ତର ଦେଉଥିଲେ ? ତା' ବାହାରେ ଆହୁରି ବଡ଼ ପ୍ରଶ୍ନ ହେଲା ଯେ କିଏ ସେପରି ଆସୁଥିଲେ ? ସେ ଆମକୁ କହିବା ଅନୁସାରେ ଜର୍ମାନୀରୁ ଜାପାନ ଯାଏଁ ବିଭିନ୍ନ ଦେଶର ଏବଂ ସମୟର ମୃତବ୍ୟକ୍ତିମାନଙ୍କର ପ୍ରେତ–ସତ୍ତା ଥିଲେ, ନା ମାତ୍ର ଗୋଟିଏ ପ୍ରେତସତ୍ତା ଏ ସମସ୍ତ ଭୂମିକାରେ ଆମ ସହିତ ଖେଳୁଥିଲା ? ଅବଶ୍ୟ ପ୍ରତ୍ୟେକ ନୂତନ ପ୍ରେତସତ୍ତାର ପ୍ରବେଶ ଢଙ୍ଗ– ମାନେ, କେହି କେହି ଖୁବ୍ ଧୀରେ, ଦୁର୍ବଳ ଭାବରେ ଆସୁଥିଲେ, ଆଉ କେହି କେହି ଖୁବ୍ ଫୁର୍ତ୍ତି ଓ ତତ୍ପରତାର ସହିତ ଆସୁଥିଲେ । ପ୍ରଶ୍ନର ଚଟାପଟ୍ ଉତ୍ତର ଆସୁଥିଲା ଅଥବା ଧିମେଇଲା ପରି ଆସୁଥିଲା । କେତେବେଳେ ସେ ପରିହାସପ୍ରିୟ ଜଣାଯାଉଥିଲେ, କେତେବେଳେ ଜ୍ଞାନଗମ୍ଭୀର । ଏସବୁ ସେ ଠିପି ଚାଳିବା ଢଙ୍ଗରୁ ଏବଂ ଉତ୍ତରର ବୌଦ୍ଧିକତାରୁ ସୂଚିତ ହେଉଥିଲା । ଆଳାପର ପରିପାଟୀ ସ୍ୱତନ୍ତ୍ର ଜଣାଯାଉଥିଲା । ଆମେ ତାଙ୍କର ପରିଚୟ ତାଙ୍କଠାରୁ ହିଁ ସଂଗ୍ରହ କରୁଥିଲୁ । କିନ୍ତୁ ପ୍ରଶ୍ନ ହେଲା ତାହା କିପରି ସମ୍ଭବ ହେଉଥିଲା ? ସେମାନେ ଚାହୁଥିଲେ ଠିପିର Animation ପାଇଁ ଆମେ ଠିପିକୁ ଛୁଇଁବା ପ୍ରୟୋଜନ । କିନ୍ତୁ ସେମାନେ କେମିତି ଏବଂ କାହିଁକି ସେଠିକି ଆକୃଷ୍ଟ ହେଉଥିଲେ ତାହା ସ୍ପଷ୍ଟ ଜଣାଗଲା ନାହିଁ । ହଁ, ତାଙ୍କୁ ପଚାରିବାରେ ସେମାନେ କହୁଥିଲେ ଯେ, ଗୋଟିଏ ଆଲୋକ ତାଙ୍କୁ ଆକୃଷ୍ଟ କରୁଥିଲା । ସେମାନେ ପୁଣି କହିଥିଲେ ଯେ, ପ୍ରେତଭୂମିରେ ଆଲୋକ ଆଦୌ ନାହିଁ । ଯଦି ସେମାନେ କୁତ୍ରାପି ଆଲୋକ ଦେଖୁଥିଲେ ଆକୃଷ୍ଟ ହୋଇ ଆସିବା ସ୍ୱାଭାବିକ କଥା । କିନ୍ତୁ ସେ ଆଲୋକ ଆମେ ପ୍ଲାଞ୍ଚେଟ୍‌ରେ ବସିବାରୁ ଆସୁଥିଲା ନା ସବୁବେଳେ ସେଇଠି ଥିଲା ? ଏ ସମସ୍ତ ପ୍ରଶ୍ନର ଉତ୍ତର ମୋ ପାଖରେ ନାହିଁ । କିନ୍ତୁ ଏତିକି ନିଶ୍ଚୟ ସତ୍ୟ ଯେ 'ସେମାନେ'

Digitized by srujanika@gmail.com

(ଏକ କି ଅନେକ ପ୍ରମାଣ ନ ଥାଇ ସୁଦ୍ଧା ବାଧ୍ୟହେଉଛି 'ସେମାନେ' କହିବାକୁ) ଆସୁଥିଲେ ଏବଂ ସେମାନଙ୍କ ସହିତ ଆମର ପ୍ରଶ୍ନୋତ୍ତର ଆଳାପ ହେଉଥିଲା ।

ଦ୍ୱିତୀୟ ପ୍ରଶ୍ନ ହେଲା ପ୍ରେତଲେଖକୁ କେନ୍ଦ୍ର କରି । ପ୍ରଥମେ ଯେଉଁଦିନ ଏହା ସମ୍ଭବ ହେଲା ମୋତେ ସମ୍ପୂର୍ଣ୍ଣ ଅଲୌକିକ ମନେହେଲା ଏବଂ ପ୍ଲାଞ୍ଚେଟ୍ ଅପେକ୍ଷା ପ୍ରେତସତ୍ତାର ଉପସ୍ଥିତି ଆହୁରି ଅଧିକ ବିଶ୍ୱାସନୀୟ ମନେ ହେଲା । ତେବେ ଯେଉଁ ସତ୍ତା 'ଭୂ' କୁ ବ୍ୟବହାରକରି ଶ୍ଳୋକ ରଚନା କରିଥିଲେ, ସେ ଇଂରାଜୀରେ ଆଲୋକ-ଅନ୍ଧାର ତତ୍ତ୍ୱ ଆଲୋଚନା କରୁଥିବା ସତ୍ତାଠାରୁ ନିଶ୍ଚୟ ଭିନ୍ନ ଥିଲେ । ଭୂ- କେମିତି ସମ୍ପୂର୍ଣ୍ଣ ସୁସ୍ଥ ଏବଂ ସ୍ୱାଭାବିକ ମାନସିକତାରେ ଥିବା ଅବସ୍ଥାରେ କେବଳ ତାର ହାତଟିକୁ ବ୍ୟବହାର କରାଯାଇପାରୁଥିଲା– ତାହା ଏ ପର୍ଯ୍ୟନ୍ତ ଦୁର୍ବୋଧ; ହୋଇ ରହିଛି । କିନ୍ତୁ ପ୍ରେତଲେଖର ପ୍ରମାଣ ପାଇବା ପରେ ମୁଁ ଆଦୌ ଅସ୍ୱୀକାର କରିପାରୁନାହିଁ ଯେ ପ୍ରେତସତ୍ତା ନିଶ୍ଚୟ ଅଛନ୍ତି ଏବଂ ସେ ଜଗତ ସହିତ ସିଧାସଳଖ ସମ୍ପର୍କ ରଖାଯାଇପାରେ । ତେବେ କହିହେଉନାହିଁ କିଏ କେତେବେଳେ ଆସି ମାଧ୍ୟମଟିକୁ ଅଧିକାର କରିନେଇପାରେ ଏବଂ ତେଣିକି କ'ଣ ବୋଇଲେ କ'ଣ ମଧ୍ୟ ହୋଇଯାଇପାରେ– ମାନେ ମୋଟ ଉପରେ ସେ ସମସ୍ତ ଜିନିଷ ନିରାପଦ ମନେହେଉନଥିଲା ।

ତା'ପରେ ଯେତେବେଳେ ଭୂ- ସେ ସତ୍ତାଟିକୁ ଦେଖିପାରିଲା ଏବଂ ପିଲାମାନେ ସ୍କୁଲଭୂମିରେ ସତ୍ତାର ପ୍ରମାଣ ସଂଗ୍ରହ କରିନେଲେ, ମୁଁ ନିଜକୁ ଦୁର୍ବଳ ବୋଧକଲି । ତେଣିକି ହୁଏତ ସତ୍ତାମାନେ ଖୋଲାଖୋଲି ଦେଖାଦେଇପାରନ୍ତି, ଆମ ଘରେ ବିଚରଣ କରିପାରନ୍ତି । ଅଲୌକିକ ଶକ୍ତିର ଅଧିକାରୀ ହୋଇଥିବାରୁ ଯେ କୌଣସି ଅନିଷ୍ଟ କରିପାରନ୍ତି । ଆମ ଭିତରୁ ଯେକୌଣସି ଜଣକୁ ବା ଆମ ସମସ୍ତଙ୍କୁ ପ୍ରେତ ଲୋକକୁ ନେଇଯିବା ପାଇଁ ବ୍ୟବସ୍ଥା ମଧ୍ୟ କରିଦେଇପାରନ୍ତି ଏବଂ ସେଥିପାଇଁ ଆମେ ଦାୟୀ । ଆମେ ତାଙ୍କୁ ନେଇ ଖେଳିବାର ଅପରିଣାମଦର୍ଶିତା ଦାୟୀ ।

ମୁଁ ସେଦିନ ଅସୁସ୍ଥ ବୋଧକରିବାରୁ ପ୍ଲାଞ୍ଚେଟ ଡାକିବାର ପୂର୍ବାଭାସ ମିଳୁଥିଲା, ମାନେ କୌଣସି ପ୍ରେତସତ୍ତା ଆସିବାକୁ ଚାହିଁଲେ ଯେକୌଣସି ମାଧ୍ୟମ ସେପରି ଅସୁସ୍ଥ ବୋଧକରୁଥିଲା । ମୁଁ ତାକୁ ଅନେକ ସମୟ ପର୍ଯ୍ୟନ୍ତ ଏଡ଼େଇଗଲି । କିନ୍ତୁ ଦିନ ପ୍ରାୟ ତିନିଟା ବେଳେ, ସମସ୍ତେ ବିଶ୍ରାମ ନେଉଥିଲାବେଳେ ମୁଁ ପ୍ରେତଲେଖ ଡାଏରୀରେ ନିଜେ କଲମ ଥୋଇ ପରୀକ୍ଷା କରିବାକୁ ଖୁବ୍ ଇଚ୍ଛାହେଲା ।

କଲମ ରଖିବାରୁ କେମିତି ଗୋଟାଏ ଉଦ୍‌ବିଗ୍ନ ଲାଗିଲା– ହୋଇପାରେ ତାହା ସଂପୂର୍ଣ୍ଣ ମନସ୍ତାତ୍ତ୍ୱିକ । କିନ୍ତୁ ତା'ପରେ ଡାହାଣ ହାତର କହୁଣିଠାରୁ ଆଙ୍ଗୁଠି ଯାଏ ଖୁବ୍ ହାଲୁକା, ଜୀବ ଛାଡ଼ିଗଲା ପରି ଲାଗିଲା । ମନେହେଲା ସତେ ବା ସେ ଅଂଶଟା

Digitized by srujanika@gmail.com

ନାହିଁ ବା ଥିଲେ ବି ସେଇଟା ମୋର ନୁହେଁ । କିନ୍ତୁ କଲମଟା ଆଙ୍ଗୁଠି ସନ୍ଧାରୁ ହୁଗୁଳି ଗଲେ ମୁଁ ତାକୁ ଠିକ୍ ଧରିପାରୁଥିଲି, ମାତ୍ର କେବଳ ଛୁଇଁଲା ପରି ଧରିଥିଲି । ମୋର ହୃତ୍‌ସ୍ପନ୍ଦନ ବଢ଼ିଯାଇଥିଲା । କାନ ପାଖ ତାତିଲା ଭଳି ଅନୁଭବ ହେଉଥିଲା । ନିଃଶ୍ୱାସ ମଧ ଚଞ୍ଚଳ ଚଞ୍ଚଳ ଚାଲୁଥିଲା । ଏ ସମସ୍ତ ଲକ୍ଷଣ ଘାବରେଇ ଯାଇଥିବା ବା ଯାହାକୁ କୁହାଯାଏ Nervous ବୋଧକରୁଥିବା ବ୍ୟକ୍ତିଠାରେ ହିଁ ଦେଖାଯାଏ । କିନ୍ତୁ ମୋର ଯେତେଦୂର ମନେହୁଏ, ମୁଁ ଉଦ୍‌ବିଗ୍ନ ହେବାର ଅଥବା ଘାବରେଇବାର କୌଣସି କାରଣ ନଥିଲା । କାରଣ ପ୍ରେତଲେଖ ସେତେବେଳକୁ ଆମ ପାଇଁ କୌଣସି ନୂଆ କଥା ନୁହେଁ । ପ୍ଲାଞ୍ଚେଟ୍ ତ ଏକପ୍ରକାର ଖେଳ । ତା ବାହାରେ ଯେ ଆସି ଆମକୁ ଉଦ୍‌ବୋଧିତ କରୁଥିଲେ ସେ ଜଣେ ମହାପୁରୁଷ । ଏଣୁ ମନେହେଉଛି ଯେ ସେ ସମସ୍ତ ଲକ୍ଷଣ ବୋଧହୁଏ ପ୍ରେତଲେଖରେ ପ୍ରେତସତ୍ତା ଆସି ମୋ ଶରୀରକୁ ଅଧିକାର କରିବାର ପ୍ରତିକ୍ରିୟା ମାତ୍ର ।

ହାତଟି ସାମାନ୍ୟ କମ୍ପିତହେବାର ମୁଁ ଅନୁଭବ କଲି ଏବଂ ସେ କମ୍ପନରେ ସାରା ଶରୀର ଖୁବ୍ ହାଲୁକା ଲାଗିଲା ଏବଂ ମୁଁ ଅତି ସହଜ ଓ ସ୍ୱାଭାବିକ ଭାବରେ ଦେଖିପାରିଲି ଯେ ମୋ ଧରିଥିବା କଲମଟି ଲେଖିବା ଆରମ୍ଭ କରିଛି ।

Digitized by srujanika@gmail.com

॥ ୧୨ ॥

ପ୍ରେତସତ୍ତାମାନଙ୍କ ସହିତ କ୍ରମଶଃ ଘନିଷ୍ଠତର ସଂପର୍କ ହେବା ପରେ ମୁଁ ଚିନ୍ତାକୁଳ ହୋଇପଡ଼ିଥିଲି । ବିଶେଷତଃ ପ୍ଲାଞ୍ଚେଟକୁ ଏକପ୍ରକାର ଖେଳ ବୋଲି ଧରିନେଇଥିବା ପିଲାମାନେ କେତେବେଳେ ହୁଏତ ତାଙ୍କ ଅନିଚ୍ଛା ସତ୍ତ୍ୱେ ବିପତ୍ତିକୁ ଲୋଡ଼ି ଆଣି ପାରନ୍ତି ବୋଲି ମୋର ଭୟହୋଇଥିଲା । ଏହିପରି ମାନସିକ ପରିସ୍ଥିତିରେ ପ୍ରେତଲେଖ ମାଧ୍ୟମରେ କିଛି ଦିଗ୍‌ଦର୍ଶନ ପାଇବା ଆଶାରେ ନିଜେ ମାଧ୍ୟମ ହେବାକୁ ଚେଷ୍ଟା କଲି ।

ମୋ ହାତରେ ଧରିଥିବା କଲମଟି ଘୁଞ୍ଚିବା ଆରମ୍ଭ କରିବାରୁ ମୁଁ ତାକୁ ବିସ୍ମୟରେ ଚାହିଁରହିଥାଏ । ମୁଁ ଏତିକି ଜୋର୍‌ଦେଇ କହିପାରେ ଯେ ମୁଁ କଲମ ଚାଳିବାରେ କୌଣସି ସାହାଯ୍ୟ କରୁନଥିଲି । ମୋ ଡାହାଣ ହାତ କହୁଣିଠାରୁ ମୋର ନୁହେଁ ବୋଲି ସେତେବେଳେ ମୋର ଅନୁଭବ ହେଉଥିଲା ଏବଂ ଉଦ୍‌ବେଗର ଅନ୍ୟାନ୍ୟ ଲକ୍ଷଣ ଚାଲିଯାଇଥିବାରୁ ମୁଁ ଖୁବ୍ ସ୍ୱାଭାବିକ ମାନସିକତାରେ ସେ ଘଟଣାଟିକୁ ଲକ୍ଷ୍ୟ କରୁଥାଏ ।

ଅକ୍ଷରଗୁଡ଼ିକ ଛୋଟ ଏବଂ ସେପରି ପରିଷ୍କାର ନଥିଲା । କିନ୍ତୁ ବେଶ୍ ପଢ଼ି ହେଉଥିଲା ।

ପ୍ରଥମେ ଲେଖିହେଲା ଇଂରାଜୀରେ ଗୋଟିଏ ବାକ୍ୟ—

"I came to warn You"

ମୁଁ ବିଚଳିତ ନ ହୋଇ ତାଙ୍କୁ ପ୍ରଶ୍ନ କଲି :

—ଆପଣ କିଏ ଏବଂ କାହିଁକି ମୋତେ ସତର୍କ କରିବାକୁ ଆସିଛନ୍ତି ?

ଏଠି ଉଲ୍ଲେଖ କରିବା ଉଚିତ ମନେକରୁଛି ଯେ ମୁଁ ପ୍ରଶ୍ନଟିକୁ ଉଚ୍ଚାରଣ କରିନାହିଁ । ମନେ ମନେ ନୀରବ ରହି ପ୍ରଶ୍ନ କରିଥିଲି । ମାଧ୍ୟମ ଆଉ ଜଣେ କେହି ହୋଇଥିଲେ ହୁଏତ ପୁରୁଣା ଅଭ୍ୟାସରେ ପାଟି ଫିଟେଇ ପଚାରିଥାନ୍ତି । କିନ୍ତୁ ମୋର ମନେହୁଏ ସେ କ୍ଷେତ୍ରରେ ମଧ୍ୟ ପାଟି ଫିଟେଇବା ପ୍ରୟୋଜନ ନ ପଡ଼ିପାରେ, କାରଣ ମନରେ ପ୍ରଶ୍ନର ଉଦୟ ହେବା ମାତ୍ରେ ପ୍ରେତସତ୍ତା ହୁଏତ ତାକୁ ଦେଖିପାରନ୍ତି । ସେ ଯାହା ହେଉ ସେ ମୋ ପ୍ରଶ୍ନର ଆଂଶିକ ଉତ୍ତର ଦେଇ ଲେଖିଲେ—

"Don't play with fire"

ସେ କିଏ ବୋଲି ଜାଣିବାକୁ ମୋର ଆଉ ପ୍ରବୃତ୍ତି ହେଲାନାହିଁ । ମୁଁ ଅନୁଭବ କରିପାରୁଥିଲି ଯେ ସେ ନିଶ୍ଚୟ ମୋର କଲ୍ୟାଣ କାମନା କରୁଥିବା ମହାପୁରୁଷ ସତ୍ତା ହୋଇଥିବେ । ସେ ନିଗମାନନ୍ଦ ହୋଇଥିବେ ବୋଲି ମୋର ପ୍ରତ୍ୟୟ ହେଉଥିଲା ।

Digitized by srujanika@gmail.com

ମୁଁ ତାଙ୍କର ଇଙ୍ଗିତ ବୁଝିପାରି କହିଲି,

– ନିଆଁ ସହିତ ଖେଳ ନାହିଁ ବୋଲି କହିବାର ତାତ୍ପର୍ଯ୍ୟ ମୁଁ ବୁଝିପାରୁଛି । କିନ୍ତୁ ଏଥିରେ ବିପଦର ଆଶଙ୍କା କେଉଁଠି ? ଜୀବନରେ ଆପଣଙ୍କୁ ସ୍ୱଚକ୍ଷୁରେ ଦେଖିବାର ଅଥବା ଆପଣଙ୍କ ପାଖରୁ ପ୍ରତ୍ୟକ୍ଷ ଉପଦେଶ ପାଇବାର ସୌଭାଗ୍ୟ ଯେ ହେତୁ ନାହିଁ, ଏପରି ଏକ ମାଧମରେ ମହାପୁରୁଷ ସଂଶ୍ରବ ଲାଭ କରିବାରେ ଅସୁବିଧା କ'ଣ ? ବରଂ ଆପଣ ଆସୁଥିବାରୁ ସବୁ ପ୍ରକାର ବିପଦ ବାରଣ ହୋଇଯାଉଛି ବୋଲି ମୋର ଧାରଣା । ଆପଣ କାହିଁକି ଆପଣଙ୍କ ସାନ୍ନିଧ୍ୟରୁ ଆମକୁ ବଞ୍ଚିତ କରିବାକୁ ଆଦେଶ ଦେଉଛନ୍ତି ?

ଏ ସମସ୍ତ ଯୁକ୍ତି ଅଭିଳାଷ ଅଭିଯୋଗ ପ୍ରତି ଆଦୌ ଦୃଷ୍ଟି ନ ଦେଲା ପରି ସେ ଏଥର ଓଡ଼ିଆରେ ଲେଖିଲେ –

– କୃତ୍ୟଙ୍ଗ କର ନାହିଁ ।

ମୁଁ କୃତ୍ୟଙ୍ଗ ଶବ୍ଦର ଅର୍ଥ ବୁଝି ପାରିଲି ନାହିଁ । ସେପରି ଏକ 'ଶବ୍ଦ' ଅଛି ବୋଲି ମୋର ଧାରଣା ନଥିଲା । ମୁଁ ତେଣୁ ସ୍ପଷ୍ଟୀକରଣ ପାଇଁ ପଚାରିଲି –

– କୃତ୍ୟଙ୍ଗ କ'ଣ ?

ସେ ମୋର ଅଜ୍ଞତାକୁ କ୍ଷମା କଲା ପରି ମୁଁ ବୁଝିପାରିବା ଶବ୍ଦଟିଏ ଲେଖିଦେଲେ –

Clairvoyance

ମୋଟ ଉପରେ ପ୍ରେତସତ୍ତାମାନଙ୍କୁ ଡାକିବା ଏବଂ ସେମାନଙ୍କ ମାଧ୍ୟମ ହେବା ଉପାୟ ପ୍ରୟୋଗ ନ କରିବାକୁ ସେ ମୋତେ ବାରମ୍ବାର କହୁଥିଲେ । ସେତେବେଳେ ମୋତେ ଲାଗୁଥିଲା ଯେ ମୋତେ ଏକ ଅପୂର୍ବ ସୁଯୋଗରୁ ସେ ବଞ୍ଚିତ କରିବାକୁ ଚାହୁଁଛନ୍ତି । ମୋ ମନରେ ଯେଉଁ ଭୟ ଦେଖାଦେଇଥିଲା ତାହା ସେତେବେଳକୁ ଚାଲିଯାଇଥିଲା । ମୁଁ ବରଂ ବୁଝିପାରୁ ନ ଥିଲି ସେ କାହିଁକି ସେପରି ବାରଣ କରୁଥିଲେ । ସେଥିରେ କ'ଣ ଅସୁବିଧା ହେଉଥିଲା !

ମୋ ମନ କଥା ବୁଝିପାରିଲା ଭଳି ସେ ଲେଖିଲେ –

Preta may come to mix in you –

କେଉଁ ପ୍ରେତସତ୍ତା ଆସିବ ଏବଂ କାହିଁକି ଆସିବ ?

– ଯେଉଁମାନେ ମୁକ୍ତ ନୁହନ୍ତି ।

ଏଠି ବିଷୟଟି କିଛି ମାତ୍ରାରେ ବୁଝି ହେଲା ପରି ଲାଗିଲା । ତେବେ ପ୍ରେତସତ୍ତାମାନଙ୍କ ଭିତରେ ମୁକ୍ତ ଅମୁକ୍ତ ଫେର କ'ଣ ? ଯେଉଁମାନେ ମୁକ୍ତ ସେମାନେ ଏ ଜଗତ ସହିତ କାହିଁକି ଓ କିପରି ବା ସଂପର୍କ ରଖିବେ ? ବରଂ ଯେବେ ଆସିବେ ସେମାନେ ସେଇ ଅମୁକ୍ତ ସତ୍ତା ହିଁ ହେବା ବେଶି ଯୁକ୍ତିସଙ୍ଗତ ମନେହେଉଛି । ତା ପରେ ମୋ ଭିତରେ ମନକୁ ମନ ସମାଧାନ ହେଲା ଭଳି ଲାଗିଲା । ଯଦି ଅମୁକ୍ତ ସତ୍ତା ହିଁ ଏ

Digitized by srujanika@gmail.com

ମାଧ୍ୟମରେ ଆସିବେ ତା'ହେଲେ କ'ଣ ନିଗମାନନ୍ଦ ଅମୁକ୍ତ ? ତା' ଯେହେତୁ ସମ୍ଭବ ନୁହେଁ କ'ଣ ଗୋଟାଏ ଆଉ ରହସ୍ୟ ରହିଯାଉଛି ଯାହା ଠିକ୍ ବୁଝି ହେଉ ନାହିଁ । ଧରାଯାଉ ଅମୁକ୍ତ ସତ୍ତା ଅଛନ୍ତି ଯେଉଁମାନେ ହୁଏତ ନାନା ପ୍ରକାର ଭୌତିକ ବ୍ୟାଘାତ କରନ୍ତି । ସେମାନେ କ'ଣ ଆମ ପାଖକୁ ଆସିବେ ? ଏଠି ପରା ଏକ ଦିବ୍ୟ ଆଲୋକ ଥିବାର ସେମାନଙ୍କୁ ଦେଖାଯାଉଛି ? ଯା ଭିତରକୁ ସେ ଅମୁକ୍ତ ସତ୍ତାମାନେ କ'ଣ ଆସିପାରିବେ ?

ମୋ ମନର ପ୍ରଶ୍ନକୁ ଉତ୍ତର ଦେବାକୁ ସେ ଲେଖିଲେ

—ଆସିବେ ଯଦି ତୁମେ କୃତ୍ୟଙ୍କ ଗ୍ରହଣ କରିବ ।

ଆଦେଶ ଅତ୍ୟନ୍ତ ସ୍ପଷ୍ଟ । ମୋର ମନେପଡ଼ିଲା ଥରେ ଏମିତି ପ୍ରଶ୍ନୋତ୍ତର ଛଳରେ ସେ କହିଥିଲେ ଯେ ସେମାନେ ସାତଜଣ ସବୁବେଳେ ଘେରିରହିଥିବାରୁ ଆମେ ଯେତେ ଖୋଲା ରହିଥିଲେ ମଧ୍ୟ କୌଣସି ଦୁଷ୍ଟ ଶକ୍ତି ଆସି ଆମକୁ ଅଧିକାର କରିପାରିନାହିଁ । ସେମାନେ ହୁଏତ ସେପରି ନିରାପତ୍ତା ଆଉ ନ ଦେଇ ପାରନ୍ତି, ଏଣୁ ସତର୍କ କରିଦେଲେ । ତେଣିକି ନିଷ୍ପତ୍ତି ମୋର ଏବଂ ସେଥିରେ ବିପଦ ଆପଦ ପାଇଁ ମୁଁ ହିଁ ଦାୟୀ ।

ଏ ସମସ୍ତ ବିଚାର କରି ମୁଁ ସ୍ଥିର କଲି ଯେ ଆଉ ସେ ଖେଳ ଖେଳିବି ନାହିଁ । ଯାହା ହେଲା ତେର ହେଲା, ଆଉ ନୁହେଁ । ଅବଶ୍ୟ ମୁଁ ବିନା ଦ୍ୱିଧାରେ ସ୍ୱୀକାର କରୁଛି ଯେ ମୋ ସ୍ଥାନରେ ଆଉ କେହି ଥିଲେ ହୁଏତ ଏତେ ସହଜରେ ଛାଡ଼ି ଦେଇ ନଥାନ୍ତା । ନିର୍ଭୀକ ଭାବରେ ତା' ଭିତରେ ଆହୁରି ଆହୁରି ପ୍ରବେଶ କରିବାରେ ପ୍ରାଣପାତ କରିଦେଇଥାନ୍ତା ବରଂ ଛାଡ଼ି ନଥାନ୍ତା । ମୋର ନିଶ୍ଚୟ ସେପରି ସତ୍‌ସାହସ ନାହିଁ । ମୁଁ ଜାଣେ ଏମିତି ବିଷୟରେ ହାତ ଦେଇ ଅନେକ ତାଙ୍କର ମାନସିକ ଭାରସାମ୍ୟ ହରେଇଛନ୍ତି, କେତେକ ହୁଏତ ମରି ମଧ୍ୟ ଯାଇଛନ୍ତି । ଏହା ବାସ୍ତବରେ ନିଆଁ ସଙ୍ଗେ ଖେଳିଲା ଭଳି ଏକ ବିପଦସଂକୁଳ କାର୍ଯ୍ୟ । ମୁଁ ଠିକ୍ ସମୟରେ ଛାଡ଼ି ଦେଇ ପାରିଥିବାରୁ ନିରାପଦ ଅଛି । ସେଥିପାଇଁ ଅବଶ୍ୟ ସେ ଦାୟୀ । ସେ ସତର୍କ ନ କରିଥିଲେ କ'ଣ ହୋଇଥାନ୍ତା କେଜାଣି ?

Digitized by srujanika@gmail.com

।। ୧୩ ।।

ସେ ସତର୍କ କରି କହିଲେ, 'ନିଆଁ ସହିତ ଖେଳନାହିଁ' । ସେଥିରେ ବହୁ ଅଜ୍ଞାତ ବିପଦ ଥିବାର ସୂଚନା ଏଥିରୁ ନିଶ୍ଚୟ ମିଳୁଥିଲା । କିନ୍ତୁ ଏହା ନ ଜାଣି ଯେଉଁମାନେ ସେଥିରେ ପ୍ରବେଶ କରିଯାଇଛନ୍ତି, ସେମାନଙ୍କର ଅନେକ ଅନିଷ୍ଟ ହୋଇଥିବାର ଖବର ମିଳେ ।

କୌଣସି ଗୁରୁଜନ ରାଣପକାଇ ଗୋଟିଏ ଅତି ପ୍ରିୟ, ରୋମାଞ୍ଚକର ଏବଂ ଅଶେଷ ସମ୍ଭାବନାମୟ କାର୍ଯ୍ୟରୁ ବାରଣ କଲାଭଳି ଲାଗିଲା, ଯେଉଁଦିନ ସେ ପ୍ରେତଭୂମି ସହିତ ସମ୍ପର୍କ ନ ରଖିବାକୁ କହିଲେ । ଅଠରବର୍ଷ ପରେ ମୁଁ ନିଶ୍ଚୟ ଅନୁଭବ କରୁଛି, ସେ ପରମ ଶୁଭାକାଂକ୍ଷୀ ଏବଂ କାରୁଣିକ ସତ୍ତା ମୋତେ ଅନେକ କିଛି ଦେଲା ପରେ କାହିଁକି ମୋ ହିତ ଦୃଷ୍ଟିରୁ ସେଥିରୁ ଓହରି ଯିବାକୁ କହିଥିଲେ ? ମୁଁ ତାଙ୍କୁ ଅବଜ୍ଞା କରିପାରିଲି ନାହିଁ । କରିଥିଲେ କ'ଣ ହୋଇଥାନ୍ତା କହିପାରୁନାହିଁ । ବୋଧହୁଏ ସେ ଅଜ୍ଞାତ ପ୍ରବଳ ଶକ୍ତିଶାଳୀ ପ୍ରେତସତ୍ତାମାନଙ୍କ ହାତରେ ମୁଁ ଏକ କ୍ରୀଡ଼ନକ ହୋଇଯାଇଥାନ୍ତି । ସେମାନଙ୍କୁ ଧାରଣ କରି ନପାରି ମୁଁ ହୁଏତ ମୋର ଭାରସାମ୍ୟ ହରାଇଥାନ୍ତି, ଅଥବା ଏପରି କିଛି କାର୍ଯ୍ୟ କରିବାକୁ ସେମାନେ ମୋତେ ବାଧ୍ୟ କରିଥାନ୍ତେ, ଯେଉଁଥିରେ ମୋର ଏବଂ ମୋ ପରିବାରର ଘୋର ଅମଙ୍ଗଳ ହୋଇଥାନ୍ତା । ଏଣୁ ଭାବୁଛି, ଯଥା ସମୟରେ ମୋତେ ସେ ରକ୍ଷା କରି ଦେଇଥିବାରୁ ଆମେ ତ୍ରାହି ପାଇଗଲୁ । ମୋ ପାଖକୁ ଯା ଭିତରେ ଅନେକେ ଲେଖିଛନ୍ତି ପ୍ଲାଞ୍ଚେଟ କିମ୍ବା ପ୍ରେତଲେଖରେ ମାଧ୍ୟମ ହେବାପାଇଁ । ମୁଁ ସେମାନଙ୍କୁ କେବଳ ସେହି ଗୋଟିଏ ବାକ୍ୟ ସ୍ମରଣ କରାଇ ଦେବାକୁ ଚାହେ-"Don't play with fire".

ତେବେ ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ ସେ ଭିତରେ ପୁଣି ପ୍ରବେଶ କରିବାକୁ ମୋର ପ୍ରବଳ ଲୋଭ ହୋଇଥିଲା । ହୁଏତ ଅନେକ ସମ୍ଭାବନା ଥିଲା । ସେ ଅଜ୍ଞାତ ରାଜ୍ୟ ବିଷୟରେ ମୂଲ୍ୟବାନ ତଥ୍ୟ ସଂଗ୍ରହ କରିପାରିଥାନ୍ତି; ହେଲା ନାହିଁ । ଲିଭିଂଷ୍ଟୋନ ଆଫ୍ରିକା ମହାଦେଶର ତିମିରାଚ୍ଛନ୍ନ ଗର୍ଭଭୂମିରେ ପ୍ରବେଶ କଲାପରି ମୋର ସାହସ ବା ସାମର୍ଥ୍ୟ ନଥିବାରୁ କିଛି ପରିମାଣରେ ଆତ୍ମଧିକ୍କାର ମଧ୍ୟ ସହିଛି, ଖୁବ୍ ଯୁକ୍ତି କରିଛି ଏବଂ ନିଜକୁ ବୁଝାଇବାକୁ ଚେଷ୍ଟା କରିଛି ଉଭୟ ପକ୍ଷରୁ ।

କିନ୍ତୁ ତା'ପରେ ପରେ ଘଟଣା ବି ଘଟି ଚାଲିଛି । ଭୂ-ଯାଇଛି ଦିଲ୍ଲୀକୁ ପାଠ ପଢ଼ିବା ପାଇଁ । କୁବିଳି ହଲ୍‌ରେ ଜାଗା ପାଇବା ପୂର୍ବରୁ କିଛିଦିନ ତିମାରପୁରରେ ରହୁଥାଏ ।

Digitized by srujanika@gmail.com

ସେ କହିବା ଅନୁସାରେ ତାକୁ ଅନେକ ସମୟରେ ସେଇ ବିଚିତ୍ର ପ୍ରକାରର ଅସୁସ୍ଥତା ଅନୁଭବ ହେଉଥାଏ । ଖୁବ୍ ତୀବ୍ର ଇଚ୍ଛା ହେଉଥାଏ ମାଧ୍ୟମ ହୋଇଯିବାକୁ । କିନ୍ତୁ ସେ ରାଣ ଲଂଘନ କରି ନାହିଁ । ତେବେ ତାକୁ କିଛି ମାତ୍ରାରେ ହଇରାଣ ହେବାକୁ ପଡ଼ିଛି । ଦିନେ ହଠାତ୍ ରାତିରେ ତାର ନିଦ ଭାଙ୍ଗିଯାଇଚି । ବାହାରେ ପୂଜା ପୂର୍ବର ଶରଦାକାଶରେ ଜହ୍ନ । ସେ କିନ୍ତୁ ଆଚ୍ଛନ୍ନ ଅନୁଭବ କରିଛି ଏବଂ ପ୍ରାୟ Sleep walking (ନିଦରେ ଚାଲିବା) ଭଳି ଛାତକୁ ଉଠିଯାଇଛି । ସେଇଠି ସେ ଜହ୍ନ ଆଲୁଅରେ ଦେଖୁଛି ଶୁଖିଲା ପତ୍ରଗୁଡ଼ିଏ ଏକାଠି ଭଉଁରିକାଟି ଜମା ହୋଇ ଯାଉଛନ୍ତି, ଯଦିବା ସେତେବେଳେ ପବନ ଜମା ବହୁନାହିଁ । ସେ ପତ୍ରଗୁଡ଼ିକୁ ଚାହିଁ ଠିଆ ହୋଇ ରହିଛି । ତାର ଇଚ୍ଛା ହେଉଛି ସେ ପାଖକୁ ଯିବା ପାଇଁ । ଏତିକିବେଳେ ତା ସାଙ୍ଗରେ ରହୁଥିବା ପିଲାଟି ତାକୁ ତା ଖଟ ଉପରେ ନ ଦେଖି ଖୋଜି ଖୋଜି ଛାତରେ ପହଞ୍ଚିଛି ଏବଂ କିଛି ଘଟିବା ପୂର୍ବରୁ ତାକୁ ଡାକିଦେଇଛି । ରାତି ସେତେବେଳକୁ ଅଢ଼େଇଟା । ସେମିତି ରାତିରେ ଉଠିବା ଭୂ-ର ଆଦୌ ଅଭ୍ୟାସ ନୁହେଁ । ଛାତକୁ ସେ ଜମା ଯାଏ ନାହିଁ ଏବଂ ପଦାର୍ଥବିଜ୍ଞାନର ବେଶ୍ ଭଲ ଛାତ୍ର ଭାବରେ ସେ ଏ ସମସ୍ତ ବ୍ୟାପାରକୁ ଅବିଶ୍ୱାସର ଆଖିରେ ଦେଖେ ।

ତା' ଆରଦିନ ଅତି ଅପ୍ରତ୍ୟାଶିତ ଏବଂ ବିସ୍ମୟକର ଭାବରେ ତାର ତିନିଶହ ଟଙ୍କା କୁଆଡ଼େ ଗଲା ଜଣା ପଡ଼ିଲା ନାହିଁ । ହୁଏତ ତଦ୍ୱାରା ସେ ତାର ସନ୍ଧାନ ପାଇବାକୁ ପ୍ରେତଲେଖର ସାହାଯ୍ୟ ନେବା ପାଇଁ ପ୍ରଲୁବ୍ଧ ହୋଇଥାନ୍ତା କିମ୍ବା ସେ ପ୍ରବୃତ୍ତିକୁ ପ୍ରତିରୋଧ କରିଥିବାରୁ ଏମିତି ଅର୍ଥଦଣ୍ଡ ଭୋଗିଥାନ୍ତା । ସେ ଖୁବ୍ ଦୃଢ଼ତାର ସହିତ ସେ ସେଇ ପ୍ରଚ୍ଛନ୍ନ ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରିଥିଲା ।

ମୁଁ ଏ ସବୁ ଶୁଣିଲା ପରେ ବିଚଳିତ ବୋଧକଲି ଏବଂ କାଳ ବିଳମ୍ବ ନକରି ତାକୁ ଖବର ଦେଲି ସେ ଜାଲରେ ଆଉ ଧରା ନ ଦେବାକୁ ।

ମୋର ମନେହେଲା ଯେ ଆମମାନଙ୍କୁ ଅନୁକୂଳ ମାଧ୍ୟମ ଲକ୍ଷ୍ୟ କରି ପ୍ରେତଜଗତରେ ଅନେକ ସତ୍ତା ହୁଏତ ଆମକୁ ବ୍ୟବହାର କରିବାକୁ ଚେଷ୍ଟାକରୁଥିଲେ । କିନ୍ତୁ ମଣିଷର ସଂକଳ୍ପ ବିରୁଦ୍ଧରେ ତାର ଶରୀର ଏବଂ ମନ ବ୍ୟୂହକୁ ଭେଦ କରିବାକୁ ପ୍ରେତସତ୍ତା ସୁଦ୍ଧା ଅସମର୍ଥ । ସାଧାରଣରୁ ସାଧାରଣ ମଣିଷଟିଏ ମଧ୍ୟ ସେଇଥିପାଇଁ ଭୌତିକ ପ୍ରାଦୁର୍ଭାବରୁ ମୁକ୍ତରହିଥାଏ । ଏ ଘଟଣାର କିଛି ଦିନ ପରେ ମୋର ବଡ଼ ଭାଇ ଆମ ପାଖରେ ଆସି ପହଞ୍ଚିଥାନ୍ତି । ମାନ୍ୟତା ଦୃଷ୍ଟିରୁ ଆମେ ତାଙ୍କ ପାଇଁ ସେଇ ବୈଠକଘରେ ଶୋଇବା ବ୍ୟବସ୍ଥା କରିଥାଉ । ରାତି ପ୍ରାୟ ଦଶଟା ବେଳକୁ ଆମେ ଯେ ଯାହା ବଖରାକୁ ଚାଲିଗଲୁ ଏବଂ ଭାଇନା ସେଇଠି ଶୋଇଲେ । ସେ ମୋତେ ରାତିରେ ଉଠାଇବା ଉଚିତ ମଣିନାହାନ୍ତି । କିନ୍ତୁ ସାରା ରାତି ସେ ଅସାଧାରଣ ପରିସ୍ଥିତିରେ କେବଳ ଇଷ୍ଟମନ୍ତ୍ର ଜପି ଜପି ବିତେଇଥାନ୍ତି ।

Digitized by srujanika@gmail.com

ଭୋରବେଳକୁ ମୁଁ ସାଧାରଣତଃ ଉଠିଯାଏ । ଆସି ଦେଖିଲାବେଳକୁ ସେ ସୋଫା ଉପରେ ଖୁବ୍ କ୍ଲାନ୍ତ ହେଲାପରି ବସିଛନ୍ତି ।

ସୋଫା ଟେବୁଲ ଉପରେ ଧୂପକାଠି ଜୁହୁଳୁଛି । ମୁଁ ପ୍ରଥମେ ଭାବିଲି ଏବଂ ଖୁସି ହେଲି ଯେ ଯାହାହେଉ ଭାଇନା ଖୁବ୍ ରାତିରୁ ଉଠି ଗାଧୁଆ ପାଧୁଆ ସାରି ପୂଜାପାଠ କରୁଛନ୍ତି । କିନ୍ତୁ ଯାହା ଶୁଣିଲି ସେଥିରେ ମୋର ହାତ ଗୋଡ଼ରୁ ଜିଅ ଛାଡ଼ିଗଲା ପରି ଲାଗିଲା । ବିବରଣୀଟି ଏହିପରି-

ରାତି କେତେ ହେବ କେଜାଣି— ଭାଇନାଙ୍କ ନିଦ ଭାଙ୍ଗିଗଲା । ସେ ବାହାର କବାଟ ଫିଟେଇ ବାହାରକୁ ପରିସ୍ରା କରିବାକୁ ଗଲେ । (ଏଇ ଦୁଆର ବାଟେ ଭୂ- ସେ ଦିଗମ୍ବର ପୁରୁଷକୁ ବାହାରିଯିବା ଦେଖିଥିଲା— ପୂର୍ବ ପ୍ରକାଶିତ ବିବରଣୀ ।) ଘରର ପୂର୍ବ ପଟେ ତିନିଟା ଆମ୍ବଗଛ । ତା ପଛକୁ ପ୍ରଶସ୍ତ ବାଡ଼ି । ବାହାର ଲାଇଟ ଜଳୁଥାଏ । ଜହ୍ନ ବି ପଡ଼ିଥାଏ । ସେ ପରିସ୍ରା କରି ଉଠିଲାବେଳକୁ ଦେଖିଲେ ଯେ ପାଇଜାମା ଗେଞ୍ଜି ପିନ୍ଧି ମୁଁ ବାଡ଼ି ଭିତରେ ଠିଆହୋଇଚି ।

ସେ ଭାବିଲେ ବୋଧହୁଏ ସକାଳ ପାହିଗଲାଣି ଏବଂ ମୁଁ ପାହାନ୍ତିଆରୁ ଉଠି ବଗିଚା କାମ କରୁଛି । ସେ ମୋ ନାଁ ଧରି ଡାକିଲେ ଏବଂ ଉତ୍ତର ନପାଇ ସେଇ ଆଡ଼କୁ ଗଲେ । ସେଇଠି ଗାଧୁଆଘରର ପାଣି ଜମାହେଉଥିବା କୁଣ୍ଡ । ତା' ପାଖକୁ ବାହାର ପାଇଖାନା । ସେଇଠି ତଳକୁ ଚାହିଁ ନାଳ ଡେଇଁବା ପରେ ସେ ଦେଖନ୍ତି ତ ମୁଁ ନାହିଁ । ସେ ଭାବିଲେ ଯେ ବୋଧହୁଏ ମୁଁ ପାଇଖାନାକୁ ଚାଲିଗଲି । ସେ ବୈଠକ ଘରକୁ ଫେରିଆସିଲେ । ମନେ ମନେ କୁଆଡ଼େ ମୋ ଉପରେ ବିରକ୍ତ ହେଲେ— ଏତେ ରାତିରୁ ଉଠି ଗୁଡ଼ାଏ ବଗିଚା କାମ କରିବାର ଅର୍ଥ କ'ଣ ! ସେ ଟେବୁଲ୍ ଉପରୁ ଘଣ୍ଟା ନେଇ ଦେଖିଲାବେଳକୁ ରାତି ଗୋଟାଏ ପଇଁଚାଳିଶ । ତାଙ୍କୁ ହାଉ କିନା ଲାଗିଲା । ଘଣ୍ଟା କାଲେ ବନ୍ଦହୋଇଥିବ ବୋଲି ସେ ତାକୁ କାନ ପାଖରେ ଶୁଣିଲେ । ତାପରେ ତାଙ୍କୁ ଖୁବ୍ ଡରମାଡ଼ିଲା— ଆଉ ନିଦ ହେଲାନାହିଁ । ସେ ଜାଫ୍ରି ବାଟେ ସେଇ ଆମ୍ବଗଛ ସନ୍ଧାରେ ବାରମ୍ବାର ଚାହିଁଲେ ।

ତାଙ୍କୁ ସେ ବୈଠକଘରଟା ମଧ୍ୟ ମଡ଼େଇ ପଡ଼ିଲା ପରି ଲାଗିଲା । ଆଉ କିଏ ସେଇଠି ବିଚରଣ କଲାପରି ଲାଗିଲା । ସେ ତା'ପରେ ଆଲୁଅ ଜାଳି ଦୁର୍ଗା ସ୍ତୋତ୍ର ବୋଲିଲେ, ଧୂପ ଲଗେଇଲେ ଏବଂ ଏମିତି ଏମିତି ରାତିପାହିଗଲା । ପ୍ରକାଶ ଥାଉ କି, ସେ ଆମର ପ୍ଲାଞ୍ଚେଟ କଲ୍ ବା ଅନ୍ୟାନ୍ୟ ପରୀକ୍ଷା ବିଷୟ କିଛି ଜାଣିନଥିଲେ । ମୁଁ ତାଙ୍କ ସହିତ ଯୁକ୍ତି କରି ବୁଝାଇବାକୁ ଚେଷ୍ଟା କଲି ଯେ ସେ ବୋଧହୁଏ ଛାଇ ଆଲୁଅରେ ସେମିତି ଗୋଟାଏ ଭ୍ରମ ଦେଖିଥାଇପାରନ୍ତି— ଯଦିବା କୌଣସି ପ୍ରେତସତ୍ତା ଦେଖିଥାନ୍ତି ସେ କୌଣସି କ୍ଷତି କଲାଭଳି ସତ୍ତା ନୁହେଁ । ଆମେ ସେମାନଙ୍କ ସହିତ ଚଳପ୍ରଚଳ ହେଉଛୁ । କଥାବାର୍ତ୍ତା ହେଉଛୁ ପ୍ଲାଞ୍ଚେଟ୍‌ରେ । ସେ ଆଶ୍ୱସ୍ତ ହେଲେ ନିଶ୍ଚୟ । କିନ୍ତୁ

Digitized by srujanika@gmail.com

ସେଇଦିନ ହିଁ ଫେରିଗଲେ ଉପରଓଳି ।

ଭାଇନାଙ୍କୁ କିମ୍ବା ଭୂ-କୁ ଅବିଶ୍ୱାସ କରିବାର କାରଣ ମୋ ପାଇଁ କିଛି ନାହିଁ । ହୋଇପାରେ ଭାଇନାଙ୍କର ସେପରି ଭ୍ରମ ହୋଇଥାଇପାରେ । ହୋଇପାରେ ଭୂ-କୌଣସି ଅସାଧାରଣ ମାନସିକତାରେ ଛାତକୁ ଚାଲିଯାଇଥିଲା ଏବଂ ହୁଏତ ତିନିଶହ ଟଙ୍କା କୋଉଠି ତା ଅଜ୍ଞାତସାରରେ ପଡ଼ିଯାଇଥିଲା କିମ୍ବା କିଏ ନେଇଯାଇଥିଲା ।

ଏସବୁ ଠିକ୍ ଏବଂ ସମ୍ଭବ । କିନ୍ତୁ ଯାର ବିକଳ୍ପ ମଧ୍ୟ ସତ୍ୟହୋଇପାରେ । ଭାଇନା ହୁଏତ ସତକୁ ସତ କୌଣସି ପ୍ରେତସତ୍ତାକୁ ହିଁ ସାକ୍ଷାତ୍ ଦେଖିଥିଲେ ।

ହୁଏତ ତାଙ୍କୁ ବିଶେଷ ଭୟଭୀତ ନକରିବା ପାଇଁ ସେ ମୋର ରୂପ ସାମ୍ୟ ଗ୍ରହଣ କରିଥିଲା । ପ୍ରଶ୍ନ ଉଠୁଛି– କାହିଁକି ସେପରି କରିଥିଲା ? ସେମାନେ କ'ଣ କାମରୂପୀ ? ତା'ମାନେ ସେମାନେ କ'ଣ ଯାହା ମନ ତାହାର ରୂପ ଗ୍ରହଣ କରିପାରିବେ ? ସେ ବୋଧହୁଏ ଖୁବ୍ ନିରୀହ ଭାବରେ ତା ନିଜ ଢଙ୍ଗରେ ସୂଚନା ଦେଉଥିଲା ଯେ ସେ ସେଇଠି ଅଛି, ଅପେକ୍ଷା କରିଛି, ଆମେ ଚାହିଁଲେ ଆସିବ । ଭୂ-କୁ ସେ ହୁଏତ ପ୍ରଲୁବ୍ଧ କରୁଥିଲା । ଛାତକୁ ନେଇଯାଇଥିଲା, ସେଇଠି ତା ଆଗରେ ପ୍ରକଟ ହେବା ପାଇଁ ବା ଆଉ କିଛି ଅନିଷ୍ଟ କରିବା ପାଇଁ । ଯେଉଁ ସତ୍ତା ଗଙ୍ଗାମୃତ, ଦହି, ଚିନି ଗ୍ରହଣ କରିପାରେ, ସେ ତିନିଖଣ୍ଡ ଶହେଟଙ୍କିଆ ନୋଟ ସ୍ଥାନାନ୍ତରିତ କରିଦେବା ବିଚିତ୍ର ନୁହେଁ ।

ମୋଟ ଉପରେ ଆମ ଉପରେ ଖୁବ୍ ଚାପ ପଡୁଥିଲା ଆଉଥରେ ପ୍ରେତସତ୍ତାଙ୍କ ପାଇଁ ଦ୍ୱାର ଉନ୍ମୁକ୍ତ କରିବା ପାଇଁ । କିନ୍ତୁ ଆମେ ଦୃଢ଼ ରହିଲୁ । ସବୁବେଳେ ସ୍ମରଣ କରୁଥିଲୁ ଗୁରୁବାକ୍ୟ ପରି ସେ ସତର୍କବାଣୀ–"Don't play with fire."

Digitized by srujanika@gmail.com

॥ ୧୪ ॥

ଅନ୍ୟାନ୍ୟ ସାଧାରଣ ସମ୍ପର୍କ ପରି ପାରଲୌକିକ ସମ୍ପର୍କ ମଧ୍ୟ ସ୍ଥାପନ କରିବା ଅଥବା ଛିନ୍ନ କରିବା ସହଜ ନୁହେଁ । ମୋତେ ସତର୍କ କରିଦେଲା ପରେ ମୁଁ ଆଉ ପ୍ଲାଞ୍ଚେଟ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ପ୍ରେତସତ୍ତାମାନଙ୍କୁ ଡାକିଲି ନାହିଁ ସତ, କିନ୍ତୁ ମୋତେ ସୂଚନା ମିଳୁଥିଲା ଯେ ହୁଏତ ପ୍ରେତସତ୍ତାମାନେ ହିଁ ଚାହୁଁଥିଲେ ସମ୍ପର୍କ ରକ୍ଷା କରିବା ପାଇଁ । ସେଥିପାଇଁ ସେମାନେ ନାନା ଉପାୟରେ ମୋତେ ଆକୃଷ୍ଟ କରିବାକୁ ଚେଷ୍ଟା କରୁଥିଲେ । ମୁଁ ଦୃଢ଼ତାର ସହିତ ସେଥିରୁ ନିଜକୁ ମୁକ୍ତରଖିଥିଲି । କିନ୍ତୁ କିଛିଦିନ ମୋତେ ସଂଘର୍ଷ କରିବାକୁ ପଡ଼ିଥିଲା ।

ମୁଁ କ୍ରମଶଃ ଅନୁଭବ କରୁଥିଲି ଯେ ମୁଁ ସେମାନଙ୍କୁ ଛାଡ଼ିଦେଲେ ସୁଦ୍ଧା ସେମାନେ ମୋତେ ଛାଡୁ ନଥିଲେ । ତେବେ, ସେପରି କୌଣସି ଭୌତିକ କାଣ୍ଡ ଘଟୁ ନଥିଲା– ସବୁ ସାମାନ୍ୟ ଏବଂ ସ୍ୱାଭାବିକ ଚାଲିଥାଏ ।

ମୁଁ କିନ୍ତୁ ନିରୋଳା ବସିଥିବା ସମୟରେ ସେଇ ନିର୍ଦ୍ଦିଷ୍ଟ ପ୍ରକାରର ଅସୁସ୍ଥତା ଅନୁଭବ କରୁଥାଏ । ଖୁବ୍ ତୀବ୍ର ଇଚ୍ଛା ହେଉଥାଏ କଲମ ଧରି ପ୍ରେତଲେଖ ପାଇଁ ବସିଯିବି । କିନ୍ତୁ ସତର୍କବାଣୀ ମନେପଡ଼ିଯାଉଥାଏ– ନିଆଁ ସାଙ୍ଗରେ ଖେଳ ନାହିଁ । ମୁଁ ଶଙ୍କିଯାଉଥାଏ ଏବଂ ସେଥିରୁ ଚେଷ୍ଟା କରି ମନ ଓହରାଇ ନେଉଥାଏ ।

ଦିନେ ମୋତେ ସନ୍ଧ୍ୟା ଟ୍ରେନ୍‌ରେ ଯିବାର ଥାଏ । ମୁଁ ଠିକ୍ ସମୟରେ ଯାଇ ପହଞ୍ଚିଲି ଏବଂ ଟ୍ରେନ୍ ଛାଡ଼ିଦେଲା । ଦୈବାତ୍ ମୋର ପ୍ରଥମ ଶ୍ରେଣୀ ଡବାଟିରେ ଆଉ କେହିହେଲେ ପାସେଞ୍ଜର ନଥିଲେ ।

ମୁଁ କିଛି ସମୟ ପଢ଼ିଲି, କିନ୍ତୁ ମନ ଲାଗିଲା ନାହିଁ । ବାଥ୍‌ରୁମ୍‌ରୁ ଆସି ପୁଣି ପଢ଼ିବାକୁ ଚେଷ୍ଟାକଲି– ହେଲାନାହିଁ । ଖୁବ୍ ଅସୁସ୍ଥ ଲାଗିଲା । ପ୍ରବଳ ଇଚ୍ଛା ହେଲା 'Spirit Writing' ପାଇଁ । ମୋତେ ସତେବା ଆଉ କେହି ଭିତରୁ ବାଧ୍ୟ କରୁଥିଲା ।

ମୁଁ ସମ୍ଭାଳି ନପାରି ଗୋଟିଏ କାଗଜ ଉପରେ କଲମ ଧରି ବସିଲି । ସଙ୍ଗେସଙ୍ଗେ ଲେଖିବା ଆରମ୍ଭ ହୋଇଗଲା– ଆଉ ଆଗକୁ ଯାଅ ନାହିଁ । ମୋତେ ଖୁବ୍ ବିବ୍ରତ ଲାଗିଲା କିନ୍ତୁ ଚଳନ୍ତା ଗାଡ଼ିରୁ ଓହ୍ଲେଇ ଯିବା ମଧ୍ୟ ସମ୍ଭବ ନଥିଲା । ଏଣୁ ଅନ୍ତତଃ କୌଣସି ଷ୍ଟେସନ ଆସିବା ଯାଏଁ ମୁଁ ଅପେକ୍ଷା କଲି । କାହିଁକି ମୋତେ ବାରଣ କରାଗଲା ବୋଲି ପଚାରିବାରୁ ଉତ୍ତର ମିଳିଲା Danger । ମୁଁ ଖୁବ୍ ଉଦ୍‌ବିଗ୍ନ ବୋଧକଲି । କୌଣସି କଥାରେ ଆଉ ମନ ଲାଗିଲା ନାହିଁ । କବାଟ ଫିଟାଇ ମୁଁ ଓହଳି ପଡ଼ି ଚାହିଁଲି

Digitized by srujanika@gmail.com

କାଳେ କୌଣସି ଷ୍ଟେସନ ଆସିଲା ନା ନାହିଁ ଜାଣିବା ପାଇଁ । ମୁଁ ଘୁଞ୍ଚି ଆସିଲାବେଳକୁ ସାଇଁକିନା ଗୋଟାଏ ବତିଖୁଣ୍ଟ ପାରି ହୋଇଗଲା । ସେଥିରେ ମୁଣ୍ଡ ବାଡ଼େଇ ହୋଇ ଯାଇଥିଲେ ଛିନ୍ନଛତ୍ର ହୋଇଯାଇଥାନ୍ତା । ମୁଁ ଭାବିଲି ବୋଧହୁଏ ଆଗକୁ ଆଗକୁ ଆହୁରି ଅପ୍ରତ୍ୟାଶିତ ବିପଦ ମୋତେ ଅପେକ୍ଷା କରିଥିଲା ।

ତା'ପରେ ମୋ ଯାତ୍ରାର ମାତ୍ର ଅଧେ ପାରି ହୋଇଗଲାପରେ ବଡ଼ ଷ୍ଟେସନଟାଏ ପଡ଼ିଲା । ମୁଁ କାଳବିଳମ୍ବ ନକରି ଓହ୍ଲେଇଗଲି, କିନ୍ତୁ ଟିକେଟ କାଟିଥିଲି ଶେଷଯାଏଁ । ସେ ଯାହାହେଉ ମୁଁ ଓହ୍ଲେଇଗଲି । ହେଲେ ମୁଁ ଓହ୍ଲେଇଯାଇ ଯିବି କୁଆଡ଼େ ? ସେ ଷ୍ଟେସନଟା ନୂଆ ତିଆରିହୋଇଥାଏ– ଏଣୁ ସହରଠାରୁ ପ୍ରାୟ ୫।୭ କିଲୋମିଟର ଦୂର । ପ୍ଲାଟଫର୍ମରେ କିଏ ଜଣେ କହିଲା ଯେ ହୁଏତ distant signal ପାଖରେ ଷ୍ଟେସନ ମାଷ୍ଟର ଥିବେ । ତାଙ୍କର ଗାଡ଼ି ନେଇ ସେ ଆସିଛନ୍ତି । ମୁଁ ଚଞ୍ଚଳଯାଇ ତାଙ୍କୁ ଅନୁରୋଧକଲେ ସେ ନିଶ୍ଚୟ ମୋତେ ସହରଯାଏଁ ନେବାକୁ ହଁକରିବେ । ମୁଁ ତରବର ହୋଇ ରେଳଲାଇନ କଡ଼େ କଡ଼େ ଚାଲିଥାଏ । ମୋ ସାଙ୍ଗରେ ମୋ ବାକ୍ସ ଧରିଥିବା ଗୋଟିଏ କୁଲି । ମୁଁ ସେଠିକି ଯାଇ ଦେଖେ ତ କେହି ନାହାନ୍ତି ।

ବେକୁବ୍ ଭଳି ଲାଗିଲା । ଷ୍ଟେସନ ମାଷ୍ଟରଙ୍କ ଗାଡ଼ି ସେଠିକି କାହିଁକି ଆସିବ ? ତାଙ୍କର ଗାଡ଼ି ଅଛି ନା ନାହିଁ ସନ୍ଦେହ । ମନେପକାଇବାକୁ ଚେଷ୍ଟା କଲି କିଏ ମୋତେ ସେ କଥା କହିଥିଲା । ସେହି କୁଲି ସମ୍ଭବତଃ କହିଥିଲା । ମୁଁ ସେ ନିର୍ଜନ ରାତିରେ ସେଇଠି ବୋକାଙ୍କ ଭଳି ଠିଆହେଲି ।

ତା'ପରେ ଖୁବ୍ ଚିଡ଼ିଲା ପରି ସେ କୁଲିକୁ କହିଲି 'କିରେ କାହିଁ ? ଏଠିତ ଷ୍ଟେସନମାଷ୍ଟର ନାହାନ୍ତି କି ଗାଡ଼ି ନାହିଁ । ତୁ କେମିତି କହିଲୁ ଏଇଆଡ଼େ ଆସିଲେ ବୋଲି ?'

ସେ ଭାରି ନିରୀହ ସ୍ୱରରେ କହିଲା- 'ମୁଁ କି ଜାଣେ ବାବୁ ?'

—ହଉ ହଉ, ଫେରିଚାଲ । ଦେଖିବା ଯଦି ରିକ୍ସା ମିଳେ । ମୁଁ ଭୁସ୍‌ଭୁସ୍ ସେଇ ଅନ୍ଧାରରେ ପୁଣି ପ୍ଲାଟଫର୍ମ ଆଡ଼କୁ ଫେରିଲି । ମୋ ପଛେ ପଛେ ବାକ୍ସ ମୁଣ୍ଡେଇ ସେ କୁଲି ଆସୁଥାଏ ।

ଗୋଟିଏ ରିକ୍ସା ସେତେବେଳକୁ ଆସି ପହଞ୍ଚିଲା । ଖାଲି ରିକ୍ସା । ସେ ସେଇଠି ରାତିଟା ଶୋଇବ । ପାହାନ୍ତିଆ ଡାକ ଗାଡ଼ି ପାସେଞ୍ଜର ପାଇଲେ ନେଇଯିବ ।

ମୁଁ ତାକୁ କୌଣସି ପ୍ରକାରେ ଦୁଇଗୁଣ ପଇସା ଯାଚି ରାଜିକରେଇଲି ଏବଂ କୁଲିକୁ ଟଙ୍କାଟିଏ ବଢ଼େଇ ଦେଇ ଚଞ୍ଚଳ ରିକ୍ସା ଚଲେଇବାକୁ କହିଲି । ମୋର ହଠାତ୍ ମନେହେଲା ଯେ ମୁଁ ସେ କୁଲିଟାର ନମ୍ବର ଟିପି ରଖିଥିଲେ ହୋଇଥାନ୍ତା । କିନ୍ତୁ ମନକୁ ମନ ଗୋଟାଏ ସମ୍ଭାବନା ଦିଶିଯିବାରୁ ମୋ ଦେହସାରା ଶୀତକଣ୍ଟା ମାରିଗଲା । ସେ କୁଲିଟା ସତେ କିଏ ?

Digitized by srujanika@gmail.com

ମୁଁ ମୋର ଡର କାଟିବାକୁ ରିକ୍ସାବାଲା ସାଙ୍ଗରେ କଥାବାର୍ତ୍ତା କରିବାକୁ ଚାହିଁଲି । ସେ ମଝିରେ ମଝିରେ କ'ଣ ପଦେ କହିଦେଇ ରିକ୍ସା ଚଳେଇଥାଏ ।

ରାତି ପ୍ରାୟ ଦଶଟାକୁ ମୁଁ ମୋର ଅତି ମାନନୀୟ ବନ୍ଧୁଙ୍କ ଦୁଆରେ ପହଞ୍ଚିଲି । ରିକ୍ସାକୁ ବିଦାୟ କରିଦେଇ ଠିଆହୋଇଥାଏ । ରିକ୍ସାଟା ଯେଉଁଆଡୁ ଆସିଥିଲା ସେଇଆଡ଼େ ନ ଫେରି ଅନ୍ୟଆଡ଼େ ମୋଡ଼ିଗଲା । କାହିଁକି – ସେ ପରା ଷ୍ଟେସନରେ ଶୋଇଥାନ୍ତା ?

ମୋତେ ସେମାନେ ଅତି ଅପ୍ରତ୍ୟାଶିତ ଭାବରେ ସେଠାରେ ପାଇ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲେ । ଖୁସି ବି ହେଲେ । ମୁଁ କିଛି ସମୟ ପରେ ଲୁଗା ବଦଳ କରି ସୁସ୍ଥବୋଧ କଲି । ମୋ ବେଗ୍‌ରୁ ପରଟା ତରକାରି ବାହାରକରି ବନ୍ଧୁପତ୍ନୀଙ୍କୁ ଆଉ କିଛି ନ ରାନ୍ଧିବାକୁ କହିବାରୁ ସେ ଆଶ୍ଚର୍ଯ୍ୟ ହୋଇଗଲେ । ମୁଁ ତା'ପରେ ଉଭୟଙ୍କୁ ବସେଇ ସମଗ୍ର ବିଷୟଟି ଆମୂଳଚୂଳ କହିଗଲି ।

ବନ୍ଧୁ ଖୁବ୍ ଅନୁଭବୀ ଏବଂ ଈଶ୍ୱରବିଶ୍ୱାସୀ । ସେ କହିଲେ– ଆପଣଙ୍କ ଭାଗ୍ୟ ଭଲ ଆପଣ ବର୍ତ୍ତିଗଲେ । କାରଣ ମୋର ମନେହେଉଛି ଯେ ସେଇ Spirit Writing ରେ ଆପଣଙ୍କୁ ଭୁଲାଇ ସେ କ'ଣ ହୁଏତ ଅନିଷ୍ଟ କରିପାରିଥାନ୍ତା । ଆପଣଙ୍କୁ ସେ ବାଟରେ ଓହ୍ଲେଇଦେଇପାରିଲା । ଡିଷ୍ଟାଣ୍ଟ ସିଗ୍‌ନାଲ ପର୍ଯ୍ୟନ୍ତ ଚଳେଇ ନେଇପାରିଲା । ସେଇ ସମ୍ପୂର୍ଣ୍ଣ ନିଛାଟିଆ ଜାଗାରେ ଏତେ ରାତିରେ ଯାହା ମନ ତାହା ହୋଇପାରିଥାନ୍ତା । ଆମେ ସକାଳୁ ପୁଣି ଷ୍ଟେସନ ଯିବା– ଆପଣ ସେ କୁଲିକୁ ଚିହ୍ନଟ କରିପାରିବେ ?

—ନା, ମୁଁ ପ୍ରାୟ ତାକୁ ଅଳ୍ପ ଆଲୁଅରେ କିମ୍ବା ଅନ୍ଧାରରେ ହିଁ ଦେଖିଛି ।

ଏମିତି ବେକୁବ୍ କାମ ଆଉ କେବେ କରିବେ ନାହିଁ । ସେ ଆପଣଙ୍କୁ ଯେ କୌଣସି ବିପଦରେ ପକେଇପାରିଥାନ୍ତା । କିନ୍ତୁ ଆପଣ ଆପଣଙ୍କ ପୁଣ୍ୟବଳରୁ ହିଁ ବୋଧହୁଏ ବଞ୍ଚିଗଲେ ।

ମୁଁ ସତକୁ ସତ ବୋକା ବନି ଯାଉଥିଲି । ମୁଁ ବୁଝିବାକୁ ଚେଷ୍ଟାକରୁଥିଲି ନିଜକୁ । ମୁଁ ପ୍ରଥମତଃ କାହିଁକି Spirit Writing କୁ ମନ ବଳାଇଲି ? ତା'ର କାରଣ ବୋଧହୁଏ କୌଣସି ପ୍ରେତସତ୍ତା ମୋତେ ବାଧ୍ୟକରୁଥିଲା ଏବଂ ମୁଁ ସାମାନ୍ୟ ଦୁର୍ବଳ ଅନୁଭବ କଲାବେଳେ ସେ ମୋତେ ମାଧ୍ୟମ କରିନେଲା । ମୁଁ ସେ ଲେଖାକୁ କାହିଁକି ଏମିତି ବିଶ୍ୱାସ କରିଗଲି ? ତାର କାରଣ ବୋଧହୁଏ ମୋ ଭିତରେ ପ୍ରତିବାଦ କରିବା ଶକ୍ତି ଲୋପ ପାଇଯାଇ ଥିଲା । ସେ କମ୍ପାର୍ଟମେଣ୍ଟରେ ମୁଁ ଏକାକୀ ଯାଉଥିବା, ରାତି ସମୟ ହୋଇଥିବା ଏବଂ ବାରମ୍ବାର ବିପଦ ପଡ଼ିବା କଥା ସେ ଲେଖୁଥିବାରୁ ମୁଁ ନିଶ୍ଚୟ ଭୟ ପାଇଯାଇଥିଲି । ଅଧାବାଟରେ ଓହ୍ଲେଇ ଗଲା ପରେ ମୁଁ ପ୍ରାୟ ତା'ର ଆୟତ୍ତକୁ ହିଁ ଆସିଗଲି । ତେଣିକି ସେ ମୋତେ ଯେଉଁଆଡ଼େ ଇଚ୍ଛା ସେଇଆଡ଼େ ନେଇପାରିଥାନ୍ତା ।

Digitized by srujanika@gmail.com

ଯଦି ସତକୁ ସତ ସେ କୁଲିଟି ଆଉ କିଏ ସେଥିରେ ବିସ୍ମିତ ହେବାର କିଛି ନାହିଁ । ଏହିପରି ପ୍ରେତସତ୍ତା ବିଷୟରେ ଅନେକ କଥା ଶୁଣିବାକୁ ମିଳେ ।

କିନ୍ତୁ ଖୁବ୍ ସମ୍ଭବ ସେ ସେଇ ଷ୍ଟେସନର ହିଁ ନମ୍ବରଦାର କୁଲି । ମୋତେ ସାହାଯ୍ୟ କରିବାକୁ ସେ ଚେଷ୍ଟାକରିଥିଲା । ହୁଏତ ଷ୍ଟେସନ ମାଷ୍ଟର ସେଇ ରେଳଲାଇନ କଡ଼ ରାସ୍ତାରେ ତାଙ୍କ ଗାଡ଼ି ନେଇ ଡିଷ୍ଟାଣ୍ଟ ସିଗ୍‌ନାଲ୍ ବାଟେ ନୂଆ କଲୋନୀକୁ ଯାଉଥିଲେ । ହୋଇପାରେ ସେ ରିକ୍ସାବାଲାଟି ଷ୍ଟେସନରେ ହିଁ ଶୋଇଥାନ୍ତା । ଏତେବାଟ ଆସିଲା ପରେ ଏତେ ରାତିରେ ଆଉ ଫେରିବାକୁ ଚାହିଲାନାହିଁ ଏବଂ ସେଇ ପାଖରେ କୋଉଠି ତାର ପରିଚିତ ଜାଗାକୁ ଚାଲିଗଲା ।

ଏଣୁ କଥାକଥାକେ ଭୂତ ନ ଦେଖି ଅନ୍ତତଃ ଏତିକି ମୁଁ ଅସ୍ୱୀକାର କରିପାରୁନାହିଁ ଯେ ମୁଁ ମାଧ୍ୟମ ହୋଇଯିବାରୁ ସେ ଅଜ୍ଞାତ ସତ୍ତା ମୋତେ ମୋ ଯୋଜନା ବା ଇଚ୍ଛା ବିରୁଦ୍ଧରେ ଗୋଟାଏ କାର୍ଯ୍ୟ କରିବାକୁ ବାଧ୍ୟ କରିଦେଇ ପାରିଲା ।

ଏଇଟା କ'ଣ ଯଥେଷ୍ଟ ବିପଦର ସୂଚନା ନୁହେଁ ? ମୁଁ ସତର୍କବାଣୀକୁ ଲଂଘନ କରି ନିଆଁ ସଙ୍ଗେ ଖେଳିବା ଭଳି କଥା ହେଲା ନାହିଁ କି ? ମୁଁ ଖୁବ୍ ଦୃଢ଼ତାର ସହିତ ପ୍ରେତସତ୍ତାର ଆକର୍ଷଣକୁ ପ୍ରତ୍ୟାଖ୍ୟାନ କରିଛି । କିନ୍ତୁ ସେ ଟଣାଓଟରା ଭିତରେ ଏମିତି ଥରେ ହାରିବିଯାଇଛି ଏବଂ ଅନୁଭବ କରିଛି ସେଥିରେ ବିପଦର ମାତ୍ରା କେତେ ।

Digitized by srujanika@gmail.com

।। ୧୪ ।।

ଅନୁଜ୍ଞା ପାଇ ପ୍ରେତ ଆବାହନରୁ ଅବ୍ୟାହତି ଚାହୁଁଥିଲେ ସୁଦ୍ଧା ମୋ ଉପରେ ପ୍ରବଳ ଚାପ ପଡୁଥାଏ ଆଉଥରେ ଆରମ୍ଭ କରିବାକୁ । ପ୍ରେତଲୋକରେ ସେମାନେ ହୁଏତ ଏହାକୁ ମାଧ୍ୟମ କରି ପ୍ରକାଶିତ ହେବାକୁ ଉଦ୍ୟମ କରୁଥାନ୍ତି । ସେଥିପାଇଁ ମୋ ଦୃଷ୍ଟି ଆକର୍ଷଣ କରିବାକୁ ସେଥିରୁ କେତେଜଣ ବୋଧହୁଏ ବିଭିନ୍ନ ଆକାରରେ ନିଜର ଉପସ୍ଥିତି ସୂଚାଉଥିଲେ । କିନ୍ତୁ ସେଥିରେ ଆଉ ଧରା ଦେଉ ନଥାଏ । ତେବେ ଅନ୍ୟପ୍ରକାର ବିଚିତ୍ର ଘଟଣା ଘଟିବା ଆରମ୍ଭ ହୋଇଗଲା ।

ମୋର ହୃଦ୍‌ବୋଧ ହୋଇସାରିଥାଏ ଯେ ମୁଁ ପୁଣି ପ୍ରେତସତ୍ତାମାନଙ୍କୁ ପ୍ରଶ୍ରୟ ଦେଲେ ବିପଦ ସୁନିଶ୍ଚିତ । ଏଣୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ଆମେ ସେଥିରୁ ଦୂରରେ ରହୁଥାଉ । ଆମ ଘରର ଚାରିପଟେ ପ୍ରାୟ ଅଧ ଏକର ଜାଗା ଘେରି ପାଚେରି । ଦକ୍ଷିଣକୁ ଲୁହା ଗ୍ରିଲ୍‌ର ଫାଟକ । ସେ ଘରେ ଏକଦା ବେଙ୍ଗଲ୍-ନାଗପୁର ରେଲୱେର ସାଇବ ଡାକ୍ତର ରହୁଥିଲେ । ରୋଡ୍ ଆରପଟେ ଇଞ୍ଜିନିୟର ବଙ୍ଗଳା । ତା'ପରେ ଛାଡ଼ିଛାଡ଼ି ଆଉ ଦୁଇତିନିଟା ବଙ୍ଗଳା ଏବଂ ପ୍ରାୟ ଅଧ କିଲୋମିଟର ଦୂରରେ କର୍ମଚାରୀମାନଙ୍କ କଲୋନୀ । ଏ ସମଗ୍ର ରେଳବାଇ କଲୋନୀଟି ସହରଠାରୁ ସମ୍ପୂର୍ଣ୍ଣ ରୂପେ ବିଚ୍ଛିନ୍ନ ଓ ସ୍ୱତନ୍ତ୍ର । ମଝିରେ ଛୋଟିଆ ନାଳଟିଏ । ନାଳ ଉପରେ ପୋଲ । ପୋଲର ସହର ପାଖେ ଡାହାଣକୁ ସାପ୍ତାହିକ ହାଟ ପଦା । ବାଁକୁ ମଶାଣି । ସନ୍ଧ୍ୟା ହୋଇଗଲେ ଲୋକେ ସେ ବାଟେ ଯିବାକୁ ସାହସ କରୁ ନଥିଲେ ।

ଏପରି ପରିବେଶରେ ରାତିରେ ତିନିଜଣ ନେପାଳୀଙ୍କୁ ଜଗୁଆଳି କାମରେ ରଖାହୋଇଥିଲା । ଆମ ବଙ୍ଗଳା ଅଞ୍ଚଳ ପାଇଁ ଜଣେ ପହରା ଦେଉଥିଲା । ଟିକିଏ ବୟସ ହୋଇଯାଇଥିଲା ତାକୁ । ଏଣୁ ଆମ କେମ୍ପସ୍ ଭିତରେ ଥିବା ବେଦୀ ଉପରେ ସେ ପ୍ରାୟ ବସି ଢୁଳଉଥିଲା ଏବଂ ଅଧରାତିଆ ଦୁଇ ତିନିଘଣ୍ଟା ଶୋଇଯାଉଥିଲା ।

ଦିନେ ପାହାନ୍ତିଆରୁ ମୁଁ ବାହାରକୁ ଆସୁଆସୁ ସେ ସଲାମ ମାରି ଠିଆହେଲା ।

ମୁଁ ତାକୁ ପରିହାସ କରି କହିଲି-'କ୍ୟୋଁ ବାହାଦୁର, ରାତ୍ ଭର୍ ଆରାମ୍‌ସେ ବିତ୍ ଗୟା ?'

ସେ ଦାନ୍ତ ଦେଖେଇ କହିଲା– 'ଆରାମ କାହାଁ ସାହାବ୍– ଆପ ରାତ୍‌ଭର ଘୁମ୍‌ତା ରହତା ହେ, ହମ୍‌ଭି ଘୁମ୍‌ତେ ରହତେ ହେ' ।

Digitized by srujanika@gmail.com

ମୁଁ ପ୍ରଥମେ ଭାବିଲି ସେ ପରିହାସ କରୁଛି । ମୁଁ ରାତି ୧୦ଟା ବେଳେ ପ୍ରାୟ ଶୋଇଯାଏ ଏବଂ ଆଦୌ ଉଠେ ନାହିଁ ପାହାନ୍ତିଆ ପର୍ଯ୍ୟନ୍ତ । ସେଥିପାଇଁ ବୋଧେ ଆକ୍ଷେପ କରି କହୁଛି ଯେ ମୁଁ ଯେମିତି ରାତିସାରା ବୁଲୁଛି ସେ ବି ସେମିତି ବୁଲୁଛି ।

ତଥାପି ପଚାରିଲି,– 'କ୍ୟା ବାତ୍ ହୈ ?'

–'ସାହାବ୍ ଆପ୍ ତୋ ରାତ୍ ଭର ଶୋତା ନେହିଁ ହୈ । ସାଢ଼େ ବାର୍ ବଜେସେ ହମନେ ଦେଖା ଆପ ଗେଟ୍‌ପର ଖଡ଼େ ଥେ । ହମ୍‌ନେ ଆବାଜ୍ ଦେକର, ଆପକେ ପାଶ୍ ଜାନା ଚାହା । ଆପ ରାସ୍ତେପର ଚଲପଡ଼େ ହମ୍ ଆପକେ ପିଛେ ପିଛେ ଚଲା । ହର୍ ବଙ୍ଗଲା ମେ ଆପ ରାଉଣ୍ଡ ଲଗାୟା । ଅଫିସ୍ ତକ୍ ଗୟେ ୱାହାଁସେ ୱାପସ୍ ଆୟା ବଙ୍ଗଲା କୋ । ଫିର୍ ବେଇସେ ଦୋ ବଜେ ନିକ୍‌ଲା । ତୋ ସାହେବ ଆପ୍ ଚକ୍କର କାଟତା ରହା ତୋ ହମ୍ କୈସେ ଆରାମ୍ କରେଗା ?'

ବିଷୟ ତା'ହେଲେ ଅନ୍ୟପ୍ରକାର ।

–'ଆଚ୍ଛା ହମ୍ କୋ ଠିକ୍ ତର୍‌ହ ପହଚାନା ରାତ୍‌ମେ ?'

–'କ୍ୟା ବାତ୍ ବୋଲ୍‌ତା ସାହେବ ? ଆପ୍‌କୋ ନାହିଁ ପହଚାନେଗା ? ଆପ୍ ଅଭି ଜୋ ପହନ୍ ରହେ ହୈ ୱହି ପାଇଜାମା ଔର କୁର୍‌ତା ପହନ୍ କର ନିକ୍‌ଲେ ଥେ ।'

–'ଆଚ୍ଛା କହିଁ ନଜ୍‌ଦିକ୍ ଆକର୍ ବାତ୍ କିଆ ?'

'ନହିଁ ସାହେବ । ଆପ୍ ତୋ ବହୁତ୍ ତେଜ୍ ଚଲ୍‌ତେ ହେଁ, ହମ୍ ଆପ୍‌କେ ବହୁତ୍ ପିଛେ ରହ ଜାତେ ଥେ ।'

'ଆଚ୍ଛା ୟେ ଜୋ ଗେଟ୍ ହେ, କୋନ୍ ଖୋଲ୍ କର ବାହାର ଗୟା ?'

'ଆପ ସାହାବ୍.......ତ'

'ତୋ ତୁମ୍ ଜବ୍ ପହୁଚେ ଗେଟ୍ ଖୁଲା ଥା ?'

ବାହାଦୁର ସାମାନ୍ୟ ବାଉଳା ହେଲା ପରି କହିଲା– 'ଗେଟ୍ ତୋ ବନ୍ଦ୍ ଥା ସାହାବ । ହମ୍‌ନେ ଖୋଲକର ଆପ୍‌କା ପିଛା କିଆ ।'

'ହମ୍ କ୍ୟୁଁ ବନ୍ଦ୍ କର୍‌କେ ବାହାର ଗୟେ, ଜବ୍ ହମ୍ ଜାନ୍‌ତେ ଥେ କି ତୁମ୍ ହମାରେ ପିଛେ ଆ ରହେ ହୋ ?'

ସହି ବାତ୍ ହେ ସାହେବ । ୟେ ବାତ୍ ହମ୍ ନହିଁ ଶୋଚା ।'

'ଠିକ୍‌ସେ ୟାଦ୍ କରୋ । ଶାୟଦ୍ ହମ୍ ଗେଟ୍ ଖୋଲେ ହି ନହିଁ । ଗେଟ୍ ବନ୍ଦ୍ ଥା ଔର୍ ହମ୍ ପାର ହୋ ଗୟେ ।'

'ୟେ କୈସେ ହୋ ସକ୍‌ତା ହୈ ?'

'ଆଚ୍ଛା ରାତ୍‌କେ ସନ୍ନାଟେ ମେ ହମାରି ପାଓଁ କି ଆବାଜ୍ ତୁମ୍‌ନେ ଶୁନା ?'

Digitized by srujanika@gmail.com

'ନହିଁ ସାହାବ୍ !'

ମୁଁ ବାହାଦୁରକୁ ଶେଷ କଥା କହିଲି ନାହିଁ । ଅଯଥା ତାକୁ ଭୟଭୀତ କରି ଦେବାକୁ ମୋର ଇଚ୍ଛା ହେଲାନାହିଁ । କିନ୍ତୁ ଜାଣିଗଲି ଯେ ପ୍ରେତଭୂମିରୁ ଏହା ଆଉ ଏକ ଆବାହନ ।

ଦୁଇଟି ବିଷୟରେ ମୋର ସଂଶୟ ରହିଗଲା । ପ୍ରଥମଟି ହେଲା, ସେ ସତ୍ତାଟି କିଏ ବା ଠିକ୍ କହିବାକୁ ଗଲେ କାହାର ? କାରଣ ଇହଲୋକର ପରିଚୟ ବିନା ପ୍ରେତସତ୍ତାମାନଙ୍କୁ ଚିହ୍ନଟ କରିବାର ଅନ୍ୟ କୌଣସି ଉପାୟ ନାହିଁ । ମୋର ମନେ ହେଲା ଯେ ଭାଇନାଙ୍କୁ ଯେଉଁ ସତ୍ତା ମୋର ଅନୁରୂପ ଆକୃତି ନେଇ ଦେଖାଦେଇଥିଲା । ସେ ହିଁ ବାହାଦୁରକୁ ଏମିତି ରାତିସାରା ବୁଲେଇଛି । ଆମ ସହିତ ବିଭିନ୍ନ ମାଧ୍ୟମରେ ଅର୍ଥାତ୍ ପ୍ଲାଞ୍ଚେଟ୍ ବା Spirit Writing ଜରିଆରେ ଯେଉଁମାନେ ସମ୍ପର୍କ ରଖୁଥିଲେ, ତାଙ୍କ ଭିତରୁ କେହି ଜଣେ ଏମିତି ଆବିର୍ଭୂତ ହେଉଥିଲେ ନା ଏ ଜଣକ ଆଉ କିଏ ? ହୁଏତ ସେଇ ଅଞ୍ଚଳର କୌଣସି ଅମୁକ୍ତ ଅଶରୀରୀ ଆତ୍ମା ସେପରି ଦେଖାଦେଉଥିଲା । ଉଦ୍ଦେଶ୍ୟ କ'ଣ ? ସେ ହୁଏତ ଆମର ସାନିଧ୍ୟ ଚାହୁଥିଲା । କାହା ଭିତରେ ପ୍ରବେଶ କରି କିଛି ହୁଏତ ବ୍ୟାଘାତ କରିବାକୁ ଚାହୁଥିଲା । ସେ ବିଷୟ ଜାଣିବାକୁ ହେଲେ ପୁଣି ସେଇ ପୁରୁଣା ସମସ୍ୟା– ସେମାନଙ୍କୁ ହିଁ ପଚାରିବାକୁ ହେବ ଏବଂ ତାହା ମୁଁ ନ କରିବାକୁ ଦୃଢ଼ସଂକଳ୍ପ ଥିଲି ।

ଦ୍ୱିତୀୟଟି ହେଲା ଯେ ସେ କାହିଁକି ମୋର ସାଦୃଶ୍ୟ ପରିଗ୍ରହ କରୁଥିଲା ? ତା'ମାନେ ଅଶରୀରୀ ସତ୍ତାଟି ତାର ପୂର୍ବରୂପ ନ ନେଇ ଆଉ ଜଣକ ରୂପ ନେଇପାରେ କି ? ସେମାନେ କାମରୂପୀ କି ? ଏ ବିଷୟରେ ସାଧାରଣ ଅନୁଭୂତି ହେଲା ଯେ, ମୃତ୍ୟୁ ପୂର୍ବର ରୂପକୁ ହିଁ ସେ ଆଭାସ ରୂପେ ବ୍ୟବହାର କରିଥାଏ । ଅତଏବ କୌଣସି ପ୍ରେତସତ୍ତା ମୋ ଭଳି ଦିଶିବାର କୌଣସି ଯୁକ୍ତି ବା ସମ୍ଭାବନା ନାହିଁ । ଯେତେ ଅବିଶ୍ୱାସ୍ୟ ହେଲେ ମଧ୍ୟ କେବଳ ଗୋଟିଏ ଦିଗରୁ ହିଁ ଏ ଘଟଣାକୁ ବୁଝିହେଉଛି । ତାହା ହେଲା ଯେ ମୋର ସାଦୃଶ୍ୟ ନେଇ ବିଚରଣ କରୁଥିବା ସତ୍ତା ମୋର ଶରୀର ସହିତ କୌଣସି ନା କୌଣସି ମତେ ସମ୍ପୃକ୍ତ ଥାଇପାରେ । ଏଣୁ ହୁଏତ ମୋ ଭିତରେ ଆଶ୍ରିତ ସେ ତାନ୍ତ୍ରିକ ସତ୍ତା (ପୂର୍ବ ବର୍ଣ୍ଣିତ) ପରି ଆଉ କେହି ହୁଏତ ପ୍ରବେଶ କରିଥିଲା ଏବଂ ସେ ହିଁ ମୁଁ ଶୋଇଥିବା ଅବସ୍ଥାରେ ମୋ ଭିତରୁ ଉଦ୍‌ଗତ ହୋଇ ମୋର ହିଁ ରୂପ ପରିଗ୍ରହ କରି ଭ୍ରମୁଥିଲା । ଅନ୍ୟ ସମ୍ଭାବନାଟି ହେଲା ଯେ ମୋର ଅଜ୍ଞାତରେ ହୁଏତ ମୋର ସୂକ୍ଷ୍ମସତ୍ତା ମୋର ଶରୀର ଛାଡ଼ି ଏପରି ବାହାରିଯାଉଥିଲା । ଯେଉଁମାନେ near death ବା ମୃତ୍ୟୁର ଆଂଶିକ ଅନୁଭବ ନେଇ ପୁଣି ସ୍ୱଶରୀରକୁ ଫେରିଆସିଛନ୍ତି, ସେମାନେ ପ୍ରାୟ ତାଙ୍କର ଅଶରୀରୀ ମୁକ୍ତ ସତ୍ତାର ଅନୁଭବକୁ ମନେରଖି ତା'ର ବର୍ଣ୍ଣନା କରିଛନ୍ତି । ମୋର ସେଭଳି ଶରୀର ବାହାରେ ଭ୍ରମଣ କରିବାର କୌଣସି ସ୍ମୃତି ବା ଅନୁଭବ ନାହିଁ ।

Digitized by srujanika@gmail.com

ଗୋଟାଏ ପ୍ରକାର ଅସ୍ୱାଭାବିକ ଅବସ୍ଥାରେ କେହି କେହି ନିଦ୍ରିତ ଅବସ୍ଥାରେ ଚାଲବୁଲ କରିଥାନ୍ତି । ଏହାକୁ ସୋମ୍ନାମ୍ବୁଲିଜମ୍ (Somnambulism) ବୋଲି କୁହାଯାଏ । କିନ୍ତୁ ଏହା ଏକ ସଶରୀର କ୍ରିୟା । ଏହା ମଧ୍ୟ ସ୍ମରଣ ରହେନାହିଁ । ନିଦରୁ ଉଠିଲା ପରେ ବ୍ୟକ୍ତି ମନେପକାଇପାରେ ନାହିଁ ଯେ ସେ ସେଇଭଳି ଚଳପ୍ରଚଳ ହେଉଥିଲା । ମେକ୍‌ବେଥ୍ ନାଟକରେ ଲେଡ଼ି ମେକ୍‌ବେଥ୍ ହାତରେ ଗୋଟିଏ ପ୍ରଦୀପ ଧରି ସମ୍ପୂର୍ଣ୍ଣ ନିଦ୍ରିତାବସ୍ଥାରେ ଚାଲୁଥିବାର ବର୍ଣ୍ଣନା ଅଛି । କିନ୍ତୁ ସେଥିରେ ଜାଗ୍ରତ ଚେତନାର ସମ୍ପର୍କ ନଥାଏ । ଏଣୁ କୌଣସି ବିଷୟ ମନେରହେନାହିଁ । ଏ କ୍ଷେତ୍ରରେ ତାହା ନୁହେଁ । ଏଇଠି ଶରୀର ନିଷ୍କ୍ରିୟ, ହୁଏତ ସେ ସମୟ ପାଇଁ ନିଷ୍ପ୍ରାଣ (?)। କାରଣ ଅନ୍ୟମାନେ ମୋତେ ବାହାରେ ଦେଖୁଥିଲାବେଳେ କେହି ମୋର ଶାୟିତ ଅବସ୍ଥାକୁ ପରୀକ୍ଷା କରି ଦେଖିନାହିଁ । ଯଦି ତାହା କରିଥାଆନ୍ତେ, ହୁଏତ ଏ ତଥ୍ୟଟି ପ୍ରମାଣିତ ବା ଅପ୍ରମାଣିତ ହୋଇପାରିଥାନ୍ତା । ପଲ ବ୍ରଣ୍ଟନ (ପୂର୍ବ ପ୍ରକାଶିତ) ନିଜ ଶରୀରରୁ ବାହାରି ଆସି ଯେପରି ତାକୁ ଦେଖିପାରିଛନ୍ତି ଏବଂ ଶରୀରଠାରୁ ନିଜେ ସ୍ୱତନ୍ତ୍ର ଥିବାର ଅନୁଭବ ଲାଭ କରିଛନ୍ତି, ମୋର ସେପରି କିଛି ହୋଇନାହିଁ । ତା ବାହାରେ ସେଇ ପ୍ରାରମ୍ଭିକ ସ୍ତରରେ ହିଁ ଯେତେବେଳେ ଆମେ ପ୍ରେତଭୂମିକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରୁଥିଲୁ ଏ ଘଟଣା ଘଟିଥିଲା । ତା'ପରେ ଆଉ ସେପରି ହେବାର ଦୃଷ୍ଟାନ୍ତ ନାହିଁ । ଏଣୁ ଅନ୍ୟ କୌଣସି ସତ୍ତା ବୋଧହୁଏ ଏପରି ଛଦ୍ମବେଶରେ ବିଭ୍ରାନ୍ତି ସୃଷ୍ଟିକରୁଥିଲା । ଛଦ୍ମବେଶ ନେବା ପାଇଁ ସେ ନିଶ୍ଚୟ କୌଣସି ସ୍ୱତନ୍ତ୍ର ଶକ୍ତିସମ୍ପନ୍ନ ସତ୍ତା ହୋଇଥିବ, ନଚେତ୍ ଏହା ସାଧାରଣତଃ ସମ୍ଭବ ନୁହେଁ । ଅବଶ୍ୟ ଏ ସଂକ୍ରାନ୍ତରେ ଆଉ ଗୋଟିଏ ଘଟଣା ପ୍ରାସଙ୍ଗିକ ହେବ ଭାବି ଉଲ୍ଲେଖ କରିଦେବା ଉଚିତ ମଣୁଛି । ସେତେବେଳକୁ ମୁଁ ସେ ସ୍ଥାନ ଛାଡ଼ି ଚାଲିଆସିବାର ଚାରିବର୍ଷ ହୋଇସାରିଥାଏ । ମୁଁ ଥାଏ ଭୁବନେଶ୍ୱରରେ । ସେଦିନ ଶ୍ରୀଗୁଣ୍ଡିଚା । ପ୍ରାୟ ସନ୍ଧ୍ୟା ପାଞ୍ଚଟା ବେଳକୁ ଦୁଇଜଣ ଖୁବ୍ ପରିଚିତ ବ୍ୟକ୍ତି ଆସି ପହଞ୍ଚିଲେ । ଜଣେ ସେଥିରୁ ଡାକ୍ତର ପଣ୍ଡା ଏବଂ ଆଉ ଜଣେ ବୋଧହୁଏ ମିଷ୍ଟର ବହିଦାର । ସେମାନେ ସେଇ ଅଞ୍ଚଳକୁ ଆସିଥିଲେ ପୁରୀରେ ରଥଯାତ୍ରା ଦେଖିବାକୁ । ସେମାନେ ମୋତେ ଖୁବ୍ ଶ୍ରଦ୍ଧା କରିବା କଥା ମୁଁ ଜାଣେ । ମୋତେ ଦେଖୁଦେଖୁ ପଚାରିଲେ ଖୁବ୍ ସ୍ୱାଭାବିକ ବିସ୍ମୟରେ– ସାର୍, ଆପଣ କେତେବେଳେ ଫେରିଲେ ?

–'ମାନେ ? କୋଉଠୁ ଫେରିବା କଥା କହୁଛନ୍ତି ? ମୁଁ ତ କୁଆଡ଼େ ଯାଇ ନାହିଁ ।'

–ପରିହାସ କରନ୍ତୁ ନାହିଁ ସାର୍ । ଆପଣ ଆଜି ବାଗଡ଼ିଆ ଧର୍ମଶାଳା ପାଖ ବାଲ୍‌କୋନିରେ ଠାକୁରଙ୍କ ପହଣ୍ଡି ଦେଖି ନଥିଲେ ? ଆମେ ବଡ଼ଦାଣ୍ଡରୁ ଆପଣଙ୍କୁ ଦେଖି ଭାବିଲୁ ଯେ ନିଶ୍ଚୟ ଭେଟ ହେବ । ଆମେ ପ୍ରାୟ ଘଣ୍ଟେ ଦୁଇଘଣ୍ଟା ଆପଣଙ୍କୁ

Digitized by srujanika@gmail.com

ସେଇଠି ଦେଖିଥିଲୁ । ତା'ପରେ ଆପଣ ଓହ୍ଲେଇଗଲେ । ଆମେ ଆଉ ଯେତେ ଖୋଜିଲୁ ପାଇଲୁ ନାହିଁ । ସ୍ଥିରକଲୁ ଯେ ଆପଣଙ୍କୁ ଭୁବନେଶ୍ୱର ଆସି ଦେଖାକରି ଯିବୁ । ଆପଣ ସାର୍ କାର୍‌ରେ ବୋଧେ ଚଞ୍ଚଳ ଚାଲିଆସିଲେ ।

ତାଙ୍କ କଥାରେ ବିଶ୍ୱାସରେ କୌଣସି ଦ୍ୱିଧା ନାହିଁ । ତିଳେମାତ୍ର ସନ୍ଦେହ ନାହିଁ । ମୁଁ ହିଁ ପ୍ରଗାଢ଼ ବିସ୍ମୟରେ ଏବଂ ଅବିଶ୍ୱାସରେ ତାଙ୍କୁ ଚାହିଁରହି ତାଙ୍କ କଥା ଶୁଣୁଥାଏ । କିଛି ସମୟ ପରେ ଖୁବ୍ ସନ୍ତର୍ପଣରେ ତାଙ୍କୁ ଆଘାତ ନ ଲାଗିଲା ଭଳି ପଚାରିଲି, 'ଆପଣ କୋଉଠୁ ମୋତେ ଦେଖିଲେ ?'

'ଆମେ ଲକ୍ଷ୍ମୀବଜାର ବାଟ ମୁହାଣିଠୁ ସାମାନ୍ୟ ଦୂରରେ ଥାଉ । ସେଇଠୁ ସେ ବାଲକୋନି ପରିଷ୍କାର ଦିଶୁଥାଏ । ତା'ପରେ ସ୍ପଷ୍ଟ ଦିବାଲୋକରେ ଆପଣଙ୍କୁ ଚିହ୍ନିବାରେ କ'ଣ ଅସୁବିଧା ଅଛି– ବିଶେଷ କରି ଆମ ପାଇଁ ?'

–'ଆଚ୍ଛା ଆପଣ ଦୁଇଜଣ ଯାକ ଦେଖିଛନ୍ତି ?'

ସମସ୍ୱରରେ ଦୁହିଁଙ୍କ ଉତ୍ତର- 'ସାର୍' ।

ତା'ପରେ ଡାକ୍ତର ପଣ୍ଡା କିଛି ଅସ୍ୱାଭାବିକ ଲକ୍ଷ୍ୟ କରି କହିଲେ- 'କାହିଁକି ପଚାରୁଛନ୍ତି ସାର୍ ?'

'ପଚାରୁଛି ଏଇଥିପାଇଁ ଯେ ମୁଁ ଜମା ପୁରୀ ଯାଇନାହିଁ । ସେ ସୌଭାଗ୍ୟ ମୋର ନାହିଁ । ମୁଁ କେବଳ ରେଡ଼ିଓରେ ଧାରାବିବରଣୀ ଶୁଣିଛି ଏବଂ ଆଖିବୁଜି ମନେମନେ ଠାକୁର ଦର୍ଶନ କରୁଛି ।'

ତେଣିକି ସେମାନଙ୍କ ବିସ୍ମିତ ହେବାର ପାଳି । ସେମାନେ ଆଦୌ ବିଶ୍ୱାସ କରିବାକୁ ପ୍ରସ୍ତୁତ ନଥିଲେ ଯେ ତାଙ୍କର ଏତେ ବଡ଼ ଭୁଲ୍ ହୋଇପାରେ ।

ତଥାପି ମୁଁ ଏପର୍ଯ୍ୟନ୍ତ ଏ ଘଟଣାଟିକୁ ଗୋଟିଏ ଭ୍ରମ ପର୍ଯ୍ୟାୟରେ ରଖିଛି– ଆଉ କିଛି କହିବାର ପ୍ରମାଣ ଅଭାବରୁ ।

ଏଇଠି ଏ ପ୍ରସଙ୍ଗ ଉଠାଇବାର କାରଣ ହେଲା ଯେ ଯଦି ଡାକ୍ତର ପଣ୍ଡା ଠିକ୍ ଦେଖିଥାନ୍ତି, ତା'ହେଲେ ଶରୀର ଏବଂ ଆତ୍ମସତ୍ତାର ସମ୍ପର୍କ ବିଷୟରେ ଏହା ଆଉ ଏକ ଅସମାହିତ ପ୍ରଶ୍ନହୋଇ ରହିଗଲା ।

Digitized by srujanika@gmail.com

॥ ୧୬ ॥

ଅଶରୀରୀ ସତ୍ତାମାନଙ୍କ ସହିତ କୌଣସି ସଂପର୍କ ନ ରଖିବା ପାଇଁ ସଂକଳ୍ପ ନେବା ପରେ ମୋର ଅନୁଭବ ହୋଇଛି ଯେ ମୃତ୍ୟୁ ଆରପାରିରୁ ସେମାନେ ହୁଏତ ପୁଣି ମୋ ସହିତ ସଂଶ୍ଳିଷ୍ଟ ହେବାକୁ ଚାହୁଛନ୍ତି । ସେଥିପାଇଁ ମୋତେ ପ୍ରଲୁବ୍ଧ କଲାଭଳି ପରିସ୍ଥିତି ମଧ୍ୟ ସୃଷ୍ଟିକରିଛନ୍ତି । ମୁଁ କିନ୍ତୁ ଗୁରୁବାକ୍ୟ ଲଂଘନ କରି ନାହିଁ– 'Don't play with fire'– ନିଆଁ ସାଥିରେ ଖେଳ ନାହିଁ । ବାରମ୍ବାର ତାଙ୍କର ସ୍ମରଣ ହୋଇଛି ଏବଂ ସେ ପ୍ରବଳ ଚାପ ଅନୁଭବ କରୁଥିବା ସତ୍ତ୍ୱେ ଆଉ ସେଥିରେ ପ୍ରବେଶ କରିବାରୁ ନିବୃତ୍ତ ରହିଛି, ଅର୍ଥାତ୍ ପ୍ଲାଞ୍ଚେଟ ଡାକି ନାହିଁ କିମ୍ବା spirit-writting କରି ନାହିଁ । ତେବେ ପ୍ରେତସତ୍ତା ଚାହିଁଲେ ଯେ କ୍ଷତି କରିପାରନ୍ତି ତା'ର ଉଦାହରଣଟିଏ ଦେଉଛି ।

ମୁଁ ରହୁଥିବା ଘରର ଆଖପାଖରେ ପ୍ରେତସତ୍ତା ପ୍ରକଟିତ ହେଉଥିବା ଘଟଣା ରହସ୍ୟ ଜଟିଳ ବୋଧ ହେଉଥିଲେ ସୁଦ୍ଧା ମୁଁ ସେ ବିଷୟରେ ବିଶେଷ ମୁଣ୍ଡ ଖେଳାଇବାକୁ ଚାହୁନଥିଲି । କାରଣ ସେ ବିଷୟରେ ଜାଣିବାକୁ ମୋର ଆଗ୍ରହ ଏବଂ କୌତୂହଳକୁ ସଂଯତ ନ କଲେ ମୋତେ ପୁଣି ସେଇ ଟୋପରେ ପଡ଼ିବାକୁ ହେବ ବୋଲି ମୁଁ ଜାଣିଥିଲି । ମୁଁ ଧରିନେଇଥିଲି ଯେ ସେମାନେ ଯଦି ଚେଷ୍ଟା କରୁଥାନ୍ତି, ନିଶ୍ଚୟ କିଛି ସମୟ ଧରି ବିଫଳ ହେଲା ପରେ ସେଥିରୁ ନିରସ୍ତ ହୋଇଯିବେ । ଏଣୁ ମୁଁ ପ୍ରାୟ ନିଶ୍ଚିନ୍ତ ଥିଲି ।

ଦିନେ ଗୋଟିଏ ବିଚିତ୍ର ଘଟଣା ଘଟିଲା । ଆମେ ରହୁଥିବା ଘରର ପୂର୍ବପଟେ, ତିନିଟା ଆମ୍ବଗଛ ଥାଏ । ସେଥର ସବୁ ଗଛରେ ପ୍ରଚୁର ଫଳ ଧରିଥାଏ । ଆମ୍ବ ପ୍ରାୟ ଟାକୁଆ ହେବା ଉପରେ । କାମକରୁଥିବା ମାଳୀ ଆସି କହିଲା ଯେ ମଝି ଗଛଟାର ଗୋଟାଏ ଡାଳ ମରିଯାଇଛି । ମୁଁ ଆଦୌ ବିଶ୍ୱାସ କଲି ନାହିଁ – ଫଳନ୍ତି ଗଛଟା କେମିତି ମରିଯିବ ? ନିଶ୍ଚୟ ଡାଳଟା ଭାଙ୍ଗିଯାଇଥିବ କିମ୍ବା କେହି ହାଣିଦେଇଥିବ । ମୁଁ ଯାଇ ଦେଖେ ତ' ସତକୁ ସତ ଶିଖ ଡାଳଟି ମଉଳି ଯାଇଛି, ପତ୍ର ଯାକ ଝାଉଁଳି ଯାଇଛି– କିନ୍ତୁ ଡାଳ ଭାଙ୍ଗି ନାହିଁ କିମ୍ବା ହଣା ହୋଇ ନାହିଁ । ସେଥିରେ ଚାରି ପାଞ୍ଚଟା ବେଶ୍ ବଡ଼ ଆମ୍ବ ଲାଗିଥିବାରୁ ମୁଁ ସେ ଡାଳଟାକୁ ଭାଙ୍ଗି ଆଣିବାକୁ ମାଳୀକୁ କହିଲି । ବିଚିତ୍ର କଥା, ଡାଳରେ ଆଙ୍କୁଡ଼ି ଲଗାଉ ଲଗାଉ ଭାଙ୍ଗିଗଲା– ସତେବା ଶୁଖିଲା ଡାଙ୍ଗଟାଏ । ଆମ୍ବଗୁଡାକ ମଧ୍ୟ ଚୋଚଡ଼ା ହୋଇ ଶୁଖିଯାଇଥିଲା । ମୁଁ ଭାବିଲି ବୋଧହୁଏ ଅନେକ ଦିନରୁ ଡାଳଟା ମରିସାରିଥିଲା ।

Digitized by srujanika@gmail.com

ତା'ପରଦିନ ତିନିଟା ଯାକ ଗଛର ଡାଳ ସେମିତି ଝାଉଁଳିଯିବାର ଦେଖିଲି । ଶୁଖିଲା ପତ୍ର ଯାକ ଗଛମୂଳେ ଝଡିପଡୁଥିଲା । ଆମ୍ବଯାକ ଶୁକୁଟା ହୋଇ ଝଡ଼ିପଡୁଥିଲା ଏବଂ ଡାଳରୁ ପାଣି ନିଗିଡ଼ି ଶୁଖିଯାଉଥିଲା ।

ମୁଁ ସେଇଠି ଜାଣିବା ଶୁଣିବା ଲୋକଙ୍କୁ ଡାକିଲି । ଜଣେ କୃଷିବିଭାଗ ଅଫିସର ମଧ୍ୟ ଆସିଲେ । ପ୍ରତି ଗଛରେ ଗଛେ ଲେଖା ଆମ୍ବ । ସେମିତି ବି ସାନ ଗଛ ନୁହେଁ । ଗଣ୍ଡି ପାଖରେ ଘେର ତିନିଫୁଟ ସାଢ଼େ ତିନିଫୁଟ । ଗଛର ଉଚ୍ଚତା ପଚିଶଫୁଟ ପାଖା ପାଖି । ବେଶ୍ ବଡ଼ ପୁରୁଣା ଗଛ । ସେ ପ୍ରଥମେ ଭାବିଲେ ଯେ ବୋଧହୁଏ ଚେର ମୂଳେ ଉଇ ଲାଗିଯିବାରୁ ଗଛ ସେମିତି ମରିଯାଉଛି । କିନ୍ତୁ ତିନିଟା ଯାକ ଗଛରେ କ'ଣ ଏକାଠି ଉଇ ଲାଗିଗଲା ? ଉଇ ଲାଗିଲେ ସୁଦ୍ଧା ଏତେ ଚଞ୍ଚଳ ଗଛ କ'ଣ ମରିଯିବ ?

ମୁଁ ଅସହାୟ ହୋଇ ଗଛଗୁଡିକୁ ଆଉଁଶୁଥାଏ, ମୂଳରେ ଡାଳରେ ପାଣି ପକାଉଥାଏ, କିନ୍ତୁ କୌଣସି ଫଳ ହେଉ ନଥାଏ । ତିନିଟା ଯାକ ଗଛରୁ ଶିଖଆଡୁ ରସ ନିଗିଡିଯାଉଥାଏ ମୋ ଆଖି ଆଗରେ । ପ୍ରାୟ ଦିନ ସାତଟା ଭିତରେ ସବୁ ଆମ୍ବ ଝଡ଼ିଗଲା । ପତ୍ର ସବୁ ଝଡ଼ିଗଲା । ଗଛ ତିନିଟା ଶୁଖିଲା କଙ୍କାଳ ପରି ଠିଆହୋଇଗଲେ । ଡାଙ୍ଗଟିଏ ଭାଙ୍ଗିଲେ ଡିଆସିଲି କାଠି ପରି ଭାଙ୍ଗିଯାଉଥିଲା । ମୂଳରେ ସୁଦ୍ଧା ଛୁରୀରେ କାଟିଲେ ଟୋପାଏ ଲସା ଝରୁନଥିଲା ।

ମଲାଗଛ ଏମିତି କଙ୍କାଳସାର ହୋଇ ଠିଆହୋଇଥିବା ମୁଁ ଆଗରୁ ଦେଖିଥିଲି, କିନ୍ତୁ ସେମିତି ମରିବାକୁ ଗଛ ସେଇ ମାତ୍ରାରେ ପୁରୁଣା ହୋଇଥିବା ଦରକାର । ମାସ ମାସ ଧରି ଆସ୍ତେ ଆସ୍ତେ ଶୁଖିବା ଦରକାର । କିନ୍ତୁ ସେ ତିନିଟା ଆମ୍ବଗଛ ଯେଉଁଭଳି ଭାବରେ ଶୁଖିଗଲେ ତାହା ଉପରକୁ ନିଆଁ ଝୁଲଟାଏ ପକେଇଦେଇଥିଲେ ହୁତ୍ ହୁତ୍ ହେଇ ଠିଆରେ ଜଳି ଯାଇ ଥାନ୍ତେ ତିନିଟାଯାକ ! ମୁଁ ଯେତିକି ବିସ୍ମିତ ସେତିକି ମର୍ମାହତ ବୋଧକରୁଥାଏ । ତିନିଟା ଫଳନ୍ତିଗଛ ଏଭଳି ମରିଯିବା ଯାହା, ସାପକାମୁଡ଼ାରେ ତିନିଟା ଦୁଧିଆଳୀ ଗାଈ ମରିଯିବା ତାହା । ମୁଁ ଏବଂ ଆମ ଘରର ସମସ୍ତେ ଏହି କାରଣରୁ ଖୁବ୍ ବିଷଣ୍ଣ ଥାଉ । କିନ୍ତୁ ସେ ପର୍ଯ୍ୟନ୍ତ ମୋ ମନରେ ବା କାହା ମନରେ ଭୟ ପଶି ନଥାଏ ।

ଗଛ ସେମିତି ଶୁଖିଲା ଠିଆହୋଇଥାଏ । ମଞ୍ଜ ସାଙ୍କୁଡ଼ିଯାଇ ମରିଯିବାରୁ ଉପର ବକଳା ମୋଡ଼ିହୋଇ ଝଡ଼ିପଡୁଥାଏ । ଶୁଖିଲା ହାଡ଼ ପରି ଗଛ ଭିତର ଦିଶୁଥାଏ । ଜଣେ ପୂଜକ ଆସି ପହଞ୍ଚିଲେ । ତାଙ୍କ ସହିତ ମୋର ଏମିତି ସାମାନ୍ୟ ଜଣାଶୁଣା ଥିଲା । ତାଙ୍କ ପୁଅ ମୁଁ କାମ କରୁଥିବା ସଂସ୍ଥାରେ ଚାକିରିକରୁଥିଲା । ସେ କହିଲେ ଯେ କେହି ଜଣେ ତନ୍ତ୍ର ପ୍ରୟୋଗ କରିବାରୁ ଗଛଗୁଡ଼ିକ ମରିଗଲେ ।

ମୁଁ କହିଲି, ''ଗଛ ସବୁ କାହାର କ'ଣ ଦୋଷ କରିଥିଲେ ? ଫଳିଲା ଗଛଗୁଡ଼ାକୁ କିଏ ଏମିତି କାହିଁକି ତନ୍ତ୍ର ପ୍ରୟୋଗ କରି ମାରିଦେଲା ?''

Digitized by srujanika@gmail.com

ସେ କହିଲେ– ''ନାଇଁ ଆଜ୍ଞା, ସେ କ'ଣ ଗଛକୁ ମାରୁଥିଲା ? ସେ ବାଣ ପେଷିଥିଲା ଆପଣଙ୍କ ଉପରକୁ । ''ଆପଣଙ୍କୁ କେହି ଆଢୁଆଳ କରିବାରୁ ଗଛଗୁଡ଼ାକ ଛଳିଗଲେ ।''

ମୁଁ ନିଶ୍ଚୟ ସେଥିରେ ଆଦୌ ବିଶ୍ୱାସ କଲିନାହିଁ । କିନ୍ତୁ ମୋତେ ଏ କଥା ଶୁଣି ଏକପ୍ରକାର ବିହ୍ୱଳ ଲାଗିଲା । ସତେ ବା କେହି ଶତ୍ରୁପକ୍ଷ ମୋତେ ମାରିବା ପାଇଁ ଉଦ୍ୟମ କଲାବେଳେ ଏ ବୃକ୍ଷରୂପୀ ସନ୍ତ୍ରୀମାନେ ମୋତେ ଆଢୁଆଳ କରି ଠିଆ ହୋଇଗଲେ ! ମୋତେ ବଞ୍ଚାଇବା ପାଇଁ ଆତ୍ମାହୁତି ଦେଇଦେଲେ !

ମୋର ଯେ ଶତ୍ରୁପକ୍ଷ ନ ଥିଲେ ତା' ନୁହେଁ – ତାଙ୍କ ଭିତରୁ କେହି ହୁଏତ ତନ୍ତ ପ୍ରୟୋଗ କରିଥାଇପାରେ । ତନ୍ତ ପ୍ରୟୋଗ କିପରି ହୁଏ, ହେଲେ କ'ଣ ହୁଏ ସେ ବିଷୟରେ ମୁଁ ଅଜ୍ଞ ଏବଂ ଅଜ୍ଞ ରହିବାକୁ ଚାହେ । ମାରଣ ତାରଣ ଉଚ୍ଚାଟନ ବଶୀକରଣ ଆଦି ବିଦ୍ୟା ଅଛି ବୋଲି ମୋ କାନରେ ପଡ଼ିଛି, ଏବଂ ତାନ୍ତ୍ରିକମାନେ ଅସାଧ୍ୟ ସାଧନ କରିପାରନ୍ତି ବୋଲି ମଧ୍ୟ ଶୁଣିଛି । କିନ୍ତୁ ସେସବୁ ପ୍ରମାଣିତ ବା ଅପ୍ରମାଣିତ କରିବାର ଅପଚେଷ୍ଟା ମୁଁ କରୁନାହିଁ, କାରଣ ତାହା ଏଠାରେ ଅପ୍ରାସଙ୍ଗିକ ।

ମୁଁ ଏବେ ମଧ୍ୟ ଏତିକି ମାତ୍ର ଜାଣିବାକୁ ଚାହେ କାହିଁକି ଓ କିପରି ତିନିଟା ଫଳନ୍ତି ଆମ୍ବଗଛ ଏମିତି ଆଶ୍ଚର୍ଯ୍ୟଜନକ ଭାବରେ ଠିଆରେ ଜଳିଗଲେ ?

ଶୁଣିବାକୁ ମିଳେ ଯେ କୌଣସି ଗଛରେ ଆଶ୍ରିତ ପ୍ରେତସତ୍ତା ଚାହିଲେ ଅଚାନକ ତାର ଡାଳଟାଏ ଭାଙ୍ଗିଦେଇପାରେ । ଚାହିଲେ ଗଛଟା ଉପୁଡ଼ି ଯାଇପାରେ । ପ୍ରାଣ ଭୂମି (Vital Plane)ରେ ଅଶରୀରୀ ସତ୍ତାମାନେ ପ୍ରବଳ ଶକ୍ତି ଧାରଣ କରନ୍ତି ବୋଲି ମଧ୍ୟ ଯୋଗୀ-ପୁରୁଷମାନେ କହନ୍ତି ।

ଏଇଟା କ'ଣ ସମ୍ଭବ କି ଯେ ଯେଉଁ ପ୍ରେତସତ୍ତା ବା ସତ୍ତାମାନେ ଆମ ସହିତ ସଂପର୍କ ରଖିବାକୁ ଚେଷ୍ଟାକରୁଛନ୍ତି ବୋଲି ମୁଁ ଅନୁମାନ କରୁଥିଲି ସେମାନେ ଏ ଅଦ୍ଭୁତ କାଣ୍ଡ ଘଟାଇ ଆମକୁ ଭୟଭୀତ କରିବାକୁ ଚାହୁଥିଲେ ? ସେମାନେ ଚାହିଲେ ଯେ ଆମର ପ୍ରଭୂତ କ୍ଷତି କରିପାରନ୍ତି, ଏପରିକି ଯାହାକୁ ଇଚ୍ଛା ତାହାକୁ ଏମିତି ମାରି ଦେଇପାରନ୍ତି– ଏକଥା କ'ଣ ସେମାନେ ସୂଚାଇ ଦେବାକୁ ଚାହୁଥିଲେ ?

ହୋଇପାରେ ଏ ସବୁ ମୋର ଅନୁମାନ ମାତ୍ର । ସନ୍ଦେହ ଦୂର କରିବା ପାଇଁ ଏକମାତ୍ର ଉପାୟ ହେଲା ସେଇମାନଙ୍କୁ ହିଁ ପଚାରିବା ଏବଂ ସେଇ କାର୍ଯ୍ୟ ନ କରିବାକୁ ମୁଁ ଏକାନ୍ତ ଭାବରେ ଦୃଢ଼ ସଙ୍କଳ୍ପବଦ୍ଧ ଥିଲି । ଅବଶ୍ୟ ସ୍ୱୀକାର କରିବାରେ ମୋର ଆଦୌ ଦ୍ୱିଧା ନାହିଁ ଯେ ମୁଁ ସେତେବେଳେ ଖୁବ୍ ଦୁର୍ବଳ ଅନୁଭବ କରିଥିଲି । ଯେ କୌଣସି ମୁହୂର୍ତ୍ତରେ ଯେ କୌଣସି ଘଟଣା ଘଟିଯାଇପାରେ ବୋଲି ମୋ ମନରେ ଆଶଙ୍କା ଆଣିଦେଇଥିଲା । ମୁଁ ଦୃଢ଼ ଭାବରେ ଇଷ୍ଟ ସୁମରଣା କରି ସେ ସମୟ ପାରି ହୋଇଥିଲି ।

Digitized by srujanika@gmail.com

॥ ୧୭ ॥

ପ୍ରେତସତ୍ତାମାନଙ୍କ ସହିତ ମୁଁ ମୋର ସ୍ୱାନୁଭବ ଯଥା ସମ୍ଭବ ମୁକ୍ତ ଏବଂ ଯୁକ୍ତିନିଷ୍ଠ ମନରେ ବିଚାରକଲାପରେ କୌଣସି ଅତିରଞ୍ଜନ ବା ରଚନା କୌଶଳ ପ୍ରୟୋଗ ନ କରି ପ୍ରକାଶକରିଛି । ଆଶା କରିଛି ଯେ ପାଠକ ମୋ ସହିତ ଏକମତ ନ ହେବାର ଅଧିକାର ସର୍ବଦା ଜାରିରଖିବେ, କାରଣ କୌଣସି ମତ ଅନ୍ୟଦ୍ୱାରା ପ୍ରଭାବିତ ନ ହେବା ଉଚିତ । ସେଥିପାଇଁ ସବୁ କ୍ଷେତ୍ରରେ ମୁଁ କୌଣସି ନିଷ୍ପତ୍ତିମୂଳକ ବାକ୍ୟ ଉଚ୍ଚାରଣ ନ କରିବାକୁ ଚେଷ୍ଟାକରିଛି । ମୋ ମତରେ ଏପରି ଏକ ବିଷୟରେ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ନେବା ସମ୍ଭବ ନୁହେଁ । ଏଥିରେ ଅଜସ୍ର ପ୍ରଶ୍ନ ପଚରାଯାଇପାରେ । ହୁଏତ ତା' ଭିତରୁ ଅଧିକାଂଶର ଉତ୍ତର ନାହିଁ କିମ୍ବା ଯଦି ଅଛି ତାହା ଶେଷ ବା ଚୂଡ଼ାନ୍ତ ଉତ୍ତର ନୁହେଁ । ସେଇଭଳି ଏକ ଅସମାହିତ ପ୍ରଶ୍ନର ପୃଷ୍ଠଭୂମିରେ ଏ ବିବରଣୀର ସମାପ୍ତି ଘୋଷଣା କରୁଛନ୍ତି ।

ଯାପରେ ତା'ହେଲେ କ'ଣ ?

ଏ ବିଷୟରେ ମଣିଷ ମନର ଅନନ୍ତ କୌତୂହଳ ସନ୍ତୁଷ୍ଟ କରିବା ପାଇଁ କାହାରି ସାମର୍ଥ୍ୟ ନାହିଁ । ଇହକାଳ ପରକାଳର ମଧ୍ୟରେଖା ସ୍ୱରୂପ ମୃତ୍ୟୁକୁ ପାରି ହୋଇଗଲା ପରେ ତେଣିକି ଏକ ଅଜ୍ଞାତ ରହସ୍ୟମୟ ରାଜ୍ୟ । ତାର କୌଣସି ପ୍ରତ୍ୟକ୍ଷ ପ୍ରାଞ୍ଜଳ ଅନୁଭବ ଜଗତରେ କାହାରି ନାହିଁ । ଯେଉଁମାନେ ଆପାତମରଣ ବା near death ଭୋଗ କରି ପୁନର୍ଜୀବିତ ହୋଇଛନ୍ତି, ସେମାନଙ୍କର ଅଜସ୍ର ବିବରଣୀ ଲିପିବଦ୍ଧ କରାଯାଇଛି । ସେଥିରୁ କେବଳ ମଧ୍ୟଭୂମିର କିଛି ଆଭାସ ମିଳେ, କିନ୍ତୁ ପାରଲୌକିକ କୌଣସି ନିର୍ଦ୍ଦିଷ୍ଟ ଇଲାକା ଦିଶେ ନାହିଁ । ଅତଏବ ପ୍ରେତଲୋକ ବିଷୟରେ ପ୍ରେତସତ୍ତାମାନେ ହିଁ କିଛି କହିପାରିବେ । କିନ୍ତୁ ମନେହୁଏ ଯେ, ଉପସ୍ଥିତ ବ୍ୟବସ୍ଥାରେ ପରଲୋକ ଏପାରିର ମଣିଷମାନଙ୍କ ପାଇଁ ଏକ ନିଷିଦ୍ଧ ଅଞ୍ଚଳ । କିଛି କିଛି ପ୍ରେତସତ୍ତା ସ୍ଥଳବିଶେଷରେ କୌଣସି ମାଧ୍ୟମରେ ଯାହା ପ୍ରକାଶ କରିଥାନ୍ତି ତାହା ଏକ ବିରଳ ବ୍ୟତିକ୍ରମ । କିନ୍ତୁ ସାଧାରଣ ନିୟମ ହେଲା ଯେ ଯେଉଁ ମଧ୍ୟରେଖାଟି ଏ ଦୁଇ ରାଜ୍ୟକୁ ଅଲଗା କରେ ତାହା ଆମ ପାଇଁ ମୃତ୍ୟୁ ଏବଂ ତାଙ୍କ ପାଇଁ ଜନ୍ମ; ସେଇଠି ଆମେ ଶରୀର ତ୍ୟାଗ କରୁ, ସେମାନେ ଶରୀରରେ ପ୍ରବେଶକରନ୍ତି । ଗୋଟିଏ ଜଗତର ଅନୁଭବ ଏବଂ ତାର ସ୍ମୃତି ଅନ୍ୟ ଜଗତକୁ ସଂଚାରିତ ହୁଏ କି ନାହିଁ ତାହା କହିବା କଠିନ, କାରଣ ତାର ଉତ୍ତର ଉଭୟ 'ହଁ' ଏବଂ 'ନାହିଁ' । ମୋଟାମୋଟି ଭାବରେ

Digitized by srujanika@gmail.com

କିନ୍ତୁ ପରଲୋକ ଆମପାଇଁ ଯେତିକି ଅଜ୍ଞାତ ଏବଂ ଅଗମ୍ୟ, ଇହଲୋକ ମଧ୍ୟ ତାଙ୍କ ପାଇଁ ସେତିକି ଅଜ୍ଞାତ ଓ ଅଗମ୍ୟ ହେବା କଥା । କିନ୍ତୁ ପ୍ଲାଞ୍ଚେଟ୍‌ରେ କିମ୍ବା ପ୍ରେତଲେଖ ବା spirit writingରେ ଅନ୍ୟପ୍ରକାର ସୂଚନା ମିଳେ । ମନେହୁଏ ପ୍ରେତସତ୍ତାମାନେ ଆମମାନଙ୍କ ଅପେକ୍ଷା ବେଶି ଜାଣନ୍ତି ଏବଂ ଦେଖନ୍ତି । ହୋଇପାରେ ଯେ ଅନନ୍ତ କୋଟି ପ୍ରେତସତ୍ତାମାନଙ୍କ ଭିତରୁ ଏଇ କେତେଜଣ କେବଳ ବ୍ୟତିକ୍ରମ, ଅନ୍ୟମାନେ ଇହଲୋକ ବିଷୟରେ ହୁଏତ ଜାଣନ୍ତିନାହିଁ, କୌଣସି ବିଷୟ ତାଙ୍କର କିଛିହେଲେ ମନେପଡ଼େ ନାହିଁ ।

ଯେ ଯାହାହେଉ, ଏ ସଂକ୍ରାନ୍ତରେ ସବିଶେଷ ଆଲୋଚନା ପରେ ଉତ୍ତର ଅପେକ୍ଷା ପ୍ରଶ୍ନ ହିଁ ଅଧିକ । ମୋର ସୀମିତ ଉଦ୍ଦେଶ୍ୟ ହେଲା ଯେ ପ୍ରେତସତ୍ତାମାନଙ୍କର ସ୍ଥିତି ଏବଂ ସେମାନଙ୍କ ସହିତ ସମ୍ପର୍କର ସମ୍ଭାବନାକୁ ଯେଉଁମାନେ ଅନ୍ଧବିଶ୍ୱାସ କହି ଏଡ଼େଇ ଯିବାକୁ ଚାହାନ୍ତି ସେମାନେ ଆଉଥରେ ତାକୁ ବିଚାରକରନ୍ତୁ, କାରଣ ପରୀକ୍ଷା ନ କରି କୌଣସି ବିଷୟରେ ବିଶ୍ୱାସ ଏବଂ ଅବିଶ୍ୱାସ ସମ ପରିମାଣରେ ଅନ୍ଧ ।

ଏଣୁ କିଛି ପ୍ରଶ୍ନ ଉତ୍ତର ଏବଂ ବିଚାରର ଅବତାରଣା କରିବା ଉଚିତ ମନେ କରୁଛି ।

— ପ୍ରେତସତ୍ତା ବୋଲି କିଛି ଅଛି କି ?

ନିଶ୍ଚୟ ଅଛି । ସେ ବିଷୟରେ ବ୍ୟକ୍ତିଗତ ଭାବରେ ମୋର କୌଣସି ସନ୍ଦେହ ନାହିଁ । ସେମାନଙ୍କର ସଂଜ୍ଞା, ସ୍ୱରୂପ, ଆଚରଣ ଅଥବା ଆଉ କିଛି ଚିହ୍ନଟ ହୁଏତ ମୁଁ ଦେଇପାରିବି ନାହିଁ । କିନ୍ତୁ ସେମାନଙ୍କର ଉପସ୍ଥିତି, ତାଙ୍କର ସହଯୋଗ ଏବଂ ଏକ ସ୍ୱତନ୍ତ୍ର ଭୂମିରେ ଥାଇ ମୌଳିକ ଚିନ୍ତା ଓ ବିଚାର ପ୍ରକାଶ କରିବାରେ ସେମାନଙ୍କର ସାମର୍ଥ୍ୟକୁ ଅସ୍ୱୀକାର କରିବା ସମ୍ଭବ ନୁହେଁ ।

ସେମାନେ କ'ଣ ଏ ଜଗତର ପରିଚୟ ବହନ କରିଥାନ୍ତି ? ଅର୍ଥାତ୍ ଏଠି ଶରୀର ଧାରଣ କରିଥିବା ବେଳେ ସେମାନେ ଯେଉଁ ଚିନ୍ତା, ଚେତନା, ରୁଚି ଓ ନାମ, ରୂପ ନେଇ ପରିଚିତ ଥିଲେ ମୃତ୍ୟୁ ପରେ କ'ଣ ତାହା ସେଇଭଳି ରହିଥାଏ ?

ସେପରି ରହିବାର କୌଣସି ଯୁକ୍ତି ନାହିଁ । କାରଣ ଶରୀରର ପତନ ପରେ ଶରୀର ସମ୍ବନ୍ଧୀୟ ସମସ୍ତ ପରିଚୟ ଲୋପ ପାଇଯିବା କଥା । ହୁଏତ ପାଇଯାଏ । ପରିସ୍ଥିତି ଭେଦରେ କେବଳ କେତେଜଣ ଏ ଜଗତର ଜାତିସ୍ମରମାନଙ୍କ ପରି ପୂର୍ବ ସ୍ମୃତି ଧାରଣ କରିପାରନ୍ତି ।

ଅଶରୀରୀ ସତ୍ତା ରୂପ ଯଦି ପ୍ରକାଶ ପାଏ, ତେବେ ତାହା ମୃତ୍ୟୁ ପୂର୍ବର ଆକାର ପ୍ରକାର ନେଇ ପ୍ରକାଶ ପାଇଥାଏ । ଏଣୁ ଜଣକର ପ୍ରେତସତ୍ତା ଆଉ ଜଣକ ପରି ଦିଶିବାର ଦୃଷ୍ଟାନ୍ତ ନାହିଁ । ବିଶେଷ କ୍ଷେତ୍ରରେ ଜଣେ ଆଉ ଜଣକର ଛଦ୍ମରୂପ ନେଇପାରେ କି ନାହିଁ ତାହା ମଧ୍ୟ ଜଣାନାହିଁ । ପୂର୍ବ ରୂପରେ ଦିଶିବାର କାରଣ ନିଶ୍ଚିତ ନୁହେଁ ।

Digitized by srujanika@gmail.com

ତେବେ କୁହାଯାଏ ଯେ physical formର ଅବିକଳ ଅନୁରୂପ vital formରେ ସତ୍ତା କିଛିକାଳ ଥାଏ । ସେଇ ଅବସ୍ଥାରେ ସେପରି ଆଭାସ ଦେଖାଦେଇପାରେ ।

—କେତେ କାଳ ଧରି ପ୍ରେତସତ୍ତା ରହିପାରେ ?

ସେମାନଙ୍କୁ ପଚାରିବାରେ ସେମାନେ କହନ୍ତି ଯେ ସେମାନେ ଦେଶକାଳର ବହିର୍ଭୂତ ହୋଇଯାନ୍ତି । ତେବେ ସେଇ ଅବସ୍ଥାରେ ରହିବା ବୋଧହୁଏ ଇହଜଗତର ଆୟୁଷ ଭଳି କାହାପାଇଁ କେତେ ହୋଇପାରେ । ଶୁଣାଯାଏ ଯେ Tower of Londonରେ ଯେଉଁମାନଙ୍କୁ ହତ୍ୟାକରାଯାଇଥିଲା ତା ଭିତରୁ କେତେଜଣ ତିନିଶହ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଆବିର୍ଭୂତ ହେଉଥିଲେ । ଅଥଚ ଭାରତବର୍ଷରେ ମୃତ୍ୟୁ ପରେ ପରେ ପୁଣି ଜନ୍ମ ହୋଇ ପୂର୍ବ ସ୍ମୃତି ଧାରଣ କରିଥିବାର ଦୃଷ୍ଟାନ୍ତ ଏକାଧିକ ।

—ଯେଉଁମାନେ ଇହଜଗତରେ ମହାନ୍ ପୁରୁଷ ରୂପେ ପରିଗଣିତ ସେମାନେ କେମିତି ପୁଣି ପ୍ରେତଭୂମିରେ ରହି ଆମମାନଙ୍କ ସହିତ ସମ୍ପର୍କ ରକ୍ଷା କରନ୍ତି ? ସେମାନେ କ'ଣ ମୁକ୍ତ ନୁହନ୍ତି ?

ସେମାନେ ମୁକ୍ତ, କିନ୍ତୁ ସ୍ୱେଚ୍ଛାରେ କୌଣସି ଅଜ୍ଞାତ କାରଣରୁ ସେମାନେ ଆମର ଆବାହନକୁ ସ୍ୱୀକାର କରିଥାନ୍ତି– ଯେମିତି ନିଗମାନନ୍ଦ ଆମକୁ ଦୟାକରିଥିଲେ ।

—ସେ ଯେ ନିଗମାନନ୍ଦ ୟାର ପ୍ରମାଣ କ'ଣ ଅଛି କି ?

ପ୍ରମାଣ ସବୁକଥାର ସବୁବେଳେ ଦିଆଯାଇପାରେନାହିଁ । ଏଠି ମଧ୍ୟ ସ୍ପଷ୍ଟ ଦିବାଲୋକରେ ସମସ୍ତଙ୍କ ସାମ୍ନାରେ ରୂପ ଧାରଣ କରି ନିଜକୁ ପ୍ରମାଣିତ କରିବାର ପ୍ରୟୋଜନ ତାଙ୍କ ପାଇଁ ନାହିଁ । ତେବେ ମୋର ସେଥିରେ ସନ୍ଦେହ କରିବାକୁ ଇଚ୍ଛା ନାହିଁ । କାରଣ ସେ ଯାହାସବୁ କହିଛନ୍ତି, ତାହା ତାଙ୍କ ଭଳି ଉଚ୍ଚକୋଟୀର ମହାପୁରୁଷ ନ ହେଲେ କହିପାରିନଥାନ୍ତେ । ତେବେ ଅନ୍ୟ ପ୍ରମାଣ ବି ନାହିଁ । ଯେ କେହି ଏହାକୁ ଅସ୍ୱୀକାର କଲେ ତାକୁ ବୁଝାଇବାର ଉପାୟ ମଧ୍ୟ ନାହିଁ ।

—ପ୍ଲାଞ୍ଚେଟ୍‌ରେ ପ୍ରେତସତ୍ତା କାହିଁକି ଆସନ୍ତି ?

ତାହା ଏକ ରହସ୍ୟ । ଯେଉଁ ଇଂରାଜୀ ବର୍ଣ୍ଣମାଳାଦ୍ୱାରା ପରିବେଷ୍ଟିତ ବୃତ୍ତଚିତ୍ର ଅଙ୍କନ କରି ପ୍ଲାଞ୍ଚେଟ୍ ଡକାଯାଏ ତାର କ'ଣ ପ୍ରଭାବ କହିବା କଠିନ । ବୋଧହୁଏ ତାକୁ କାଢ଼ିନେଲେ ବି ସେମାନେ ଆସିବେ । ଯେଉଁ ତିନିଜଣଙ୍କ ସ୍ପର୍ଶ ସେ ଠିପିଟି ଉପରେ ଅଛି, ସେମାନେ ହିଁ ମାଧ୍ୟମ, ଏଣୁ ତାଙ୍କ ଆବାହନରେ କିମ୍ବା ଯେ କୌଣସି ସତ୍ତାକୁ ଖୋଲାମନରେ ଗ୍ରହଣ କରିବାର ପ୍ରସ୍ତୁତି ଉପରେ ସେମାନଙ୍କ ଆସିବା ନିର୍ଭର କରେ । ବୃତ୍ତଟିର ପ୍ରୟୋଜନ ହେଲା ଯେ ବୋଧହୁଏ ସତ୍ତାଟା ଯେତେବେଳେ ଆମ ପ୍ରଶ୍ନର ଉତ୍ତର ଦେବାକୁ ଚାହୁଥାଏ, ତାକୁ ସାହାଯ୍ୟ କରିବାକୁ ଅକ୍ଷରଯାକ ଲେଖା-ହୋଇ ରହିଥାଏ । ଶବ୍ଦଗୁଡିକ ବନାନ୍ କରି ଗୋଟିଏ ଗୋଟିଏ ଅକ୍ଷରକୁ ଦେଖାଇ ସେ

Digitized by srujanika@gmail.com

ତା'ର ଉତ୍ତର ଦେଇଥାଏ । କିନ୍ତୁ ଯା' ଅପେକ୍ଷା spirit writing ଆହୁରି ଶକ୍ତିଶାଳୀ ଏବଂ ସେଥିରେ ସତ୍ତାର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ପ୍ରକାଶପାଏ ।

– ପ୍ଲାଞ୍ଚେଟ୍ ପାଇଁ କୌଣସି ବିଶେଷ ନିୟମ ଅଛି କି ?

ବୋଧହୁଏ ଥାଇପାରେ । ପ୍ରଥମେ ପ୍ରଥମେ ରାତିର ନିର୍ଜନ ପ୍ରହରରେ ଈଷତ୍ ଆଲୁଅରେ ତାହା କରାଯାଉଥିଲା । ଖୁବ୍ ଗମ୍ଭୀର, ରହସ୍ୟମୟ ଏବଂ ଭୀତିପ୍ରଦ ପରୀକ୍ଷା । ଆମେ କିନ୍ତୁ ତାକୁ ସରଳ ଏବଂ ସହଜ କରିନେଇଥିଲୁ । ଦିନ ହେଉ ଅଥବା ରାତି, ସେଥିରେ କିଛି ଯାଏ ଆସେ ନାହିଁ । ତିନିଗୋଡ଼ିଆ ଟେବୁଲ୍ କିମ୍ୱା ଓଲଟାଇ ଦିଆଯାଇଥିବା କପ୍‌ର ମଧ୍ୟ ପ୍ରୟୋଜନ ନାହିଁ । ଏହାଦ୍ୱାରା ପ୍ରମାଣିତ ହେଲା ଯେ, ଆନୁଷଙ୍ଗିକ ଉପଚାରର କୌଣସି ଗୁରୁତ୍ୱ ନାହିଁ ।

ଏତେ ସହଜ ଏବଂ ସରଳ ଉପାୟରେ ପ୍ରେତସତ୍ତାମାନଙ୍କୁ ଆବାହନ କରିବା କାର୍ଯ୍ୟକୁ କାହିଁକି ମନା କରିଦିଆ ଗଲା ? କୁହାଗଲା ନିଆଁ ସଙ୍ଗେ ଖେଳ ନାହିଁ ?

ତାହା ବି ବୁଝିବା କଠିନ । ଯେ ଆମକୁ ସତର୍କ କରିଦେଇଥିଲେ, ତାଙ୍କର ବିଜ୍ଞତା ଏବଂ ଆମପ୍ରତି ସଦିଚ୍ଛା ଅନ୍ତତଃ ଅସ୍ୱୀକାର କରି ହେବ ନାହିଁ । ସେ ସୂଚନା ଦେଉଥିଲେ ଯେ ଏଥିରେ ମାତିଗଲେ କାଳେ ଯେ କୌଣସି ଦୁଷ୍ଟ ଶକ୍ତି ଶରୀରରେ ପ୍ରବେଶ-କରିଯାଇପାରେ ଏବଂ ଅନେକ କ୍ଷତି କରିପାରେ ।

ଏଣୁ ଯେ କେହି ପ୍ଲାଞ୍ଚେଟ୍ ଡାକି ସମ୍ଭାଳି ପାରିଲେ ହେଲା । ସାଧାରଣତଃ ପିଲାମାନେ ଏଥିରେ କୌତୂହଳରେ ପ୍ରବେଶ କରିଥାନ୍ତି ଏବଂ ପରେ ତାହା ବିପଜ୍ଜନକ ପ୍ରମାଣିତ ହୁଏ । ଏଣୁ 'Don't play with fire'– ତାହା କେବଳ ଆମ ପାଇଁ ନୁହେଁ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ।

ଏ ଭୂମି ଏବେ ମଧ୍ୟ ଅଜ୍ଞାତ । ଏଇଠି ପ୍ରବେଶକରି ଅପରିମେୟ ତଥ୍ୟ ସଂଗ୍ରହ କରାଯାଇପାରେ । କିନ୍ତୁ ସତର୍କ ରହିବାକୁ ହେବ । ସାଧୁ ସାବଧାନ !

□□□

Digitized by srujanika@gmail.com

ପରିଶିଷ୍ଟ

- ପ୍ରେତଲେଖା (Spirit Writing)ର କିଛି ଅଂଶ -

ଓଁ

11 wednesday

3rd August '72

୧. [illegible]

୨. [illegible]

[illegible]

12 thursday

[illegible]

7 a.m.

[illegible]

[illegible]

[illegible]

Digitized by srujanika@gmail.com

May 1966

friday 13

Saturday 14

Nigama

He is the TRUTH

Digitized by srujanika@gmail.com

ପୃଷ୍ଠା ୧୭୨ ରୁ ୩୦-

୧. ଆଦିତ୍ୟୋ ବା ଏଷ ଏତନ୍ମଣ୍ଡଳଂ ତପତି ।

୨. ତଦ୍ଦ୍ୱାରେ ତୁ ପ୍ରବଳା ବୌଃ ଦ୍ୱାରେ ସୁମେରୋଃ
ଛତ୍ରଂ ଚତୁର୍ଭୁଜୋ ବିଷ୍ଣୁ ପଶ୍ଚିମ ଦ୍ୱାର ପାଳକଃ ॥

ଶଙ୍ଖ ଚକ୍ର ଗଦା ପଦ୍ମ କିରୀଟାଦି ବିଭୂଷିତଃ
ଚଳତ୍ ଚତୁର୍ଭୁଜୋ ବିଷ୍ଣୁ ଶଂଖ ଚକ୍ର ଗଦାଧରଃ
କିରୀଟ କୁଣ୍ଡଳୋଦୀପ୍ତୋ ଦ୍ୱାରପାଳକ ଉତ୍ତରେ ॥

ପୀତଃ ଚତୁର୍ଭୁଜୋ ବିଷ୍ଣୁ ଶଂଖ ଚକ୍ର ଗଦାଧରଃ
ପୂର୍ବ ଦ୍ୱାରେ ଦ୍ୱାରପାଳଃ ମହାଲକ୍ଷ୍ମୀ ପରିଶୋଭିତଃ ।
ଶ୍ୱେତବର୍ଣ୍ଣ ଚତୁର୍ବାହୁ ଦକ୍ଷିଣ ଦ୍ୱାରପାଳକଃ
ବନମାଳା ଶୁଭାଙ୍ଗୋ ରତ୍ନ କୁଣ୍ଡଳ ମଣ୍ଡିତଃ ॥

ଅନୁବାଦ ବାହୁଁ ଅସାଧୁ
ଅସାଧୁଂ

He is the Truth.

My language

[illegible]

Why so grave?

tuesday 22

[illegible]

yes

yes — Anama

[illegible]

He came through you.

How ?

What how?

[illegible]

158

[illegible]

23 Wednesday

no not him

[illegible]

yes yes

[illegible]

why so suspicious

[illegible]

[illegible]

Then why he came?

[illegible]

yes — is visible —

[illegible]

no —

you cannot understand

24 thursday

what he sees.

[illegible]

no — false

[illegible]

ask her who wrote

[illegible]

no

[illegible]

She only showed through her

she can write

Digitized by srujanika@gmail.com

APRIL

Sun Mon Tue Wed Thu Fri Sat

March 1966

[illegible]

[illegible] 12 — 13 [illegible]

[illegible] 22 — 23

24 25 26 27 28 29 30

yes No name

friday 25

[illegible]

yes — wanted to tell you something which belong to him only

[illegible]

alright why so calm

express

[illegible]

Yes — 4 times

saturday 26

[illegible]

NO

[illegible]

China, Australia, Africa (forest), India.

NO

Digitized by srujanika@gmail.com

March 1966

Sun	Mon	Tue	Wed	Thu	Fri	Sat
		1	2	3	4	5
6	7	8	9	10	11	12
13	14	15	16	17	18	19
20	21	22	23	24	25	26
27						

[illegible]

27 sunday [illegible]

yes.

[illegible] variable?

variable [illegible]

yes for you.

[illegible]

yes [illegible]

What about Shaktisuta

WHAT

Darwin's Theory

weekly memo

[illegible]

Perhaps you will not believe that some persons were (extreme past for you) there when your favourite

Digitized by srujanika@gmail.com

APRIL						
Sun	Mon	Tue	Wed	Thu	Fri	Sat
					1	2
3	4	5	6	7	8	9
10	11	12	13	14	15	16
17	18	19	20	21	22	23
24	25	26	27	28	29	30

and everchanming galaxy Monday 28

[illegible]

you are not believing what I am telling

[illegible]

[illegible]

yes, correct.

[illegible]

tuesday 29

[illegible]

yes, (were) [illegible]

[illegible]

no [illegible]

[illegible]

yes

[illegible]

yes

[illegible]

Digitized by srujanika@gmail.com

Sun Mon Tue Wed Thu Fri Sat

[illegible]

30 wednesday only to show the presence of Atman Purusha

[illegible]

yes

yes it is your fault

[illegible]

Is it yours ? [illegible]

Forget

Read

[illegible]

No

[illegible]

Turn

Continuous

direct

Stages

[illegible]

No

[illegible]

yes

what ours

[illegible]

Digitized by srujanika@gmail.com

APRIL

Sun	Mon	Tue	Wed	Thu	Fri	Sat
3	4	5	6	7		
10	11	12	13	14	15	16
17	18	19	20	21	22	23
24	25	26	27	28	29	30

April 1966

[illegible]

yes, it is always there

Friday 1

~~[illegible]~~

yes

[illegible]

yes

10 - 3 - 39

[illegible]

saturday 2

— x —

ଏପରି ବିନ୍ଦୁଏ ।

ଆସିଥିଲେ, (ସବୁକାଳ) ଥାଉ କାହିଁ ?

ନିମା .. ବୁଝେ ।

YES . NO, WHY ?

- ନିତ୍ୟାନନ୍ଦ ଆସିବା ମାତ୍ରେ ଆଚମ୍ଭ କହିଦେଲେ —
Why so grave ?
- ଆଜ୍ଞା, ଏଠିମା ଅତି ଦୁର୍ବୋଧ୍ୟ ହୋଇଯାଉଛି । ସେ କିଏ ଆସିଥିଲେ କିଛି ଆମେ ବୁଝିଲୁ ନାହିଁ ।
Yes, Anāma
- ଓ, ସେ ତାଂ ହେଲେ ଅନାମଦେବ (ଅନାମ) । ସେ କିପରି ଆସିଲେ
He came through you.
- how ?
What how ?
- ତାଙ୍କ ଘର କେଉଁଠି ?
758
- ମୁଁ କ'ଣ କୌଣସି ଯୁଗରେ ତାଙ୍କୁ ଆବାହନ କରିଥିଲି !
no, not him.
- ସେ ତାଂ ହେଲେ ଯୁଗ ଯୁଗାନ୍ତରର ହୋଇ ଆସିଥିଲେ ?
yes, yes.
- ସେ କିଛି କହିଲେ ତାଙ୍କୁ ଦେଖିଲି ବିଶ୍ୱାସ ନାହାନ୍ତି, ତାଙ୍କ ପାଇଁ କ'ଣ ସେ ନାହାନ୍ତି ?
Why so suspicious ?
- ଆପଣମାନେ ଯାହା କହୁଛନ୍ତି ଆମେ ସେଥିରୁ କେତେ ଯାହା ବୁଝିବା କଥା, ତାଙ୍କୁ ଦେଖାଯାଉନି ବିଶ୍ୱାସ ନାହାନ୍ତି, ମୁଁ ଜାଣେ ଯୁଗରେ ସମ୍ମାନ ସେ ନାହାନ୍ତି ।
Then why he came ?
- ଆଜ୍ଞା, ଶୁଣ କହୁଛୁ କିଛି ଅନୁଭବ କରୁଛି ।
yes — is visible
- କେବେ କହିଲେ କିଛି ନାହିଁ ଦେଖି ।
no, you cannot understand what he sees
- ଆଜ୍ଞା ସେ ଯାହା କହିଲେ, ମୁଁ ଅନୁମାନ କିଛି ବୁଝିପାରିଲି ନାହିଁ । କିନ୍ତୁ ସେ ଇହାଙ୍କୁ 'very good' କହିଲେ ନା' କଣ !
no
- 'ହଁ' ହେଉଥିଲା
False, ask her who wrote
- ସେ ଯାହା ଦେଖୁଥିଲା, ତାହା ଲେଖୁଥିଲା, ତାଙ୍କୁ ପଚାରିଲେ ସେ କଣ କହିପାରିବ ?
no, she only showed. through her he can write
- କିନ୍ତୁ ଆଜ୍ଞା, ଲୋକ ଏପରି ଲେଖାକୁ [illegible] ଦେଖିବା ଲୋକେ [illegible] ଯାହାକୁ [illegible] !
yes, ~~the~~ harm
- ସେ ଭଲ ଲୋକ ନାଁ ଦେଇ ଯୁଗ ଯୁଗର ଲାଗିଲେ କି ?

Digitized by srujanika@gmail.com

- ନିଶାକାନ୍ତ ଆସିଥିଲା ମାତ୍ର ଆଉ କହୁ ନଥିଲେ —
Why so grave ?
- ଆଜ୍ଞା, ଏହିସା ଅତି ଦୁର୍ବୋଧ୍ୟ ହୋଇ ଯାଉଛି । ସେ କିଏ ଆସିଥିଲେ କିଛି ଆମେ ବୁଝିଲୁ ନାହିଁ ।
Yes, Anāma
- ଓ, ସେ ତାଙ୍କୁ ହେଲେ ଅନାମଦେବ୍ (ଅନାମ) । ସେ କିପରି ଆସିଥିଲେ
He came through you.
- how ?
What how ?
- ତାଙ୍କ ଘର କେଉଁଠା ?
758
- ମୁଁ କ'ଣ କୌଣସି ସୂତ୍ରରେ ତାଙ୍କୁ ଆବାହନ କରିଥିଲି !
no, not him.
- ସେ ତାଙ୍କୁ ହେଲେ ତୁମ ସୂତ୍ରାବଲମ୍ବ ହୋଇ ଆସିଥିଲେ ?
yes, yes.
- ସେ କିଛି କହିଲେ ତାଙ୍କୁ ଠାକୁର ଦେଖୁ ନାହାନ୍ତି, ତାଙ୍କ ପାଇଁ କ'ଣ ସେ କହନ୍ତି ?
Why so suspicious ?
- ଆପଣମାନେ ସାଧନା କରୁଛନ୍ତି ଆମେ ସେମାନେ ଏହା ସାଧନା ବୁଝିବା କଥା, ତାଙ୍କୁ ସେପରି ଦେଖୁ ନାହାନ୍ତି, ମୁଁ ଏପରି ଭାବେ ତାଙ୍କ ପାଇଁ ସେ କହନ୍ତି ।
Then why she came ?
- ଆଜ୍ଞା, ସେଠୁ ଲେଖୁ କିଛି ଅନୁଭବ କରୁଛି ।
yes — is visible
- ସେତେ କହିଲେ ଦେଖୁ ନାହିଁ ବୋଲି ।
no, you cannot understand what he sees
- ଆପଣ ସେ ସାଧନା କହିଲେ, ମୁଁ ଅନେକ କିଛି ବୁଝି ପାରିଲି ନାହିଁ । କିନ୍ତୁ ସେ ଏହାକୁ 'very good' କହିଲେ ନା' କଣ !
no
- 'ତୁମ' ଲେଖିଥିଲା
false, ask her who wrote
- ସେ ସାଧନା ଦେଖାଉଥିଲା, ଲେଖା ଲେଖୁଥିଲା, ତାକୁ ପଚାରିଲେ ସେ କ'ଣ କହି ପାରିବ ?
no, she only showed. through her he can write
- କିନ୍ତୁ ଆଜ୍ଞା, ମୋର ଏପରି ଭାବ ହେଉଛି ଅନୁଭୂତି ଆଦି କାହାଣୀ ସେହି ଭାବ ପ୍ରକାର ବୁଦ୍ଧି କଥା, ତାହା ଆମେ ସାଧାରଣ ଲୋକଙ୍କ ।
yes, ~~no~~ harm
- ସେ କାଳ ଏବେ ନ'ଦେଇ ସୁନ୍ଦର ରାଖିଲେ କି ?

Digitized by srujanika@gmail.com

yes, wanted to tell you something which belongs to him only. Alright, why so calm? express.

ଆଚ୍ଛା, ଗୋଟିଏ ପ୍ରଶ୍ନ ପଚାରିବି । ଆପଣ ଯୁଗ ଓ ସହସ୍ରାବ୍ଦରେ ନିର୍ମାଣ ସମୟରେ ଆସୁଥାଅ ହେଲେ । କିନ୍ତୁ ମାନବସୃଷ୍ଟିର ପ୍ରାରମ୍ଭରେ କୌଣସି କାରଣ ନଥିଲା ପୂର୍ବରୁ ସମ୍ଭବ, ପ୍ରଳୟ ଆଦି ପୂର୍ବରୁ ମଣିଷ ଚିହ୍ନ ନାହିଁ ଲୋକଙ୍କୁ ଦର୍ଶନ ଦେଇଛନ୍ତି ବା ଆସିଛନ୍ତି ? ଆପଣ ତା'ପରେ କେତେଥର ମଣିଷ ରୂପରେ ଜନ୍ମ କରିଛନ୍ତି ?

yes. 4 times.

- ସେମାନଙ୍କ ନାଁ ପ୍ରାଚୀନ ଗ୍ରନ୍ଥରେ

no.

- ସେହି ସମୟର ସ୍ଥାନ ଚାରୋଟି କହନ୍ତୁ, କୌଣସି ଅବଶେଷ ଅଛି କି ?

China, Australia, Africa (forest), India.

- no.

- ଆଉ ଗୋଟିଏ ପ୍ରଶ୍ନ । ଆପଣଙ୍କ ପୁସ୍ତକରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଯୁଗ ଅଛି ସେମାନଙ୍କ ନାମରେ । 'ନାନା' ଜନ୍ମ ପୂର୍ବରୁ ୧୦୦ ବର୍ଷରେ ଯୁଗ ଶେଷ ୨୦୭ (ଡଃ) ଯୁଗରେ ୧୦୦୦ ବର୍ଷ ଏ ଯୁଗ ଦଶଟି ହୋଇଥିଲେ ମୁଁ ୧୦୭ ହୋଇଥିଲେ ।

yes.

- ତା'ହେଲେ ପ୍ରତ୍ୟେକ ଯୁଗର ସମୟ କୌଣସି variable?

Variable.

- ମୋ ସମ୍ବନ୍ଧରେ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ଆସିବେ ।

yes, for you.

- ଏ ଅବତାରଙ୍କ ଏବଂ ଯାହାର ପରିକଳ୍ପନା କୋଉଟି ? ମୋର ଗୋଟିଏ ମାତ୍ର ସେହି ପ୍ରଶ୍ନ ମନରେ ଥାଏ ସମସ୍ତ ସମାଧାନ କରି ଏହା ଦେଇଥିବ ଜାଣିଛ ।

yes. what about Shaktistha (Darwin's theory)

(ସ୍ୱାମୀ) - ଆଜ୍ଞା ହଁ, ତାହା ବାହୁଁ ଜାଣିଛି କୌଣ କହିବ ?

Digitized by srujanika@gmail.com

- Perhaps you will not believe that some persons were (extreme past for you) there when your favourite and ever-charming galaxy. (was not there?)

- ଆଜ୍ଞା, ଆପଣ ସେମାନେ କହୁଛନ୍ତି ବିଶ୍ୱାସ ନ କରନ୍ତି କାହିଁକି?

you are not believing what I am telling.

- ନାହିଁ, ଆଜ୍ଞା ଏ ତୁମର ଭଲ ବୁଝିବା ଏପରି ବିଶ୍ୱାସ କାହା ସେ ତାଙ୍କୁ ଭୁଲି, ଆସ୍ତରକୁ ଯୋଗାଯୋଗ କେବଳ ମୋର ଜ୍ଞାନ ବଢି ପାରୁଛି ।

yes, correct.

• ଯଦି ଆପଣ ଥିଲେ, ତେବେ ଆତ୍ମା ରୂପରେ ଗୋଟିଏ ଶରୀରର କରୁଥିଲେ କି? ଆପଣ ଅନ୍ୟ ଜାଗା ଥିଲେ.. ମୁଁ ଠିକ୍ କହୁଛି?

.yes (were)

- ତାଙ୍କ ଯୋଗୁଁ ଏ ଅନ୍ୟ ଗୋଟିଏ ଜାଗା ଗ୍ରହରେ ସେଠି ଥିଲେ ସେମାନେ କ'ଣ ଜାଣୁଥିଲେ?

no

- ସେମାନେ ମୋଠାରୁ ଢେର ବିକଶିତ ଥିଲେ ।

yes

- ସେମାନଙ୍କର ଶରୀରରେ ଆତ୍ମା ଶକ୍ତି ଥିଲା?

yes.

- ଆମ ସଂଖ୍ୟା ମୋଟ କେତେ, ସେଥିରୁ କ'ଣ ଆତ୍ମା ସଂଖ୍ୟା କେତେ କି?

ସଂଖ୍ୟା ? -

- ଆଜ୍ଞା, ହଁ ! ଆପଣଙ୍କ ଏପରି ଏକ ଉକ୍ତିରୁ ଯେ 'ସାଧନାବଳ' ସମ୍ଭବନ୍ତୁ ଏଣି Humour ~~କହିବାକୁ~~ କରି ବୁଝିଥିଲେ । କିନ୍ତୁ 'ସମ୍ମାନରେ ଯୁକ୍ତ ଜୀବ ଜୀବସମ୍ପୂର୍ଣ୍ଣ ନ କରନ୍ତୁ ।' ସ୍ଥାନ ନେଇଥିବା ବୁଝି କରି ପ୍ରତ୍ୟେକ ଦେହରେ ଜାତିର ଆତ୍ମା ପ୍ରକୃତି ବୁଝିବା କିପରି ପାରୁଛି । ଏବଂ ଶରୀର ଯୋଗକୁ ମାତ୍ର ଜାତିର ଯୋଗ ଆମର ଚେତନା ହେଉଛି ।

* is only to show the presence of Atman Purusha.

- ତାଙ୍କୁ ଶରୀରର ସଂଖ୍ୟା ଅନୁସାରେ ଆତ୍ମାର ସଂଖ୍ୟା ନାହିଁ, ଯେତିକି ।

yes. it is your fault

- ଆଜ୍ଞା ପାରୁଛି, କହୁ ମୁଁ ମୋ ଭିତରେ ସାରା ଜୀବନ ଠିକ୍ ଚିନ୍ତା କରୁଛି । ମୋର ମୋ ପାଇଁ ଭଲ, ସେ ଏହି ଭୁଲ ହେଲା ମୁଁ କାମ କରିବାରେ । ଆପଣମାନେ ହିଁ ମୋତେ ବୁଝାଇବେ ।

Is it yours?

Digitized by srujanika@gmail.com

forget.

- ମୁଁ ଆପଣଙ୍କ [illegible] (ଶ୍ରୀ [illegible]) ଯେ [illegible]
ଲୋକମାନେ [illegible] ଥିଲେ, [illegible] ୩୮୨, [illegible] ୩୦୪.

no,

- ତାଙ୍କ [illegible] ଆରମ୍ଭ [illegible] ହୋଇଥିଲା ?

Continuous stages.

- ଆଉ [illegible] [illegible] ଆସିଥିଲେ ?

no.

- [illegible]

yes,

- [illegible] ଆପଣମାନଙ୍କର [illegible]

What ours ?

([illegible] [illegible])

- [illegible] ଆପଣମାନଙ୍କ [illegible]
[illegible]

yes, it is always there

ତାଙ୍କ [illegible]

yes. – no, yes.

–

- Perhaps you will not believe that some persons were (extreme past for you) there when your favourite and ever-charming galaxy. (was not there?)

- ଆଜ୍ଞା, ଆପଣ କେତେବେଳେ କଥାକୁ ବିଶ୍ୱାସ ନ କରନ୍ତି କାହିଁକି ?

you are not believing what I am telling.

- ନାହିଁ, ଆଜ୍ଞା ଏ ଯୁଗ ଏତ ଶୁଣିବା ଏପରି ବିଜ୍ଞାନୀ ମୋ ତାଙ୍କୁ ଭୁଇଁ, ଆପଣଙ୍କୁ ଯୋଗୀଙ୍କ ବେଳକୁ ମୋର ସନ୍ଦେହ ହଉ ନାହିଁ ।

yes, correct.

- ଯଦି ଆପଣ ଥିଲେ, ତେବେ ଆତ୍ମା ରୂପରେ ତାଙ୍କର ଅନୁଭବ କରୁଥିଲେ କି ? ଆପଣ ଅନ୍ୟମାନଙ୍କୁ ଥିଲେ .. ମୁଁ ଠିକ୍ ଛନ୍ତି ?

yes (were)

- ତା' ହେଲେ ଏ ଅନ୍ୟମାନେ ଜୀବ ରୂପରେ ନଥିଲେ ସେମାନେ କ'ଣ ଶରୀର ଥିଲେ ?

no

- ସେମାନେ କେବଳ ଚେତନା ବିନ୍ଦୁ ରୂପରେ ଥିଲେ ।

yes

- ସେମାନଙ୍କର ଶରୀରର ଆତ୍ମା ନାହିଁ ଥିଲା ?

yes.

- ଜୀବ ସଂଖ୍ୟା ଯେତିକି ବଢୁଛି, ସେତିକି କ'ଣ ଆତ୍ମା ସଂଖ୍ୟା ବଢୁଛି କି ?

ସଂଖ୍ୟା ? -

- ଆଜ୍ଞା, ✱ ! ଆପଣଙ୍କ ଏପରି [illegible] 'ଯାଦୁଗରୀ' ପ୍ରଭାବକୁ ମୁଁ Humour ~~[illegible]~~ କରି ବୁଝିଥିଲେ । କିନ୍ତୁ 'ମଣିଷମାନେ ମୁଁ ଏହା ଭୁଲ କରିବେ ନାହିଁ ।' [illegible] ମୁଁ ଏହି ଚାରି ପ୍ରକାର ରୂପରେ ଆସିବ ଆତ୍ମା ଶରୀର [illegible] ନିଆ ଯାଉଛି । ଏବଂ ସେହି [illegible] ଆସିବ ବୋଲି ଆମର ଧାରଣା ହେଉଛି ।

✱ is only to show the presence of Atman Purusha.

- ତା' ହେଲେ ଜୀବର ସଂଖ୍ୟା ଅନୁସାରେ ଆତ୍ମାର ସଂଖ୍ୟା ନାହିଁ, ସେହିଭଳି.

yes. it is your fault

- ଆଜ୍ଞା ମାନୁଛି, [illegible] ମୁଁ [illegible] ଯାହା ବୋଲୁଛି ତାହା [illegible] କରୁଛି । [illegible] ମୁଁ କାମ କରିବାରେ । ଆପଣମାନେ [illegible] ବୁଝିବେ ।

Is it yours ?

Digitized by srujanika@gmail.com

forget.

- ମୁଁ ଆପଣଙ୍କୁ ପୂର୍ବ ଥର (ଶ୍ରୀରାମକୃଷ୍ଣଙ୍କ ଠାରୁ) ଯେ ଉଦାହରଣ କେମିତି ପ୍ରଶ୍ନ ପଚାରିଥିଲି, ଗୋଟିଏରେ [illegible], ଆଉଟିରେ [illegible].

no.

- ମୋ ଭିତରେ କାମ ଆରମ୍ଭ ହୋଇଯାଇଛି?

Continuous stages.

- ଆଉ କିଛି ନୂଆ ପ୍ରଶ୍ନ କଣ ପୂର୍ବରୁ ଆସିଛନ୍ତି?

no.

- ଲୋକେ ଉଦ୍ଧାର ହେଉଛନ୍ତି.

yes.

- ଗୁରୁ ଆଜ୍ଞା, ଆପଣମାନଙ୍କର କୃପା ହେଲେ ପାରିବେ.

What ones?

[ଏହା [illegible] ମୁଁ ପଚାରିବାରୁ ଏ ସବୁ ଶିଷ୍ୟ ଦ୍ୱାରା ମୋତେ ସମ୍ପର୍କ କରିବା ଶିଖିଲେ କହିଲେ)

- ଗୁରୁଜୀ, ମୋ ଭିତରେ କ୍ରିୟା ଓ ଜୀବନ ଶୈଳୀରେ ଶ୍ରୀ ଆସିଗଲେ। ମୁଁ ଜୀବନ ସାଧନାରେ ଆପଣମାନଙ୍କର ଆଶୀର୍ବାଦ, ପ୍ରତିଷ୍ଠା ଦେଲେ ଏ ଗୁରୁ ମାର୍ଗରେ ଦିନ ବଢୁଛି.

yes, it is always there

ମୋ ଭିତରେ ଆଉ ଅନୁଭବ ନାହିଁ.

yes - no, yes.

Digitized by srujanika@gmail.com

May 1966

ଓଁ ପରମାତ୍ମନେ ନମଃ

୨୮.୭.୭୭. monday 2

ନିଶ୍ଚ ଯାଥାରେ ଖୋଲ ନାହିଁ ।

[illegible]

[illegible] ?

ନା, ତେବେ [illegible] ଭିତରେ [illegible]

Beta may come to mix in you.

ସେଇଁମାନେ [illegible] ।

ଏ [illegible] ?

ଆସିବେ ଯଦି ତୁମେ [illegible] tuesday 3

clairvoyance.

ତେବେ, [illegible]

[illegible]

[illegible]

[illegible] ?



[illegible]

ଓଁ ଶ୍ରୀ [illegible]

[illegible] ?

No, came to warn you

କିମ୍ବା ସାଧାରଣ ଲୋକମାନଙ୍କୁ ।

— ଶ୍ରାଦ୍ଧର ଉଦ୍ଦେଶ୍ୟରେ ଏଭଳି ମନ୍ତ୍ରୋଚ୍ଚାରଣ ସଂସ୍କାରକୁ
ଆମ କାହିଁକି କାଣ ଦେଖାଉ ?

ମାଁ ଶେଷ ଶ୍ରାଦ୍ଧରେ ଆସନ୍ତି preta may
come to mix in you.

....ଦୋହମାନ ସ୍ମୃତି ସ୍ମୃତି ,

— ଏ ଶ୍ରାଦ୍ଧରୁ କାଣ ଆସି ପାରିବ ?
ଆସିବ, ଯଦି ତୁମେ କ୍ଷମତା ଗ୍ରହଣ କରିବ
Clairvoyance ?

— ହେଉ, ଏହା ବିଶ୍ୱାସ କରୁଛି । କିନ୍ତୁ ଆପଣଙ୍କ ଶ୍ରାଦ୍ଧକୁ
ବାରମ୍ବାର ଏମିତି ଦେଖାନ୍ତି କାଣ ? କିମ୍ବା ତାଙ୍କ ଆପଣଙ୍କୁ
ଜଣାଇବାକୁ ଚାହାଁନ୍ତି ?

— ଏ ସମ୍ପର୍କରେ ମୋତେ ଜଣାଇବାକୁ ଚାହାଁନ୍ତି ?

no, came to warn you.

——— ———

ଚନ୍ଦ୍ରଶେଖର ରଥ – ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତାଙ୍କର ପ୍ରଥମ ଆବିର୍ଭାବ ୧୯୬୨ରୁ । ଆରମ୍ଭ ସମୟରୁ ଅଦ୍ୟାବଧି ତାଙ୍କର ଲେଖନୀ ଧାରାସ୍ରାବୀ ଓ ପ୍ରତ୍ୟେକ ବର୍ଗରେ ସେ ଯଶସ୍ବୀ ।

୧୯୬୩, ୧୯୬୭ ଓ ୧୯୭୨ରେ ବିଷୁବ ସମ୍ମାନ ପୁରସ୍କାର ଓ ପ୍ରଶଂସାପତ୍ର/ ୧୯୭୯ 'ଧରିତ୍ରୀ ସମ୍ମାନ'/୧୯୮୦ ଉପନ୍ୟାସ 'ଅସୂର୍ଯ ଉପନିବେଶ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର/୧୯୮୧ 'ଅଶ୍ରୁତ ସ୍ୱର' ମୌଳିକ ନିବନ୍ଧ ସଂକଳନ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର/୧୯୮୧ 'ସମ୍ରାଟ ଓ ଅନ୍ୟମାନେ' କ୍ଷୁଦ୍ରଗଳ୍ପ ପାଇଁ ଶାରଳା ପୁରସ୍କାର / ୧୯୮୯ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭରତଚନ୍ଦ୍ର ସ୍ମାରକୀ ସାହିତ୍ୟ ପୁରସ୍କାର / ୧୯୯୭ ଜଗନ୍ନାଥ ସମ୍ମାନ/ ୧୯୯୭ 'ସବୁଠାରୁ ଦୀର୍ଘରାତି' କ୍ଷୁଦ୍ରଗଳ୍ପ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ।

ଓଡ଼ିଆ ସାହିତ୍ୟରେ ତାଙ୍କର ଅବଦାନ – ୩ଟି ଉପନ୍ୟାସ, ୧୧ଟି ନିବନ୍ଧସଂକଳନ, ୧୨ଟି କ୍ଷୁଦ୍ରଗଳ୍ପ ସଂକଳନ । ନିବନ୍ଧ କ୍ଷେତ୍ରରେ 'ରଥସପ୍ତକ' ତାଙ୍କର ଅନବଦ୍ୟ ସୃଷ୍ଟି । ଆଧ୍ୟାତ୍ମିକ ମନନ ଗ୍ରନ୍ଥ-ପାଠଚକ୍ର ଡାଏରୀର ୨ଟି ଭାଗ । ଉଚ୍ଚକୋଟିର ଭାବତାତ୍ତ୍ୱିକ ରଚନା । ଅନୁବାଦ – ସାଗର ବିହଙ୍ଗ ଓ ଶାଙ୍କର ଗୀତାଭାଷ୍ୟ । କବିତା – ତୁମ ପାଇଁ ପକ୍ଷୀଗାନ । ଚନ୍ଦ୍ରଶେଖର ନିବନ୍ଧକାର, ଗାଳ୍ପିକ, ଔପନ୍ୟାସିକ, କବି, କଳାକାର, ବାଗ୍ମୀ । ଓଡ଼ିଶାରେ, ଭାରତରେ ତଥା ଆମେରିକାରେ ବହୁ ସମ୍ମାନିତ ବକ୍ତା । ତାଙ୍କର ସୃଜନଶୀଳ ପ୍ରତିଭା ଅଦ୍ୟାବଧି କ୍ରିୟାଶୀଳ ।

Digitized by srujanika@gmail.com